# ନାଲିଲହରୀ

ଶ୍ରୀ ବ୍ରଜକିଶୋର ବସୁ

ପ୍ରଥମ ସଂସ୍କରଣ—୧୯୪୫

ମୂଲ୍ୟ ଦେଢଟଙ୍କା

ପ୍ରକାଶକ—
କୃଷ୍ଣ ଭଣ୍ଡାର
ଚୌଧୁରୀ ବଜାର କଟକ

## ଉତ୍ସର୍ଗ ପତ୍ର

ଯାହାଙ୍କର ମହନୀୟ ଆଦର୍ଶ, ନିରାଡ଼ମ୍ବର

ଜୀବନ, ସ୍ନେହଶୀଳ ହୃଦୟ, ଅନୁକ୍ଷଣ

ଚିନ୍ତାକରି ମୁଁ ବନ୍ଦନା କରେସେହି

ପୂଜ୍ୟପାଦ ପିତୃଦେବଙ୍କର

ଚରଣ ପ୍ରାନ୍ତରେ

'ନୀଳଲହରୀ'

ଉତ୍ସର୍ଗ

କଲି

**ବ୍ରଜକିଶୋର**

# ଗ୍ରନ୍ଥ ପ୍ରବେଶ

ଓଡ଼ିଆରେ ଗଳ୍ପ ସାହିତ୍ୟର ଇତିହାସ ଅତି ପ୍ରାଚୀନ ନୁହେଁ । ବହୁ ପୂର୍ବକାଳରୁ ଓଡ଼ିଆ ସାହିତ୍ୟରେ କାବ୍ୟକବିତା ପ୍ରଚଳିତ ଥିଲା, କବିତାର ରସାସ୍ୱାଦନ କରି ଜନସାଧାରଣ ତୃପ୍ତ ଓ ଆନନ୍ଦିତ ହେଉଥିଲେ, ଅଳଙ୍କାରର ଯଥାଯଥ ବ୍ୟବହାର ମଧ୍ୟରେ କବିପ୍ରତିଭାର ସ୍ଫୁରଣ ହେଉଥିଲା । ଧର୍ମ ଏବଂ ପ୍ରେମର ସମନ୍ୱୟରେ ଏକ ବିଶାଳ ସାହିତ୍ୟ ଓଡ଼ିଶାର ପୃଷ୍ଠଭୂମିରେ ଗଢ଼ି ଉଠିଥିଲା । ଏହି ସାହିତ୍ୟ ସରସ ଓ ମନୋଜ୍ଞ ଥିଲେହେଁ ବହୁମୁଖୀ ନ ଥିଲା ଓ ବର୍ତ୍ତମାନ ଯେଉଁ ସବୁ ରଚନା ସାହିତ୍ୟର ଅପରିହାର୍ଯ୍ୟ ଅଙ୍ଗ ବୋଲି ପରିଗଣିତ ହେଉଅଛି ସେମାନଙ୍କ ମଧ୍ୟରୁ ଅଧିକାଂଶ ସେଥିରେ ଉପେକ୍ଷିତ ହେଉଥିଲା । ବିଶେଷରେ ଗଦ୍ୟ ସାହିତ୍ୟ ଅତି କ୍ଷୀଣ ଭାବରେ ଗଢ଼ି ଉଠୁଥିଲା । ପ୍ରବନ୍ଧ, ଉପନ୍ୟାସ, ଗଦ୍ୟଗଳ୍ପ ଜୀବନୀ ପ୍ରଭୃତି ସାହିତ୍ୟକମାନଙ୍କୁ ଆକର୍ଷଣ କରୁ ନ ଥିଲା । ଭାଷାର ପରିପାଟୀ ବିନ୍ୟାସରେ ଯେଉଁ ସାହିତ୍ୟ ଆଦର୍ଶ ସ୍ଥାନୀୟ ଥିଲା ତାହା ଲଘୁ ସାହିତ୍ୟ ଦିଗରେ ଆଦୌ ଦୃଷ୍ଟି ଦେଉ ନ ଥିଲା ଓ 'ଲାବଣ୍ୟବତୀ'ର ସରସ ବର୍ଣ୍ଣନାର ଆସ୍ୱାଦ ଯେଉଁ ପାଠକମାନେ ପାଉଥିଲେ ସେମାନେ ବାସ୍ତବ ବର୍ଣ୍ଣନାର ନଗ୍ନ ସୌନ୍ଦର୍ଯ୍ୟ ଉପଭୋଗ କରିବାରେ ଅଭ୍ୟସ୍ତ ନ ଥିଲେ । ଜୀବନର ତିକ୍ତ ଅଭିଜ୍ଞତା ସେମାନଙ୍କୁ ସାହିତ୍ୟିକ ଉପାଦାନ ଯୋଗାଉ ନ ଥିଲା, ସାମାଜିକ ବିଶୃଙ୍ଖଳା ସେମାନଙ୍କର ସାହିତ୍ୟିକ ଭାବଧାରାକୁ ପ୍ରଭାବିତ କରି ପାରୁ ନ ଥିଲା, କିମ୍ବା ଦୈନନ୍ଦିନ ଜୀବନର ଘାତପ୍ରତିଘାତରେ ସେମାନଙ୍କର

ଚଳି ଚକେନଥ ହୋଇ ଉଠୁ ନ ଥିଲା । ସେମାନଙ୍କର ନିଶ୍ଚିନ୍ତ ନିରୁଦ୍‌ବିଗ୍ନ ଜୀବନଯାପନପ୍ରଣାଳୀ ମଧ୍ୟରେ ବିକ୍ଷେପ ବା ବିକ୍ଷୋଭର ଅବସର ନ ଥିବା, ସେମାନଙ୍କର ସାମାଜିକ ଜୀବନରେ ପ୍ରଶ୍ନର ଅବକାଶ ମଧ୍ୟ ନ ଥିଲା । ସେହି କାରଣରୁ ପ୍ରାଚୀନ ଓଡ଼ିଶାରେ ଯେଉଁ ସାହିତ୍ୟ ଗଢ଼ି ଉଠିଥିଲା, ସେଥିରେ କୌଣସି ସାମାଜିକ ପ୍ରଶ୍ନର ସୂଚନା ବା ସମାଧାନ ନାହିଁ, ମନୁଷ୍ୟଜୀବନର ଦୁଃଖ ଦୁର୍ଦ୍ଦଶାର ବିଶ୍ଳେଷଣ-ପ୍ରଚେଷ୍ଟା ମଧ୍ୟ ନାହିଁ ।

ଓଡ଼ିଆ ଜୀବନର ଏହି ସରସ ଏକଦେଶୀୟତା ଅଧିକ ଦିନ ସ୍ଥାୟୀ ହୋଇ ନ ଥିଲା । ବୈଦେଶିକ ସାହିତ୍ୟର ସଂଘାତରେ ଓଡ଼ିଆରେ ନୂତନ ସାହିତ୍ୟ ନୂତନ ରୂପରେ ଆତ୍ମ-ପ୍ରକାଶ କଲା । ନୂତନ ଅନୁଭୂତି ଦ୍ୱାରା ସାହିତ୍ୟ ନାନାପ୍ରକାରେ ସମୃଦ୍ଧ ହୋଇ ନୂତନ ନୂତନ ଦିଗରେ ଗତି ବିସ୍ତାର କଲା । ଏକ ଦିଗରେ ଇଂରେଜୀ ସାହିତ୍ୟର ଅସରନ୍ତି ଭଣ୍ଡାର ଓ ଶିକ୍ଷା-କେନ୍ଦ୍ରମାନଙ୍କରେ ଉକ୍ତ ସାହିତ୍ୟର ସମଧିକ ପ୍ରଚାର, ଅନ୍ୟ ଦିଗରେ ପ୍ରାଦେଶିକ ପଡ଼ୋଶୀ ସାହିତ୍ୟମାନଙ୍କର ଦ୍ରୁତ ଅଗ୍ରଗତି, ଓଡ଼ିଆ ସାହିତ୍ୟରେ ଏକ ନୂତନ ଉନ୍ମାଦନା ସୃଷ୍ଟି କରିଥିଲା । ପୁଣି ଇଂରେଜ ଶାସନ ପରେ ସାମାଜିକ ବିପ୍ଳବର ମୁହୁର୍ମୁହୁଃ ଆବର୍ତ୍ତ ନାନାଦିଗରୁ ସାହିତ୍ୟକୁ ନାନାପ୍ରକାରରେ ପ୍ରଭାବିତ କରିଥିଲା । ଏହି ବିକ୍ଷୋଭ ଓ ପ୍ରଭାବ ଫଳରେ ଗଳ୍ପ-ସାହିତ୍ୟ ନାନାଆକାରରେ ଓଡ଼ିଆରେ ଗଢ଼ି ଉଠିଅଛି । ସଂସ୍କୃତ ସାହିତ୍ୟରେ ପଞ୍ଚତନ୍ତ୍ର, ହିତୋପଦେଶ ପ୍ରଭୃତି ଗଦ୍ୟ-ଗଳ୍ପ ଲକ୍ଷିତ ହୋଇଥିଲେହେଁ ସାହିତ୍ୟରେ ସେଗୁଡ଼ିକ ଉଚ୍ଚ-ସ୍ଥାନ ଲାଭ କରି ପାରି ନ ଥିଲା । ଓଡ଼ିଆରେ ମଧ୍ୟ ଉନବିଂଶ ଶତାବ୍ଦୀର ଶେଷଭାଗ ପୂର୍ବରୁ, ଗଦ୍ୟଗଳ୍ପ ସାହିତ୍ୟର ଅଙ୍ଗ ବୋଲି ସ୍ୱୀକୃତ ହୋଇ ନ ଥିଲା ।

ଓଡ଼ିଆରେ ବଂଗଳାର ଅନୁକରଣ କରି ଇଂରାଜୀର ଅନୁବାଦ କରି ଗଳ୍ପ ଲେଖିବାକୁ ଆରମ୍ଭ କଲେ ମଧୁସୂଦନ । ତାହା ଗଳ୍ପ ମାତ୍ର । ତାହା ଓଡ଼ିଆ ଗଳ୍ପ ନୁହେଁ, ଓଡ଼ିଆ ସାମାଜିକ ଜୀବନ ସହିତ ସେ ଗଳ୍ପର କୌଣସି ସମ୍ବନ୍ଧ ନ ଥିଲା, ମଧୁସୂଦନଙ୍କର ଭାଷାଗାମ୍ଭୀର୍ଯ୍ୟ ଗଳ୍ପ ଲେଖାର ଅନୁକୂଳ ମଧ୍ୟ ନ ଥିଲା । କ୍ରମଶଃ ନାନା ସାହିତ୍ୟରଥୀ ଓଡ଼ିଆ ଭାଷାକୁ ସମୃଦ୍ଧ କରିଅଛନ୍ତି । ଫକୀରମୋହନ ବାସ୍ତବ ଓଡ଼ିଆ ଜୀବନର ଚିତ୍ରକୁ ଗଳ୍ପରେ ସ୍ଥାନ ଦେଇଅଛନ୍ତି, ଗୋପାଳଚନ୍ଦ୍ର ମଧ୍ୟ ନିଜର ସ୍ୱଭାବସୁଲଭ ବାଗ୍ମିତା ଦ୍ୱାରା ଓଡ଼ିଆ ଚରିତ୍ରର ବୈଶିଷ୍ଟ୍ୟକୁ ଭାଷାରେ ପ୍ରସ୍ଫୁଟିତ କରିପାରି ଅଛନ୍ତି । ଏ ଦୁହିଁଙ୍କର ଲେଖା ଦ୍ୱାରା ଭାଷା ସରଳ ହୋଇ ପାରିଅଛି, ବାସ୍ତବ ଜୀବନ ଗଳ୍ପ ସାହିତ୍ୟରେ ସ୍ଥାନ ପାଇଅଛି, ମନୁଷ୍ୟ ଜୀବନର ବହୁ ଦ୍ୱନ୍ଦ୍ୱ ସାହିତ୍ୟରେ ସୂଚିତ ହୋଇ ପାରିଅଛି ଓ ଓଡ଼ିଆ ସାମାଜିକ ଜୀବନର ବହୁ ଆଶା, ଆକାଂକ୍ଷା, ସମସ୍ୟା ଗଳ୍ପ ସାହିତ୍ୟରେ ସ୍ଥାନ ଲାଭ କରି ତାକୁ ସରସ ଓ ଜୀବନ୍ତ କରି ପାରିଅଛି ।

ଗଳ୍ପ ଲେଖିବା ଆପାତ ଦୃଷ୍ଟିରେ ସହଜସାଧ୍ୟ ହେଲେହେଁ ବାସ୍ତବରେ ଅତ୍ୟନ୍ତ ଦୁରୂହ । ଗୋଟିଏ ଘଟନାକୁ କେନ୍ଦ୍ର କରି ଦୁଇ ତିନିଜଣ ନାୟକର କାର୍ଯ୍ୟକଳାପକୁ ଆଶ୍ରୟ କରି ଗଳ୍ପ ଲିଖିତ ହୁଏ । ଏଥିରେ ଘଟଣା ବାହୁଲ୍ୟ ନାହିଁ, ବିଭେଦ ଚରିତ୍ର ଚିତ୍ରଣର ଅବକାଶ ନାହିଁ, ଅଳଙ୍କାର ପ୍ରୟୋଗ ଦ୍ୱାରା ପାଠକମାନଙ୍କୁ ଅଭିଭୂତ କରିବାର ଚେଷ୍ଟା ନାହିଁ, ଏଥିରେ ଛନ୍ଦର ନିକ୍ୱଣ ନାହିଁ, ଭାବବିଳାସ ବା ରସାସ୍ୱାଦନର ଉନ୍ମାଦନା ନାହିଁ, ବର୍ଣ୍ଣନାର ପାରିପାଟ୍ୟ ବା ଅନୁଭୂତିର ମନୋହାରିତାର ଅବକାଶ ମଧ୍ୟ ନାହିଁ । ଯାହା ଦ୍ୱାରା ଗଳ୍ପକୁ ସୁନ୍ଦର ଭାବରେ ପାଠକ ସମ୍ମୁଖରେ ପରିବେଷଣ କରାଯାଇ ପାରିବ । ଏହି ବିଷୟରେ ଜ୍ଞାନ ନ ଥିଲେ ଗଳ୍ପ ଲେଖିବା ସହଜସାଧ୍ୟ ନୁହେଁ

ଓ ସାମଗ୍ରିକ ଭାବରେ କୌଣସି ଗଳ୍ପ ପାଠକମାନଙ୍କୁ ଆକୃଷ୍ଟ କରିବାକୁ କ୍ଷମ ହେଲେହେଁ, ଲେଖକର ସମ୍ୟକ୍ କଳାଜ୍ଞାନ ନ ଥିଲେ ତାହା ସାହିତ୍ୟରେ ଉଚ୍ଚ ସ୍ଥାନ ପାଇବାକୁ କ୍ଷମ ହୁଏ ନାହିଁ ।

ସାଧାରଣତଃ ଗଳ୍ପ ମଧ୍ୟରେ ଆମ୍ଭେମାନେ ତିନୋଟି ବିଷୟର ସନ୍ଧାନ କରିଥାଉଁ । ପ୍ରଥମତଃ ବାସ୍ତବତା, ଦ୍ୱିତୀୟରେ ପରିଣତି ବିଷୟରେ ସନ୍ଦେହ ଓ ତୃତୀୟରେ ଘଟଣାର ଆକସ୍ମିକ ପରିବର୍ତ୍ତନ । କୌଣସି ଗଳ୍ପରେ ଏ ସବୁର ଅସଦ୍‌ଭାବ ଥିଲେ ତାହା କେବେହେଁ ପାଠକର ମନୋରଞ୍ଜନ କରିବାକୁ କ୍ଷମ ହେବ ନାହିଁ । ଓଡ଼ିଆ ଗଳ୍ପରେ ବିଦେଶୀୟ ପରିବେଷ୍ଟନୀର ସୃଷ୍ଟି କଲେ, ଗଳ୍ପର ପରିଣତି ପ୍ରଥମରୁ ସୁପରିସ୍ଫୁଟ ହେଲେ କିମ୍ବା ଗଳ୍ପର ଘଟଣା ସମାବେଶ ଏକ ମୁଖରେ ଗତି କଲେ, ଗଳ୍ପ ଲେଖାରେ କଳା ବ୍ୟାହତ ହୁଏ ଓ ଗଳ୍ପ ପାଠକର ମନୋରଞ୍ଜନ କଲେ ମଧ୍ୟ ତାହା ଉଚ୍ଚକୋଟିର ସାହିତ୍ୟରୂପରେ ପରିଗଣିତ ହୋଇ ପାରେନାହିଁ । ପ୍ରତ୍ୟେକ ଗଳ୍ପକୁ ଅନ୍ୟ ନାନାଦିଗରୁ ଆଲୋଚନା କରାଯାଇ ପାରେ, ପ୍ରତ୍ୟେକ ଗଳ୍ପକୁ ନାନା ଭାବରେ ବିଶ୍ଳେଷଣ କରାଯାଇ ପାରେ ପ୍ରତ୍ୟେକ ଗଳ୍ପ ମଧ୍ୟରେ ତତ୍ତ୍ୱଭାବ ଅନ୍ୟ ନାନାପ୍ରକାର ସନ୍ଧାନ ମିଳିପାରେ, କିନ୍ତୁ ମୂଳତଃ ଉପରୋକ୍ତ ତିନୋଟି ବିଷୟର ଅସଦ୍‌ଭାବ ଥିଲେ ଗଳ୍ପ ଉଚ୍ଚାଙ୍ଗର ସାହିତ୍ୟ ବୋଲି ବିବେଚିତ ହୋଇ ପାରେନାହିଁ ।

ଏହି ପୁସ୍ତକରେ ଯେଉଁ ଗଳ୍ପଗୁଡ଼ିକ ସନ୍ନିବେଶିତ ହୋଇଅଛି ସେ ଗୁଡ଼ିକରେ ବାସ୍ତବତା, ଆକସ୍ମିକତା ଓ ସନ୍ଦେହ ପୂର୍ଣ୍ଣମାତ୍ରାରେ ରକ୍ଷିତ ହୋଇଅଛି ବୋଲି ମୋର ବିଶ୍ୱାସ । ଓଡ଼ିଶାରେ ବର୍ତ୍ତମାନ ଯେଉଁ ପରିସ୍ଥିତି ଉପୁଜିଅଛି ସେଥିରେ ସରସ ପ୍ରେମବିହ୍ୱଳତା ବା ନିରୁଦ୍‌ବେଗ ବିଳା-

ସ୍ୱାଦନର ସ୍ଥାନ ନାହିଁ । ବର୍ତ୍ତମାନ 'ଓଅଲା'ର ଖୋଲିବା ଖପରି ଭିତରେ 'ବିଷ୍ଣୁନ୍' ଦେଳର ଲକ୍ଷ ଗଲ ପତ୍ରଟ୍ରି ଓ 'ସଜନି' ଝାଂଗିଅଛି ଫୋପାଡ଼ି ଦେଇ ସେଇ ଖପରାଟା ଧରି ରକ୍ତଭକ୍ ପିଇ ଦେଉଛି, ବର୍ତ୍ତମାନ ଭଲ ପାଇବା ପରେ ବିବାହ ସୁଖକର ହୁଏ କି ନାହିଁ ଏହି ପ୍ରଶ୍ନ ଲୋକମାନଙ୍କୁ ବିବ୍ରତ କରୁଅଛି, ବର୍ତ୍ତମାନ ଦୁନିଆରେ ଖାଇବାଟା ବଡ଼ କଷ୍ଟର କଥା ନୁହେଁ, ଏହି ତଥ୍ୟ ଲୋକେ ଅବିଷ୍କାର କଲେଣି, ବର୍ତ୍ତମାନ 'ସୁନନ୍ଦା ଭୋଜନାଳୟ'ର ପ୍ରୟୋଜନ ସ୍ପଷ୍ଟ ଭାବରେ ଉପଲବ୍ଧି ହେଲାଣି । ଏ ଯୁଗରେ କେବଳ ରତିବିଳାସ, କେବଳ ପ୍ରେମସ୍ୱପ୍ନ, କେବଳ ମିଳନବିହ୍ୱଳତା ସାହିତ୍ୟରେ ସ୍ଥାନ ପାଇ ନ ପାରେ । ସାହିତ୍ୟ ବାସ୍ତବକୁ ଏଡ଼ିଦେଇ ସତ୍ୟର ଅପଳାପ କରି ମୁକ୍ତ ଦୃଷ୍ଟିରେ ବିଭ୍ରାନ୍ତ ଭାବରେ ପ୍ରାଚୀନ ପନ୍ଥାକୁ ଅନୁସରଣ କରିପାରେ ନାହିଁ ଓ ବାସ୍ତବ ଜୀବନର ସମସ୍ୟାକୁ ଏଡ଼ିଦେଲେ ସାହିତ୍ୟର ସାର୍ଥକତା ମଧ୍ୟ ନାହିଁ । ଆମ୍ଭେମାନେ ଯେଉଁ ପରିସ୍ଥିତି ମଧ୍ୟରେ ବାସ କରୁଅଛୁ, ଯେଉଁ ପରିସ୍ଥିତି ସହିତ ପରିଚିତ ସେଥିରେ ଏପରି ଶବ୍ଦମାନଙ୍କର ନଗ୍ନ ବିଭତ୍ସତା ଆମ୍ଭମାନଙ୍କୁ ପ୍ରଭାବିତ କରେ । ହୁଏତ 'ରାଜକିଶୋର' ସାମାଜିକ ସମସ୍ୟାମାନଙ୍କର କୌଣସି ସମାଧାନ ଦେଇ ନାହାନ୍ତି, କିନ୍ତୁ ବାସ୍ତବ ଜୀବନର ଛବି ଦେବାରେ ସେ ସେ କାର୍ପଣ୍ୟ କରି ନାହାନ୍ତି ତାହା ତାଙ୍କ ଗଳ୍ପମାନଙ୍କରୁ ସହଜରେ ଅନୁଭୂତ ହେବ । ବାସ୍ତବତାର ଅବଶ୍ୟ ନାନାଦିଗ ଅଛି, ଶିକ୍ଷିତ ଲୋକମାନଙ୍କର ଗ୍ରାମକୁ ଫେରି ଯିବାରେ 'ଯାଣାମଙ୍ଗଳ' ଠିକ୍, କିମ୍ବା 'ଶନିଦୃଷ୍ଟି' ଠିକ୍ ତାହା କହିବା କଠିଣ, ଅନେକ ସ୍ଥାନରେ ଯାହା ମଙ୍ଗଳକର ଅନ୍ୟର ଦୃଷ୍ଟିରେ ଓ ଅନ୍ୟର ଅନୁଭୂତିରେ ତାହା ଅମଙ୍ଗଳମୟ ବୋଲି ପ୍ରତୀତ ହୋଇପାରେ, କିନ୍ତୁ

ଦେଖିବା ଯେ ବର୍ତ୍ତମାନ ପରିସ୍ଥିତି ସେଥିରେ ସନ୍ଦେହ ନାହିଁ। ଓଡ଼ିଶାର ସମୁଦ୍ର ଗ୍ରାମମାନଙ୍କର ବର୍ତ୍ତମାନ ପରିଣତି ବିଷୟରେ ଯେଉଁମାନଙ୍କର ଅଭିଜ୍ଞତା ଥିବ, ସେମାନେ ଏ ପୁସ୍ତକରେ ସନ୍ନିବେଶିତ ଗଳ୍ପମାନଙ୍କର ବାସ୍ତବତା ବିଷୟରେ କେବେହେଁ ସନ୍ଦିହାନ ହେବେ ନାହିଁ।

ଗଳ୍ପମାନଙ୍କରେ ଆକସ୍ମିକତା ଓ ପରିଣତି ବିଷୟରେ ସନ୍ଦେହ ମଧ୍ୟ ପୂର୍ଣ୍ଣ ଭାବରେ ରକ୍ଷିତ ହୋଇଅଛି। 'ଗୋର୍-କବର୍'ରେ ଅମ୍ଭେମାନେ ଆତ୍ମହତ୍ୟା ବିଷୟରେ ବାସ୍ତବରେ ପ୍ରସ୍ତୁତ ନୋହୁଁ, 'କଳଙ୍କିନୀ'ରେ ଗଳ୍ପର ରୂପଦାନ ବିଷୟରେ ମଧ୍ୟ ଅମ୍ଭମାନଙ୍କର କୌତୁହଳ ପ୍ରଚ୍ଛନ୍ନ ରହିବା ସ୍ୱାଭାବିକ। ଅନ୍ୟ ଦିଗରେ 'ଦଶହରା ଭେଟି'ର ପରିଣତି ଅମ୍ଭେମାନେ କଳନା କରିପାରିଲେହେଁ, 'ପଦ୍ମପୁର'ର ପରିଣତି କିମ୍ବା 'କଳଙ୍କିନୀ'ର ପରିଣତି ଅମ୍ଭମାନଙ୍କୁ ବିହ୍ୱଳ କରିଦିଏ। ଅମ୍ଭେମାନେ ଘଟନା ପରମ୍ପରାର ସନ୍ନିବେଶ କରି, ଗଳ୍ପଟିକୁ ମୂଳରୁ ମୂଳକୁ ଉପଭୋଗ କରିବାରେ ଚେଷ୍ଟା କରିଥାଉଁ।

ଗଳ୍ପ ଲେଖିବା ବାସ୍ତବରେ ଗୋଟିଏ ସାହିତ୍ୟିକ କଳା, ଗଳ୍ପ ଗୋଟିଏ ସୃଷ୍ଟି, କଳା ମଧ୍ୟରେ ବାସ୍ତବତାର ସ୍ଥାନ ଅତି ଉଚ୍ଚରେ ନୁହେଁ କିମ୍ବା ଘଟନା ପରମ୍ପରାର ବୈଶିଷ୍ଟ୍ୟ ବର୍ଣ୍ଣନା କରିବା ମଧ୍ୟ ଏକମାତ୍ର ଅଭିପ୍ରେତ ନୁହେଁ। ବାହ୍ୟ ବାସ୍ତବ ଘଟନାକୁ ସୂକ୍ଷ୍ମ ଅନୁଭୂତି ଦ୍ୱାରା ରସାପ୍ଳୁତ କରି ରୂପରେଖ ଦେବା ସାହିତ୍ୟିକର ଉଦ୍ଦେଶ୍ୟ ଓ ଏହି ଦିଗରୁ ରାଜକିଶୋରଙ୍କ ଗଳ୍ପଗୁଡ଼ିକକୁ ଆଲୋଚନା କଲେ ପାଠକମନରେ ସହଜରେ ସାହିତ୍ୟ ସୃଷ୍ଟିର ସୌନ୍ଦର୍ଯ୍ୟ ଉପଲବ୍ଧ ହେବ ଓ ଗଳ୍ପଗୁଡ଼ିକୁ ଛାତ୍ରମାନେ ସହଜରେ ଉପଭୋଗ କରି ପାରିବେ।

**ଶ୍ରୀ ଗିରିଜାଶଙ୍କର ରାୟ**

# ନିଜକଥା

'ନୀଳ ଲହରୀ' ସନ୍ନିବେଶିତ ଗଳ୍ପଗୁଡ଼ିକ ଉତ୍କଳର ବିଭିନ୍ନ ପତ୍ର ପତ୍ରିକାରେ ଏଥି ପୂର୍ବରୁ ପ୍ରକାଶିତ ହୋଇଯାଇଛି । ସେଗୁଡ଼ିକ ସଂଗ୍ରହ କରି ପୁସ୍ତକାକାରରେ ପ୍ରକାଶ କରିବାର ବାଞ୍ଛା ମୋର ଅତି କ୍ଷୀଣ ଥିଲେହେଁ ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର, ଶ୍ରୀ କାଳନ୍ଦୀଚରଣ ପାଣିଗ୍ରାହୀ ଓ ଶ୍ରୀଯୁକ୍ତ ଅନନ୍ତ ପ୍ରସାଦ ପଣ୍ଡା ପ୍ରଭୃତି ବନ୍ଧୁ ସାହିତ୍ୟିକ ବର୍ଗ ଏବଂ ରାୟ ବାହାଦୁର ଶ୍ରୀ ବିପିନ ବିହାରୀ ରାୟ, ଅଧ୍ୟାପକ ଶ୍ରୀ ଗିରିଜା-ଶଙ୍କର ରାୟ ପ୍ରଭୃତି ଗୁରୁଦେବମାନଙ୍କର ସସ୍ନେହ ନିର୍ଦ୍ଦେଶ ଏ ପରିକଳ୍ପନାକୁ ସଫଳ କରିଅଛି ।

କଥା-ସାହିତ୍ୟ ସୃଷ୍ଟି କରିବାରେ ମୋର ଯଥାଯୋଗ୍ୟ ଅଭିନିବେଶ ନାହିଁ । ମୁଁ ବୁଝିଛି ଗଳ୍ପ ଲିଖନ ଶୈଳୀ କଠିନ ସାଧନା । ତଥାପି ବହୁ ବିଭବମୟ ଏ ସଂସାରର ଗତିଶୀଳ ଧାରାକୁ ହୃଦୟଙ୍ଗମ କରି ଯାହା କିଛି ଚିନ୍ତା କରିଛି ସେତକ ମାତ୍ର ଗଳ୍ପ ଗୁଡ଼ିକରେ ଅଙ୍ଗୀଭୂତ କରି ପାରିଛି । ଗଳ୍ପ ଗୁଡ଼ିକର ବିଷୟବସ୍ତୁ ଯାହା ହେଉ ନା କାହିଁକି ଗଳ୍ପ ଲେଖିବାର ଯେ ଗୋଟାଏ ବିଶିଷ୍ଟ ଶୈଳୀ ଓ ଉଚ୍ଚକୋଟୀର କଳା ରହିଅଛି ତାହାହିଁ ପ୍ରତିପାଦନ କରିବାକୁ ମୁଁ ପ୍ରୟାସ କରିଛି । ଏ ଶୈଳୀ-ଶିଳ୍ପରେ ମୁଁ କେତେଦୂର ସିଦ୍ଧି ଲାଭ କରିଛି ତାହା ମୋ ବିଚାର ବାହାରେ । ଯେଉଁମାନଙ୍କର ଅଙ୍ଗରେ ଏ 'ନୀଳଲହରୀ'ର ପ୍ଲାବନ ଲାଗିବ ସେହିମାନେ ଏହାର ପ୍ରକୃତ ବିଚାରକ, ମୁଁ ନୁହେଁ ।

ଭୂତପୂର୍ବ 'ସହକାର' ସମ୍ପାଦକ ଶ୍ରୀ ବାଳକୃଷ୍ଣ କର, 'ନବଭାରତ' ସମ୍ପାଦକ ପଣ୍ଡିତ ନୀଳକଣ୍ଠ ଦାଶ, ସମ୍ପାଦକ ମଣ୍ଡଳୀ, 'ଅଗ୍ନି ପ୍ରଦୀପ' ଓ ସମ୍ପାଦକ ମଣ୍ଡଳୀ ରେଭେନ୍ସା କଲେଜ ଓଡ଼ିଆ ସାହିତ୍ୟ ସମାଜ ମୁଖପତ୍ର 'ରଶ୍ମି' ସେମାନଙ୍କର ପତ୍ରିକାରେ ଯଥାକ୍ରମେ 'ହିଙ୍କାଠି' ପ୍ରଭୃତି ଗଳ୍ପ; 'କଳିଙ୍ଗ ଝିଲୀ', 'ବଡ଼ାଣ' ଓ ପଦ୍ମମୁକୁର ପ୍ରକାଶ କରିଥିବାରୁ ମୁଁ ଧନ୍ୟବାଦ ଜ୍ଞାପନ କରୁଅଛି।

ଶ୍ରୀ ଅନନ୍ତ ପ୍ରସାଦ ପଣ୍ଡାଙ୍କ ଲିଖିତ 'ଶନିଦୃଷ୍ଟି' ଗଳ୍ପ ମୋର 'ସାବାମଙ୍ଗଳ' ଗଳ୍ପର ଅପର ପାଖ ହୋଇ ଥିବାରୁ ସେଇଟି ମୁଁ 'ନୀଳଲହରୀ'ରେ ପ୍ରକାଶ କରିବାକୁ ଇଚ୍ଛା କରନ୍ତେ ସେ ସାଗ୍ରହ ଅନୁମତି ଦେଇଥିବାରୁ ମୁଁ ତାଙ୍କ ପାଖରେ ଋଣୀ।

ସର୍ବଶେଷରେ ପୁରୀ କଲେଜ ପ୍ରିନ୍ସିପାଲ୍ ଅଧ୍ୟାପକ ଶ୍ରୀ ବିରଜା ଶଙ୍କର ରାୟ 'ନୀଳଲହରୀ'ର 'ଗ୍ରନ୍ଥ ପ୍ରବେଶ' ଲେଖି ଓଡ଼ିଆ ସାହିତ୍ୟରେ ଗଳ୍ପ ଲେଖାର ଧାରା ଆଲୋଚନା କରି ଥିବାରୁ ମୋର ହାର୍ଦ୍ଦିକ କୃତଜ୍ଞତା ଜଣାଉଛି।

ରେଭେନ୍ସା କଲେଜ
କଟକ
୧୯୬୪

ଶ୍ରୀ ରାଜକିଶୋର ରାୟ

# ସୂଚୀପତ୍ର


| ବିଷୟ | | | ପୃଷ୍ଠା |
|---|---|---|---|
| ୧ । ଭଲାଙ୍ଗ-ଶ୍ରୀଲୀ | ... | ... | ୫ |
| ୨ । କଂସୁଭ | ... | ... | ୧୩ |
| ୩ । ଚୋସ୍ର ଭବର | ... | ... | ୨୪ |
| ୪ । ମାସ୍ତୀ-ମା | .. | ... | ୩୨ |
| ୫ । ଯାଏ। ମଙ୍ଗଳ | ... | ... | ୪୨ |
| ୬ । ଶନିଦୃଷ୍ଟି | ... | ... | ୫୫ |
| ୭ । ପଦ୍ମ-ମୟୂର | ... | ... | ୬୦ |
| ୮ । ଦଣ୍ଡଧର ଚେଷ୍ଟି | ... | ... | ୬୯ |
| ୯ । ବିକାଶ | ... | ... | ୮୦ |
| ୧୦ । ଲକ୍ଷପୂଲିଭଟଳି | ... | ... | ୮୮ |
| ୧୧ । ହିଙ୍ଗୁଳାଠି | ... | ... | ୯୯ |
| ୧୨ । ତୃତୀୟ ଦୃଶ୍ୟ | ... | ... | ୧୦୮ |

# ନୀଳାଲହରୀ

## କଳିଙ୍ଗ-ଶିଳ୍ପୀ

'ତେବେ ତମେ କହୁଛ ନେତ୍ରଯୁଗଳରେ ନୀଳପଦ୍ମର ଟାଣି ଦେବ ?'

'ଅଜ୍ଞା, ମଣିମା !'

'କର୍ଣ୍ଣଭୂଷା ପାଇଁ କିଛି ଅଳଙ୍କାର ଦେଇ ପାର ?'

'ତା' ବି ଦେବି ।'

'ଅଚ୍ଛା, ଅଙ୍ଗୁଷ୍ଠିର ନଖପ୍ରାନ୍ତରେ ଗୋରଚନାର ବିନ୍ଦୁ କମନୀୟ ହେବ କି ?'

'ଗୋରଚନାର ବିନ୍ଦୁ ଭାଲପଟ୍ଟରେ ଆଙ୍କିଲେ ସୁନ୍ଦର ହେବ, କିନ୍ତୁ ସ୍ୱର୍ଣ୍ଣ ପ୍ରତିମାର ଲଲାଟରେ ଗୋରଚନା ଶୋଭା ଅସ୍ପଷ୍ଟ ରହିଯିବ, ବରଂ ସୀମନ୍ତରେ ସିନ୍ଦୂର-ଗାରେ ଦେବି ।'

'ହୁଁ—ଭ୍ରୂଯୁଗର ଭଙ୍ଗୀ ଯେପରି ବୀଭତ୍ସବହୁଳ ନ ହୁଏ ତା' ପାଇଁ ଦୃଷ୍ଟି ଦେବ ।'

'ଦେବି, ମଣିମା—'

'ଅଚ୍ଛା ନାଭିବିନ୍ଦୁର କେତେ ତଳକୁ ଝୀନବାସର ବେହରଣ ଦେବ ?'

'ନାଭିବିନ୍ଦୁ ଓ କଟୀବନ୍ଧ ମଧ୍ୟରେ ଯେତିକି ସ୍ଥାନ ମୁଁ ରେଖାଙ୍କିତ କରିବି ତାର ଏକ ତୃତୀୟାଂଶ ପରିମିତ ସ୍ଥାନ୍

ଡ଼ର୍ତ୍ତ୍ଵିକୁ ରଙ୍ଗ ମୁଁ ବେହରଣ ବସାଇବି । ଆପଣ ସେ ବିଷ-ୟରେ ନିଶ୍ଚିନ୍ତ ଥା'ନ୍ତୁ ।'

'ଦେଖ ମହାରଣା, ମୋର ଶନ୍ତ୍ରାଧାରୀ ଆଉ ତୁମ ଶାନ୍ତ୍ରା-ଧାରୀ ସମାନ ହେବ ତ ?'

'ମଣିମା, ଶିଳ୍ପୀକୁ ତା' ବାଟରେ ଯିବା ପାଇଁ ଛାଡ଼ି ଦିଅନ୍ତୁ, ଦେଖିବେ ଫଳ କଣ ହେଉଛି ?'

'କହ ଅନ୍ୟ କେଉଁ ବିବରଣର ପ୍ରୟୋଜନ ଅଛି ?'

'ମୂର୍ତ୍ତିଟି ନିର୍ଦ୍ଦୁଲ ହେବା ପାଇଁ ଏ ଅଧମ ଶିଳ୍ପୀ ମଣିମା-ଙ୍କର ଚରଣ ତଳେ ଶରଣ ଭିକ୍ଷା କରେ । କହନ୍ତୁ, ବିନ୍ଧ୍ୟାକୁ ମୃତା ବା ଜୀବନ୍ତା ଭାବରେ ତୁମ୍ଭେ ଦେବି ? ଅର୍ଥାତ୍ ପ୍ରତିମାକୁ ଦେଖିଲେହିଁ ମନେ ହେବ ମୂର୍ତ୍ତି ଜୀବନ୍ୟାସରେ ଅଛି—ଜଡ଼ ନୁହେଁ ।'

'ମହାରଣା, ତାହା ତୁମେ କରିପାର ?'

'ଦେବ, କଳିଙ୍ଗର ଭାରତରେ ପାଖେ ଏ ଯେ ବଡ଼ ତୁଚ୍ଛ ପରିପାଟୀ ! ପୁଣି ଏ ତ ଆମ ବାପ ଅଜାଙ୍କର ବ୍ୟବସାୟ ।'

'ଶ୍ରୀଧର ! ମୁଁ ବିଶ୍ୱାସ କରେ । କହିପାର, ବିନ୍ଧ୍ୟାର ତନୁକାନ୍ତିକୁ କି ରଙ୍ଗରେ ତୂଳି ଦେବ ?'

'ସ୍ୱର୍ଣ୍ଣ ଅଥବା ତ ହରିଦ୍ରା—ଗୌର ।'

'ନା—ମହାରଣା ସେ ଯେ ଶ୍ୟାମାଙ୍ଗୀ ଥିଲେ ।'

'ଓହୋ ! ତା ହେଲେ ସ୍ୱର୍ଣ୍ଣପିଣ୍ଡ ପରିବର୍ତ୍ତେ କୃଷ୍ଣଶିଳାହିଁ ଏ ସ୍ଥାନରେ ବେଶୀ ପ୍ରୟୋଜନ, ମହାରାଜ ।'

'କୃଷ୍ଣଶିଳା ? ନା, ଶ୍ରୀଧର, ସାମାନ୍ୟ ଶିଳାଖଣ୍ଡ ଉପରେ ବିନ୍ଧ୍ୟାର ବନ୍ଦୁରତ୍ୱ ଆଣିବ ସିନା, ପ୍ରେମମୟୀ ତ କରିପାରିବ ନାହିଁ ?'

'ମଣିମା, ଏଭିକ୍ଷଣି ଯେ କହୁଥିଲେ ସେ ଥିଲେ ଶ୍ୟାମାଙ୍ଗୀ ବୋଲି—କିନ୍ତୁ ସ୍ୱର୍ଣ୍ଣପିଣ୍ଡର ଘନବର୍ଣ୍ଣ ଫୁଟାଇବା ଅସାଧ୍ୟ ନ ହେଲେ ବି ସମୟ ସାପେକ୍ଷ ।'

'ଦେବ, ସମୟ ବିଷୟ ଭାବ ନାହିଁ । ଅନନ୍ତ କାଳ ବିତିଗଲେ ବି ଦୁଃଖର କାରଣ କିଛି ନାହିଁ ।'

'କିନ୍ତୁ, ମହାରାଜ—'

'କଣ କହ ଶ୍ରୀଧର !'

'ଆପଣଙ୍କ କଷ୍ଟ ହୋଇପାରେ, ଯଦି ଏତେ ସମୟ...'

'ଓଃ, ହବିଷାନ୍ନ କଥା କହୁଛ ? ସେ ତ ବିଧି—'

'ହଁ, ସେ ବିଧି । ଅର୍ଥାତ୍ ଆପଣ ଉଦ୍ୟାନ ସମୀପ ତୁଳସୀ ବୃକ୍ଷ ଚଉତରା ଉପରେ ଏକ ବଂଶଦଣ୍ଡ ପ୍ରୋଥିତ କରାଇ ପ୍ରତି ରାତି ଅର୍ଦ୍ଧ ଯାମରେ ଗୋଟିଏ ତାମ୍ର ପେଟିକା ଭିତରେ ଦୀପାଳୀଟିଏ ତହିଁ ଉପରେ ଜଳାଇ ନମସ୍କାର ନ କରିବା ପର୍ଯ୍ୟନ୍ତ ଜଳ ସ୍ପର୍ଶ କରି ପାରିବେ ନାହିଁ । ଏ ଶାସନ ଶିଳ୍ପଗ୍ରନ୍ଥରେ ଲିପିବଦ୍ଧ ରହିଅଛି । ମୁଁ ସେହି ଶାସନର ଶିଷ୍ୟ ଓ ସେବକ ମାତ୍ର ।'

'ତଥାସ୍ତୁ ।'

× × × ×

ବିନ୍ଦୁ ସରୋବରର ସ୍ୱଚ୍ଛ ନୀର ଆସ୍ତରଣ ଉପରେ ଝଲୁଲ ପଡୁଛି ଅଷ୍ଟମୀର ସୂର୍ଯ୍ୟ । ବିନ୍ଦୁ ବିନ୍ଦୁ ହୋଇ ସୌର-କଣା ଜଳପ୍ରବାହରେ ବିରଙ୍ଗ ସୃଷ୍ଟି କରୁଛି । ଶ୍ରୀଧର ମହାରାଣୀ ସ୍ନାନ ସାରି ତୁଳସୀ ଦେବୀ ପ୍ରଦକ୍ଷିଣ କରି ଓଁକାର ବୋଲି ନମସ୍କାର କଲେ—

'—ଜବାକୁସୁମ ସଙ୍କାଶଂ କାଶ୍ୟପେୟଂ ମହାଦ୍ୟୁତିଂ—'

ଅଦୂରେ ଜଣେ ଗୈରିକବସନା ଯୋଗିନୀ ଆଗମନ କରୁ କରୁ ସ୍ତୋତ୍ରର ମନ୍ତ୍ରୋଚ୍ଚାରଣ ଶୁଣିପାରି ଟିକିଏ ଅନ୍ତରାଳକୁ ଯାଇ ପଚାରିଲେ—

'ଆପଣ କାହା ସ୍ତୋତ୍ର ଧ୍ୟାନ କରୁଛନ୍ତି ?'

'ଜାଣନ୍ତି କି ମା, ଏ ଯେ ସୂର୍ଯ୍ୟ ସ୍ତୋତ୍ର !'

'ସୂର୍ଯ୍ୟ ସ୍ତୋତ୍ର ? ଶୁଣିଛି, କଳିଙ୍ଗଶିଳ୍ପ ସାରା ଭାରତରେ ପ୍ରତିଷ୍ଠା ପାଇଛି । କୋଣାର୍କ ପରା ସୂର୍ଯ୍ୟ ଦେବଙ୍କର ମନ୍ଦିର ?'

'ହଁ ମା, ପଚାରି ପାରେ କି ଅଭିପ୍ରାୟରେ ଆପଣ ତୀର୍ଥାଟନ କରୁଛନ୍ତି ? ଦେଖିଲେ ଜଣାଯାଏ ଆପଣ ଜଣେ ବିଦୂଷୀ ।'

'ତୀର୍ଥାଟନର ଅଭିପ୍ରାୟ ? କଳିଙ୍ଗର ପ୍ରତି ଶିଳାଖଣ୍ଡ କି ମୁକ୍ତିବାଣୀ ଜଗତକୁ ଶୁଣାଏ ସେଇକଥା ଶୁଣିବା ପାଇଁ ମୁଁ କଳିଙ୍ଗର ଦ୍ୱାରରେ ଭିକ୍ଷାର୍ଥିନୀ ।'

ଶ୍ରୀଧର ମହାରାଣୀଙ୍କର ରକ୍ତୋଜ୍ଜ୍ୱଳ ମୁଖ ଅଦ୍ଭୁତ ଦୀପ୍ତିମୟ ଦେଖାଗଲା । ସେ ପୁଣି କୌତୁହଳୀ ହୋଇ ଯୋଗିନୀ ପ୍ରତି ଉନ୍ମୁଖୀ ହୋଇ ରହିଲେ ।

'ମା, ଏଠାରେ ବିଶ୍ରାମ କରିବାର ସମସ୍ତ ସୁବିଧା ପାଉଛନ୍ତି, ନା ମୁଁ କିଛି ସାହାଯ୍ୟ କରି ପାରେ ?'

'ଭଦ୍ରେ, କହୁଛି ପରା କଳିଙ୍ଗର ପ୍ରତି ବୃକ୍ଷ, ପ୍ରତି ଲତା ଅନ୍ତରାଳରେ ବିମୋହନ ବିଶ୍ରାମ ସ୍ଥାନ ଅଛି । ମୁଁ ପ୍ରକୃତିର ପୂଜାରିଣୀ । ତେଣୁ ଖଣ୍ଡଗିରିର ନିର୍ଜନ ଗୁମ୍ଫାରେ ମୁଁ କିଛି ଦିନ ପାଇଁ ଅବସ୍ଥାନ କରୁଛି ।'

ଗୋଷ୍ଠି ଗୋଷ୍ଠି ହୋଇ ସ୍ନାନ 'ଶେଷ କରି ଲୋକେ ବାହାରି ଆସୁଥାନ୍ତି । ଯୋଗିନୀ ମଧ୍ୟ କମଣ୍ଡଳୁଟି ଧରି ବାଟ ଛାଡ଼ି ଛିଡ଼ା ହେଲେ ।

‘ମା, ଗୁମ୍ଫା ନିକଟରେ ପହଞ୍ଚାଇ ଦେଇପାରେଁ ଯଦି ଅନୁମତ ଦଅନ୍ତ।’ ଶ୍ରୀଧରଙ୍କ ସ୍ୱର ମିନତିପୂର୍ଣ୍ଣ—

‘ଆସ ତେବେ,’ କହି ଯୋଗିନୀ ଜନତା ମଧ୍ୟରେ ଲୀନ ହୋଇଗଲେ।

କେଦାର-ଗୌରୀ-ଦେବାଳୟ ନିକଟରେ ଶ୍ରୀଧର ମହାରଣାଙ୍କର କୁଟୀର। ବେଳ ପ୍ରାୟ ଅଗର ହୋଇଛି। ଗୋଧୂଳିର କ୍ଷୀଣ ଆଲୋକରେ ଶ୍ରୀଧର ଗୋଟିଏ ଶାର୍ଦ୍ଦୂଳ କେଶରସ୍ତମ୍ଭ ରୂପ ଦେଉଛନ୍ତି ନିହାଣ ମୁଗୁର ଧରି,—ଅସ୍ପଷ୍ଟ ଆଲୋକରେ କାହାର ଛବି ଦେଖି ସେ ଚମକି ପଡ଼ିଲେ; ଆଉ ସଙ୍ଗେ ସଙ୍ଗେ ଶୁଣି ପାରିଲେ କିଏ ଯେପରି କହୁଛି—‘ତେବେ, ମୋର ଅନୁମାନ ସତ୍ୟ।’ ‘କିଏ’ କହି ଶ୍ରୀଧର ଛବିପ୍ରତି ଚାହିଁ ରହିଲେ।

ସେହି ଯୋଗିନୀ। ସେ ଧୀରେ ଧୀରେ ମୂର୍ତ୍ତି ସମ୍ମୁଖରେ ବସି ପଡ଼ିଲେ ଓ ହଠାତ୍ କଥା ଆରମ୍ଭ କରି ପଚାରିଲେ—

‘ତେବେ ମୋର ଅନୁମାନ ସତ୍ୟ; ଆପଣ ଜଣେ ଶିଳ୍ପୀ, ଏଇ ଶାର୍ଦ୍ଦୂଳ ମୂର୍ତ୍ତି ତାର ସାକ୍ଷୀ।’

ଶ୍ରୀଧର ଟିକିଏ ସଲଜ୍ଜ ଭାବ ଦେଖାଇ କହିଲେ—‘ମା, ଶିଳ୍ପ ସୂକ୍ଷ୍ମ କଳା, ପ୍ରତିଦିନ ଟିକିଏ ଅଭ୍ୟାସ ନ କଲେ, ଚକ୍ଷୁ ଓ ହସ୍ତର ଶୈଳୀ ମୂର୍ତ୍ତି ଉପରେ ଠିକ୍ ରୂପ ଧରେ ନାହିଁ।’

‘ତାହାହେଲେ ବତ୍ସ, ମୁଁ ବୁଝିଛି ଭୁବନେଶ୍ୱର ଓ ଖଣ୍ଡଗିରିର ଅଜସ୍ର ଶିଳା ଦେହରେ ଏ ହାତର ନୈପୁଣ୍ୟ-ସଙ୍କେତ ଅଛି, ନା?’

ଶ୍ରୀଧର ସସମ୍ଭ୍ରମେ ସ୍ୱୀକାରୋକ୍ତି ପ୍ରକାଶ କଲେ।

‘ବେଶ, ମୁଁ ଯାହା ଖୋଜୁଥିଲି ତା ପାଇପାରିଛି, ବୋଧହୁଏ।’ ‘ମା ଅନୁମତ ଦଅନ୍ତୁ, କିଭଳି ଭାବରେ ମୁଁ ଆପଣ-

କର ସହାୟତା କରି ପାରିବ ?' ଶ୍ରୀଧର ଆସନ୍ତା ଉତ୍ତର ପ୍ରତୀକ୍ଷାରେ ବସି ରହିଲେ ।

'ଦେଖ ଭଦ୍ର, ଯୋଗିନୀ ପାଖରେ ମୂର୍ତ୍ତିପୂଜାର ମୂଲ୍ୟ ନାହିଁ । ତଥାପି ମର୍ମେ ମର୍ମେ ଜୀବନର ଯେଉଁ ଶେଷ ଅଭି-ନୟଟିକୁ ବଡ଼ ଯତ୍ନରେ ହୃଦୟରେ ଧରି ସ୍ମରଣୀ ହୋଇଛୁ, ସେ ଛବିକୁ, ସେ ଧାରଣାକୁ, ବା ସେ ଭାବକୁ ରୂପ ଦେଇ ପାରିବ କଳିଙ୍ଗଶିଳ୍ପି ?'

'ମା, ମୂର୍ତ୍ତି ଦେଖି ମୂର୍ତ୍ତି ଗଠନ ଶିଳ୍ପିକଳାର ନିମ୍ନସ୍ତରର କଥା—କିନ୍ତୁ କଳିଙ୍ଗରାଜଙ୍କର ଆଶୀର୍ବାଦରୁ ମୋ ପକ୍ଷରେ ଛବିର ଭାବହିଁ ଯଥେଷ୍ଟ । ପ୍ରକାଶ କରନ୍ତୁ ।'

ଯୋଗିନୀ ଟିକିଏ ଇତସ୍ତତଃ ହୋଇ କହିଲେ—'ଏ ସ୍ଥାନ ନିର୍ଜ୍ଜନ ତ ?'

'କେବଳ ସାକ୍ଷୀ ବିଶ୍ୱବିଶ୍ରୁତ କେଦାର ଓ ପ୍ରେମଯୋଗିନୀ ଗୌରୀ ।'

ତପସ୍ୱିନୀର ସର୍ବାଙ୍ଗରେ ଶିହରି ଯେପରି ଖେଳିଗଲା । 'ଅଚ୍ଛା ଶୁଣ—

ତମାଳ ଶାଖାରୁ ଏସ୍ତା ଶୁକପକ୍ଷୀଟିଏ ଗୋଟିଏ ରମଣୀର ଅଂସଦେଶକୁ ଉଡ଼ି ଆସିଲା । ରମଣୀର କର୍ଣ୍ଣଭୂଷା ପଦ୍ମ-କୋରକକୁ ସେ ଚଞ୍ଚୁଦ୍ୱାରା କ୍ଷତକଲା । ସେ ଚିତ୍କାର କରି ଅତି ନିକଟରେ ଏ ମଧୁର ଅଭିନୟ ଦେଖୁଥିବା ସୁଠାମ ଯୁବାକୁ ଏ ବିପଦରୁ ରକ୍ଷା କରିବା ପାଇଁ ଅନୁରୋଧ କଲା । ସୁଶ୍ରୀ ସୂକ୍ଷ୍ମପତି ଶୁକପକ୍ଷୀକୁ ରମଣୀର କାନ୍ଧରୁ ଛୁଡ଼ି 'ଜର ଦେଇଥିବା ଅଭି-ପ୍ରାୟରେ ଆକର୍ଷଣ କରନ୍ତେ ତାହା ବାହୁରେ ବିହୋଇ ଯୁବକର ପ୍ରଶସ୍ତ ବକ୍ଷଉପରେ ଚଞ୍ଚୁ ଓ ନଖଦ୍ୱାରା ଏପରି ଆଘାତ କଲା, ଯାହା ଫଳରେ—'

'ମା, ତୁମେ ହାରିଗଲେ ଯେ !'

ତପସ୍ୱିନୀଙ୍କର ଅଧର ଥର ଉଠିଲା—ସେ ଅଶ୍ରୁସମ୍ବରଣ କରି ଆରମ୍ଭ କଲେ—

'ଫଳରେ ଏକ ରକ୍ତସ୍ରାବ ଦେଖାଗଲା ! ରମଣୀଟି ଏ ଅକସ୍ମାତ ବିପତ୍ତି ଦେଖି ନିଜ ଅଧର ବସାଇ କ୍ଷତସ୍ଥଳରୁ ରକ୍ତ-ଧାରା ବନ୍ଦହେବା ପର୍ଯ୍ୟନ୍ତ ଉଷ୍ଣରକ୍ତ ଟାଣି ଆଣୁଥାଏ । ସେହି ଭଙ୍ଗୀ, ସେହି ହୃଦୟର ହୃଦୟ ମିଶା, ଯୁବତୀର ରକ୍ତାଧର, ଯୁବକର ବିସ୍ମୟ ଭାବାବେଶ, ପକ୍ଷୀର ଚୋରକଦଂଶନ ଇତ୍ୟାଦି ସବୁ ଯେପରି ଏକ ନିପୁଣ ଶିଳ୍ପୀର ତୁଳିସ୍ପର୍ଶରେ ଜୀବନ୍ତ ହେବ । କିଏ ପାରିବ ଶିଳ୍ପୀ ?'

ଶୁଣୁଥିଲେ ଶ୍ରୀଧର, ଏ ପ୍ରଗଲ୍‌ଭା ଯୋଗିନୀର ଶେଷ ପଦ କଳ୍ପନା ବଡ଼ ମୁଗ୍ଧ ଓ ତନ୍ମୟ ଭାବରେ । ଏ ଅସାଧାରଣ ଭାବ, ଯାହା କି ଏକା କବି-ସୃଜନାର ମୋହନ ସଙ୍କେତକୋଟୀରେ ସମ୍ଭବ, ତା ଏ ପ୍ରବ୍ରଜିତାର ତୁଚ୍ଛ କଳ୍ପନା କେଉଁଠାରୁ ପାଇଲା ! ବ୍ୟସ୍ତ ଭାବ ଛାଡ଼ି ଶ୍ରୀଧର ସ୍ୱୀକାର କଲେ—

'ମା, ଆପଣଙ୍କର ସନ୍ତାନ ଏ ଶେଷ ପରିବେଷଣ କରି-ପାରିବ ।' ଯୋଗିନୀର ଆନନ୍ଦ ଦୁଇଟି ଚକ୍ଷୁରେ ଘନ ଝଲକି ଉଠିଲା । ସେ ଧୀରେ ଧୀରେ ଆସନ ଛାଡ଼ି, ଅମ୍ର ବାଟିକା ତଳ ଘନାନ୍ଧକାରରେ ମିଳାଇ ଗଲେ......

× × × × × × ×

ବିହାରର ପ୍ରତିମୂର୍ତ୍ତିରେ ଶୁଭ ଦଅହେବାର ଅଛି ଦ୍ୱାଦଶ ଦିନ । ରାଜା ବସୁବର୍ମା ଜଳପ୍ରପ୍ଲ ପ୍ରାଣରେ ଅଛି ମୂର୍ତ୍ତିଙ୍କ ପ୍ରତି-ଷ୍ଠାର ଶୋଭା ଦେଖିବେ ବୋଲି ଏକ ମଧ୍ୟରେ [illegible] କରୁଛନ୍ତି । ଶ୍ରୀଧର ମନାକଣା କପର ଛାଇରିକଲ [illegible]

ବନ୍ଧ୍ୟାର ଶିଳ୍ପୀପ୍ରତିମା ରାଜାଙ୍କୁ ହାତ ବଢ଼ାଇ ଦେଖାଇ ଦଅନ୍ତେ ରାଜା ଉଚ୍ଚସ୍ୱରରେ—'ଏ ଯେ ଜାଳେ ବନ୍ଧ୍ୟା' । କହି କହି ମୂର୍ଚ୍ଛା ପାଶକୁ ଟଳିପଡ଼ିଲେ । ଶ୍ରୀଧର ଶାନ୍ତ ଭାବରେ କହିଲେ—

'ମଣିମା, ଆପଣଙ୍କର ଭୁ ମହିଁ ମୋର ଯଥାଯୋଗ୍ୟ ପୁରସ୍କାର—ଏ ବନ୍ଧ୍ୟାର ପ୍ରତିମୂର୍ତ୍ତି କଳିଙ୍ଗଶିଳ୍ପୀ ଶ୍ରୀଧର ମହାରଣାର ରୁକ୍ଷ କର ବୁଲଟିରେ ମୂର୍ତ୍ତିମନ୍ତ ହୋଇଛି ।'

'ଶ୍ରୀଧର, ଏ ପ୍ରତିମା ନୁହେଁ—ଏ ଜୀବନ୍ତ ବନ୍ଧ୍ୟା !! କର୍ଣ୍ଣଭୂଷାରେ ଯେଉଁ ପଦ୍ମକୋରକ ଖଞ୍ଜିଛ, ତାହା ସେହି ଦୁଷ୍ଟ 'ବସ୍ତୋଷ୍ଟ' ଦ୍ୱାରା ଛିନ୍ନଭିନ୍ନ ହୋଇଥିଲା । ମୋର ଠିକ୍ ସ୍ମରଣ ଅଛି । କିନ୍ତୁ ହେ କଳିଙ୍ଗଶିଳ୍ପି ! ଅକ୍ଷୁର୍ଣ୍ଣ ଜୀବନ୍ତ ପ୍ରତିମାରେ ଚନ୍ଦ୍ରଠାରେ କଳଙ୍କ ନ୍ୟାୟରେ ଏ ଭୁଲ୍ କଲ କାହିଁକି ? ବନ୍ଧ୍ୟା ତାମ୍ବୁଲସେବନ କରେ ନାହିଁ, ଅନ୍ତତଃ ମୁଁ କେବେ ଦେଖି ନାହିଁ । ତାର ଅଧର ଯେ ରକ୍ତବର୍ଣ୍ଣ ଦେଖୁଛି ।'

ଶ୍ରୀଧରଙ୍କର ବସ୍ମୟାଭିଭୂତ ଅପଲକ ନେତ୍ର ଦେଖିଲେ ଜଣାଯିବ ଯେ ସେ ଯେଉଁ ଅତୀତ-ସ୍ମୃତିକୁ ଜୋର୍ କରି ଟାଣି ଆଣୁଛନ୍ତି । "କଳିଙ୍ଗ ଶିଳ୍ପିର ଭୁଲ୍," ଏତିକ ଶୁଣି ସେ ପାଗଳ ପରି କହି ବସିଲେ—

'ମଣିମା, ଶରଣ ପ୍ରାର୍ଥନା କରେ—ଏ ଭୁଲ୍‌କୁ ମୁଁ ଭୁଲ୍ ବୋଲି ସ୍ୱୀକାର କରିପାରିବି ନାହିଁ; ବନ୍ଧ୍ୟାର ପ୍ରତିମାଗଠନ ଯେଉଁ ଦିନ ଶେଷ କଲି, ସେଦିନ ଘଟଣାଚକ୍ରରେ ଅନ୍ୟ ଏକ ଗ୍ରାହକଙ୍କଠାରୁ ଏକ ଶିଳ୍ପଯୋଜନାଭାବର ନମୁନା ପାଇଲି । ସେ ଯାହା ଉତ୍ତର ଭାବ ଦେଲେ ତାହା ମତେ ଅସାମାନ୍ୟ ବୋଧହେଲା । ତାଙ୍କର ଶବ୍ଦପରିକଳ୍ପନା ମୋର ହୃଦୟରେ ବଦ୍ଧମୂଳ ହୋଇ ରୂପାକାର ନେବା ସମୟରେ ମୁଁ ବନ୍ଧ୍ୟା

ପ୍ରତିମାର ଅଧରରେ ଟେଣେ ତୂଳି ଦେଇଛୁ । ଜାଣେ ନା କାହିଁକି ତୂଳି ମୋର ଏକ ଧାର ରକ୍ତ ଏଭଳି ସୁଷମାଯୁକ୍ତ ଅଧରରେ ବୋଳିଦେଲି ! ଅପରାଧ କ୍ଷମା କରିବେ ।'

ଏକ ନିଶ୍ୱାସରେ ଏ ସମସ୍ତ କଥା କହି ଶ୍ରୀଧର କଣ୍ଠ ରୁଦ୍ଧ ହୋଇଗଲା ବେଳେ ଶୁଣିଲେ, ରାଜା ପାଗଳଙ୍କ ପରି କହୁଛନ୍ତି—

'ରକ୍ତଧାର···

'ସନ୍ଧ୍ୟାର ଅଧରରେ···

'ପୁଣି ଶିଳ୍ପୀ ଦେଇଛି କର୍ଣ୍ଣଭୂଷା ପଦ୍ମକୋରକ ! !

× × × × × × ×

ପ୍ରଳାପ—କେବଳ ପ୍ରଳାପ—

"ଶୁଣ ଶ୍ରୀଧର, ଏଇ ବସନ୍ତ ସମୟ । ପ୍ରାସାଦ କକ୍ଷରେ ଏକାକୀ ବସି ମୁଁ ବସନ୍ତୋତ୍ସବର ସଙ୍ଗୀତଲହରୀ ଉପଭୋଗ କରୁଥିଲି । ଏଇ ସମୟରେ ଦୁର୍ଗରକ୍ଷକ ଜଣାଇଲେ ଜଣେ ନାରୀ ମୋର ଦର୍ଶନପ୍ରାର୍ଥିନୀ । ସାମାନ୍ୟ ନାରୀ ଜଣେ ଦ୍ୱାର ଦେଶରେ ମୋର ଅପେକ୍ଷା କରୁଛି । ଏ ସମ୍ବାଦରେ ମୁଁ ବିଚଳିତ ହେଲି ନା । ଜୀବନରେ ନାରୀ ପ୍ରତି ଅନୁରକ୍ତି ମୋର ବଡ଼ ବିସ୍ୱାଦ ବିଷୟ ! ମୁଁ ଜାଣିଛି ତାର ଦୃଷ୍ଟିରେଖା ଭିତରକୁ ଯିବାପାଇଁ ଶଙ୍କା କରେ । ଏ ମୋର ପ୍ରକୃତିଗତ ଭୀରୁତା ନୁହେଁ—ଦୁର୍ଦ୍ଦମ ଅଭି-ଲାଷ । କିନ୍ତୁ କି ସମ୍ବାଦ ବହନ ଜଣେ ନାରୀ ଦୌତ୍ୟ-ବ୍ୟାଜରେ ଆସିଛି ତାହା ଜାଣିବା ପାଇଁ ମୁଁ ତାକୁ ଆଣିବାକୁ ଆଦେଶଦେଲି । ଯେଉଁ ନାରୀ ସ୍ୱର୍ଣ୍ଣବର୍ମ ପିନ୍ଧି, କାନ୍ଧରେ ତୂଣୀର ଝୁଲାଇ ସଶସ୍ତ୍ର ସୈନିକ ବେଶରେ ମୋ ସମ୍ମୁଖରେ ଛିଡ଼ାହେଲା ସେ ସନ୍ଧ୍ୟା—ଶ୍ରୀଧର, ସେ ସନ୍ଧ୍ୟା ! ଅପୂର୍ବ ରମଣୀ ସେ । ତାକୁ ଦେଖି ମୁଁ ଆତ୍ମବିସ୍ମୃତ ହେଲି । ସେ ମୋର ଭାବାନ୍ତର ଲକ୍ଷ୍ୟ କରି ନାହିଁ ଏକ ଗୀତରେ ମୋର ତୁଳେଇ କଥାଟା ଏକ

ନାଙ୍କର ପରିଚୟ ଦେଲା—ତାର ପରିଚୟ ବି ବଡ ରହସ୍ୟମୟ । ସେ କେଉଁଠି ବହୁ ଯୁଦ୍ଧରେ ସୈନିକବେଶରେ ରଣତାଣ୍ଡବ ଦେଖିଛି; କିନ୍ତୁ ମୋ ପାଖକୁ ଆସିଛି ଏଇ ନିମନ୍ତ ଯେ, ସେ ମୋର ଅନ୍ତଃପୁରରେ ଅନ୍ତଃପୁରବାସିନୀ ହୋଇ କଳୁଦନ ପାଇଁ ଯୁଦ୍ଧକ୍ଳେଶ ପାଶୋରି ପକାଇବ । ବେଶ୍ କଥା—ମୁଁ ଅବିବାହିତ ଥିବାରୁ ଓ ମୋର ଅନ୍ତଃପୁର ଶୂନ୍ୟ ପଡ଼ିଥିବାରୁ ମୁଁ ଏଇ ଯୁଦ୍ଧ-ଭ୍ରମନ୍ତା ରମଣୀକୁ ବିନା ଆପତ୍ତିରେ ଅନ୍ତଃପୁରବାସିନୀ ହେବାକୁ ଅନୁମତ ଦେଲି । ଏଇ ଭାବ କିନ୍ତୁ ମୋର ହୃଦୟ ଅଧିକାର କଲା ଯେ ନିଶ୍ଚୟ ଏଇ ସୁନ୍ଦରୀ ରମଣୀ କୌଣସି ଶତ୍ରୁପକ୍ଷ ଦ୍ୱାରା କଳିଙ୍ଗର କଳଙ୍କ ରଟାଇବା ପାଇଁ ସନ୍ଧାନୀ ଭାବରେ ଛୁଟିଆସିଛି, ମୋର ଅନ୍ତଃପୁରରେ ମଧ୍ୟ ବଞ୍ଚନ କରିବାକୁ । ସେ ଯାହାହେଉ ନିର୍ବିଘ୍ନରେ କେତୋଟି ଦିନ କଟିଗଲା ।

"କିନ୍ତୁ ତାକୁ ତାର ସୁବିଧା ଅସୁବିଧା କଥା ଦେଖିବାକୁ ନିଯୁକ୍ତ କଲି । ତାର କଥାରେ ଯଦି ମୁଁ ବିଶ୍ୱାସ କରେ, ତେବେ ଶ୍ରୀଧର, ଏଇଆ ଶୁଣ ଯେ କନ୍ୟା ଆସିଲାବେଳେ ଯେଉଁ ଯୁଦ୍ଧ-ବେଶରେ ମଣ୍ଡିତ ଅଭିବାଦନ କଲା, ସେ ତାହା ସବୁ କାଢ଼ି ଫିଙ୍ଗିଦେଲା । ବରଂ ସାଧାରଣ ନାରୀ ବେଶରେ ଉଦ୍ଦାମଲୀଳ ଯୌବନଜ୍ୟୋତିକୁ ବିକୀରଣ କରି ଅନ୍ତଃପୁରସ୍ଥ ଉଦ୍ୟାନର ଏକପ୍ରାନ୍ତରୁ ଅନ୍ୟ ପ୍ରାନ୍ତ ପର୍ଯ୍ୟନ୍ତ ଉଡ଼ନ୍ତି ପ୍ରଜାପତି ଭଳି ବୁଲି ବୁଲିଲା ।

"ଅନାସକ୍ତ ଭାବରେ ମୁଁ ମୋର ରାଜକାର୍ଯ୍ୟ ନିର୍ବାହ କରୁଥାଏ । ଦିନେ 'ବିହଙ୍ଗ-ବିହାର' ପରିଦର୍ଶନ କରିବା ପାଇଁ ମୁଁ ରାଜପୋଷାକ ତ୍ୟାଗ କରି ମନବିନୋଦନ ନିମିତ୍ତ ଯାଏ କଲି । ତାହା ଅନ୍ତଃପୁର ନିକଟସ୍ଥ ସ୍ଥାନ । ଏଇ 'ବିହଙ୍ଗ-ବିହାର'ରେ ନାନା ଜାତି ପକ୍ଷୀ ଅଛନ୍ତି, କିନ୍ତୁ ସେଥିମଧ୍ୟରୁ

'ବିମ୍ବୋଷ୍ଠ'କୁ ମୁଁ ଭାରି ସୁଖ ପାଉଥିଲି । 'ବିମ୍ବୋଷ୍ଠ' ଗୋଟିଏ ଶୁକପକ୍ଷୀର ନାମ । ସେଇଦିନର କଥା । ପିଞ୍ଜରାମୁକ୍ତ କରି ମୁଁ ଯେତେବେଳେ ବିମ୍ବୋଷ୍ଠକୁ ଆଣି ତା ସୁନା ଶିକୁଳିଟି ମୋ ବାମ କର ତର୍ଜନୀରେ ବାନ୍ଧୁଥିଲି, ସେତେବେଳେ ବିମ୍ବୋଷ୍ଠ ଜୋର୍‌ରେ ଗୋଟାଏ ହିଂକା ଦେଇ ଉଡ଼ି ଗଲା—ସ୍ୱର୍ଣ୍ଣ ଶିକୁଳି' ବି ଖଣ୍ଡ ଖଣ୍ଡ ହୋଇ ଭୂତଳେ ନିକ୍ଷିପ୍ତ ହେଲା । ଦେଖିଲି, ସେ ଅନ୍ତଃପୁରସ୍ଥ ଉଦ୍ୟାନର ତମାଳ ଶାଖାରେ ବସି ଆତ୍ମଗୋପନ କଲା । ମୁଁ ବଡ଼ ଅନୁନୟ କରି ତାକୁ ଡାକିଲି, ମାତ୍ର ସେ କର୍ଣ୍ଣପାତ କଲା ନାହିଁ । ବରଂ ତମାଳ ଶାଖାରେ ଚକ୍ଷୁତାରା ଦୁଇଟି ମୁଦି ଦେଇ ସୁଷୁପ୍ତିରେ ନିମଗ୍ନ ହେଲା ।

"ଅନ୍ତଃପୁରକୁ ଯିବା, ବନ୍ଧ୍ୟାର ଉଦାସ୍ୟ ହେବା ଦିନଠାରୁ, ଆମ ପକ୍ଷେ ସମ୍ଭବ ନୁହେଁ । କିନ୍ତୁ ଯଦି ବିମ୍ବୋଷ୍ଠକୁ ଧରି ନ ପାରେ ତେବେ ତାର ବିଚ୍ଛେଦ ଦୁଃଖରେ ମୁଁ ବଡ଼ କାତର ହୋଇପଡ଼ିବି, ଏହା ଭାବି ଅନ୍ତଃପୁର ଆଡ଼କୁ ଅଗ୍ରସର ହେଲି ।

"ଏକାକୀ ଉଦ୍ୟାନର ପୁଷ୍ପବାଟିକା ଭିତରେ ଯାଉଁ ଯାଉଁ ଦେଖିଲି, ମରକତଖଚିତ 'ନୀଳସର'ର ସୋପାନ ଶ୍ରେଣୀକୁ ଭରା ଦେଇ ବନ୍ଧ୍ୟା ଗୋଟିଏ ନୀଳପଦ୍ମକୁ ନିଜ ମୁଦ୍ରିତ ଚକ୍ଷୁ ଦୁଇଟିରେ ଧୀରେ ଧୀରେ ସଞ୍ଚାର କରୁଅଛି । ବକ୍ଷ ଅନାବୃତ, କର୍ଣ୍ଣାଳଙ୍କାର ପଦ୍ମକୋରକ, କଟୀଦେଶରେ କେବଳ କ୍ଷୀଣ ଉତ୍ତରୀୟ ଖଣ୍ଡେ । ଏ ରୂପ-ଆଲେଖ୍ୟ ମତେ ମୁଗ୍ଧ କଲା । ଚତୁରା ଦୂରରୁ ଦେଖିପାରି ସଲଜ୍ଜ ବଦନରେ ମତେ ସ୍ୱାଗତ ଜଣାଇ ଅଭିବାଦନ କଲା । ମୁଁ ନିରୁପାୟ ହୋଇ ଦୂରସ୍ଥ ତମାଳ ଶାଖାକୁ ହସ୍ତ ପ୍ରସାରଣ କରି ସଙ୍କେତ କଲି । ବୁଦ୍ଧିମତୀ ବୁଝିପାରି ପଚାରିଲା—'ଓ, ବିମ୍ବୋଷ୍ଠ ଉଡ଼ିଯାଇଛି, ଚିନ୍ତା ନାହିଁ—ଆସନ୍ତୁ ।'

"ବୁନ୍ଦେଁ ତମାଳ ଶାଖା ଉପରେ କୁନ୍ତି ରଖି ଯାଉଁ ଯାଉଁ ବନ୍ଧ୍ୟା ପଚାରିଲା—ଏତେଦିନେ ମହାରାଜ ମତେ ସ୍ମରଣ କଲେ ? ମୁଁ ଯେ କେତେ ଅପେକ୍ଷାରେ ଥାଏ ।

"ବନ୍ଧ୍ୟା କଥାକୁ ଅତର୍ଦ୍ଦୀ ଭ୍ରୂକ୍ଷେପ ନ କରି, ହୁଙ୍କାର କଲି—'ମୂର୍ଖ ଶୁକପକ୍ଷୀ, ଶୀଘ୍ର ଫେରିଆ ।' ବମ୍ପୋଷ୍ଟ ମୋ କଥାକୁ ଖାତିର ନ କରି ବରଂ ଅଙ୍ଗୁରି ଲତାନ୍ତରାଳରେ ଅଙ୍ଗ-ଗୋପନ କଲା । ମୁଁ ନିରୁପାୟ ଭାବରେ ବନ୍ଧ୍ୟାର ମୁଖ-ସୁଷମାକୁ ଚାହିଁ ରହିଲି । ସେ ମତେ 'ଅପେକ୍ଷା କରନ୍ତୁ' କହି କ୍ଷିପ୍ରା ଫେରିକା ପରି ହଠାତ୍ ପୁଣି ଅନ୍ତଃପୁର ମଧ୍ୟରେ ପ୍ରବେଶ କଲା । ମୁଁ ଅତି ଦୀନ ଭାବରେ ଏକପାଖେ ବମ୍ପୋଷ୍ଟ, ଅନ୍ୟ ପାଖେ ବନ୍ଧ୍ୟାକୁ ଚାହିଁ ରହିଲି ।

"କ୍ଷିପ୍ର ଚରଣରେ ବନ୍ଧ୍ୟା ଅନ୍ୟ ଏକ ଶୁକପକ୍ଷୀ ଧରି ତମାଳବୃକ୍ଷ ତଳେ ଡାକ ଦେଲା—'ବମ୍ପୋଷ୍ଟ, ତୋର ସାଥୀ ତତେ ବଡ଼ କାତର ପ୍ରାଣରେ ଡାକୁଛି, ତୁ ଫେରିଆ ।' ଏଇ ଏକ କଥା ବାରମ୍ବାର ଉଦ୍ୟାନ ଗର୍ଭରେ ପ୍ରତିଧ୍ୱନିତ ହେଲା ଓ ପ୍ରତିଥର ବନ୍ଧ୍ୟା ମୋ ଆଡ଼େ କଟାକ୍ଷ ନିକ୍ଷେପ କରି ମତେ ତ୍ରିଭଙ୍ଗ ଉଦ୍ଦେଶ୍ୟରେ ବିଚଳିତ କରୁଥାଏ । ମୁହୂର୍ତ୍ତିକ ପରେ ଦେଖିଲି ବମ୍ପୋଷ୍ଟ ପକ୍ଷ ବିସ୍ତାର କରି ବନ୍ଧ୍ୟାର କାନ୍ଧ ଉପରକୁ ଉଡ଼ିଆସିଲା ଓ ବାରମ୍ବାର ତାର କର୍ଣ୍ଣଭୂଷା ପଦ୍ମକୋରକକୁ ଚଞ୍ଚୁରେ ଆଘାତ କଲା...... ।"

'ମଣିମା, ଏତକ ଶିଳ୍ପୀ ପକ୍ଷରେ ଯଥେଷ୍ଟ, ତା ପରେ ଯାହା ଘଟିଛି ତା ଶିଳ୍ପରେହିଁ ଫୁଟି ଉଠିବ; ମତେ ବିଦାୟ ଦିଅନ୍ତୁ, ମୁଁ କ୍ଷଣକ ମଧ୍ୟରେ ଫେରି ଆସିବି ।'

କ୍ଷଣକର ଅବସାନ ନ ହେଉଣୁ ଶ୍ରୀଧର ଚଞ୍ଚଳ ପଦ-କ୍ଷେପରେ କକ୍ଷରେ ପ୍ରବେଶ କଲେ ।

ତା ପରେ ଗୋଟିଏ ପ୍ରସ୍ତରଖୋଦିତ ମୂର୍ତ୍ତିକୁ ରାଜାଙ୍କ ସମ୍ମୁଖରେ ଥୋଇ ଶ୍ରୀଧର ଯୋଡ଼ହସ୍ତରେ ଛିଡ଼ା ହେଲେ—

'ପ୍ରଭୁ, ତା ପର ଘଟଣା ଏହି ମୂକ ପ୍ରସ୍ତରଖଣ୍ଡ ବ୍ୟକ୍ତ କରିବ ।'

ବଜ୍ରପାତରେ ଚେତନାଲୁପ୍ତ ହେବା ଭଳି ଏ ଅସାଧାରଣ ରହସ୍ୟ ଦେଖି ରାଜାଙ୍କର ବାକ୍‌ସ୍ଫୂର୍ତ୍ତି ଅସମ୍ଭବ ହେଲା । ସେ କେବଳ ଉନ୍ମାଦ ଭଳି ବିସ୍ଫାରିତ ନେତ୍ରରେ ପ୍ରତିମୂର୍ତ୍ତିଟିକୁ ଆଲିଙ୍ଗନ କରି, ବକ୍ଷସ୍ଥଳରୁ ରକ୍ତ ଶୋଷି ନେଉଥିବା ଯୁବତୀର ରକ୍ତାଧରରେ ଚୁମ୍ବନ ଦେଇ ମୂର୍ଚ୍ଛା ଗଲେ······ । ))

ଖଣ୍ଡଗିରିଗୁମ୍ଫା ଶୂନ୍ୟ—ଶିରେ ଶୈବାଳସମାଚ୍ଛନ୍ନ ପ୍ରସ୍ତର ଉପରେ ବନ୍ଦାଙ୍କିତ ହୋଇଛି କେତୋଟି ଲିପି ମାତ୍ର—

"କଳିଙ୍ଗ-ଶିଳ୍ପି ! କଳିଙ୍ଗର ରାଜା ବସୁଭୂମାଙ୍କୁ ଯୋଗିନୀ ପାଇଁ ଉଦ୍ଦିଷ୍ଟ 'ଶୁକପକ୍ଷୀ ଶିଳ୍ପ'କୁ ଉପହାର ଦିଅ ।"

# କିଂଶୁକ

ଶୀତସନ୍ଧ୍ୟାର ନୀରନ୍ଧ୍ର କୁହେଳିକା । ଭସ୍ମବୋଳା ଗୋଧୂଳିର ରଙ୍ଗ କେତେବେଳୁଁ ଅପସରି ଯାଇଛି । ଆକାଶର ଅନ୍ଧକାରକୁ ଚାହିଁ ରହିଛନ୍ତି ଦୁଇଟି ପ୍ରାଣୀ । ଅହେତୁକ ଭାବରେ ରିକ୍‌ସାବାଲା, ପଥ ଉପରେ ପ୍ରତିବନ୍ଧକ ଥାଉ ବା ନ ଥାଉ, ଘଣ୍ଟି ବଜେଇ ଚାଲିଛି !

'ସୁଅକୁ କହିବେ କି ନାହିଁ'—କେତେବେଳୁ ଯେପରି ଚନ୍ଦ୍ରମୋହନ ବାବୁଙ୍କର ଅତିବଗଜଡ଼ିତ କଣ୍ଠ ଭାଷା ପାଉ ନାହିଁ । କୁଳ, ମାନ, ମର୍ଯ୍ୟାଦା, ବଂଶର ମହିମା ଉପରେ

ପିତାର ସ୍ୱାର୍ଥ ସାଧାରଣତଃ ଏକମାତ୍ର ପୁତ୍ର ମଣିମନ୍ୟୁର ସ୍ୱାର୍ଥ ଓ ମଙ୍ଗଳ ତଳେ ବିଲୟ ହଇଥାଏ । କିନ୍ତୁ ଆଜ ଯେପରି ସମାଜର ସ୍ୱାର୍ଥ, ପିତାର ପ୍ରାପ୍ୟ, ଦୁନିଆର ଅଧିକାର, ଚନ୍ଦ୍ରମୋହନ ବାବୁଙ୍କର ଆଗରେ ବିରାଟ ପ୍ରଶ୍ନଚିହ୍ନ ଧରିଛି । ମାଆର ଉତ୍ସଙ୍ଗ-ଶାୟିତ ମଣିମନ୍ୟୁ ଆଜି ଶିଶୁ ନୁହେଁ; ସେ ଯୁବକ । ଉଚ୍ଚଶିକ୍ଷା, ମହତ୍ ଚରିତ୍ର, ସୁନାମ ସବୁ ତାର ହାତମୁଠାରେ । ତଥାପି ଚନ୍ଦ୍ରମୋହନ ବାବୁଙ୍କର ଭାବନାର ଅନ୍ତ ନାହିଁ । ସ୍ତ୍ରୀ ନନ୍ଦିନୀଙ୍କର ବାରମ୍ବାର ଅନୁରୋଧ 'ଏଇଥର ପୁଅକୁ ବାହାକର, କେତେଦିନ ସେ ଏମିତି ବାୟା ବାତୁଳ ହେଉଥିବ ?'

ରିକ୍ସାବାଲା ରିକ୍ସାଟିକୁ ଧୀରେ ନୁଆଁଇ ରାସ୍ତାକଡ଼ରେ ରଖି ଧୂଆଁ ପତ୍ର ପିକାରେ ନିଆଁ ଧରେଇଲା । ମଣିମନ୍ୟୁ ଟିକିଏ ଅସ୍ୱସ୍ତି ଭାବ ଦେଖାଇ କହିଲା—

'ଟ୍ରେନ୍—ଟାଇମ୍‌ବେଳ ହୋଇ ଗଲାଣି ।' ଚନ୍ଦ୍ରମୋହନ ଏଇ ସୁଯୋଗ ଖୋଜୁଥିଲେ, କହିଲେ—

'ମଣି, ଆଉ କେବେ ଆସିବୁ ?'

'ଏଥଣି ତ ଛୁଟି ନାହିଁ; ଛୁଟି ହେଲେ, ଆସିବି ।' ଆଉ ଟିକିଏ କଣ୍ଠର ଜଡ଼ତା ଦୂର କରି ଚନ୍ଦ୍ରମୋହନ କହିଲେ—

'ଭଲକଥା; ହଲ୍‌ରେ ତୋଉ ତୋର ସଦାବେଳେ ଅଶୃଙ୍ଖଳ ବୁହାଇଲା । ଯେଉଁଠି ତାହାର ପୁଅ ଚୋହି ମଦର ପିବାର ଦେଖିଲା ସେଇଠି ମୁଣ୍ଡ ବାଡ଼େଇ କାନ୍ଦିଲା । ସେଉଁଠାରୁ ସମ୍ବନ୍ଧ ଅଛୁଟ, ମୁଁ କହୁଛି ପୁଅର ବର୍ତ୍ତମାନ ବୟସ ଭରି ବାଲୁ କଟା ନାହିଁ । କିନ୍ତୁ ଅସଲ କଥା ମୁଁ ଯେତେ ଲୁଚାଇଲେ କଅଣ ଅଲକ୍ଷ୍ୟ ରହିବ ନା ରହୁଛି ? ତୁ ଅକୁଳକୁ ବୀଅ ଆଣିଲେ

ମୋର ମାନ ମହତ୍ତ୍ୱ କେଉଁଠି ରହିବ ? ପୁଅ ଜନ୍ମ କର ବାଜା, ରୋଷଣୀ, ବେଦୀ ଉପରେ ହୋମ, ବନ୍ଧୁପ୍ରୀତି, ଦୁବଗ୍ରହଣ ଆଉ ଦେଖି ପାରିବି ନାହିଁ ? ନାତିନାଣ ତଳେ ପଡ଼ିବ କିମ୍ବା ?'

ରାତି ସରିଆସିଲା । ମଣିମୟ ପ୍ରୟାସ କଲା ଉତ୍ତର ଦେବାକୁ । କିନ୍ତୁ ଅସବର୍ଣ୍ଣ ସ୍ତ୍ରୀଅ ସହିତ ତାର ବିବାହ ପ୍ରସଙ୍ଗ ନିଜର ପିତା ସହିତ ପ୍ରଶ୍ନୋତ୍ତର ଛଳରେ ଆଲୋଚନା କରି-ବାକୁ ତାର ଇଚ୍ଛା ନ ଥିଲା । ବାଧ୍ୟ ହୋଇ ସେ କହିଲା—

'ମୁଁ ଯାହା ଠିକ୍ କରିଛି ତାହା ଭବିଷ୍ୟତରେ ପ୍ରମାଦ ଆଣିଲେ ବି ସତ୍ୟର ଅପଲାପ କରିବି ନାହିଁ, କେବେ ସେଥିରୁ ବାହାରି ଯିବି ନାହିଁ । ସମାଜ, କୁଳ, ମାନମର୍ଯ୍ୟାଦା ଅପେକ୍ଷା ମୁଁ ଦୁଇଟା ପରସ୍ପର ଅନୁରକ୍ତ ପ୍ରାଣୀର ଜୀବନକୁ ବଡ଼ ମନେ-କରେ ।' ଚନ୍ଦ୍ରମୋହନଙ୍କର ହୃଦୟର ସହନ-ବନ୍ଧ ଭାଙ୍ଗିଗଲା—

'ତେବେ ମୁଁ ଏଥିରୁ ବୁଝୁଛି ସେ ତତେ ଜାଡ଼ୁମନ୍ତ୍ର କରି, ହାତମୁଠାରେ ରଖି ସାରିଲାଣି ।

'ପ୍ରାଣ ବିନିମୟ ବା ଅନ୍ୟ କଥାରେ ଭଲ ପାଇବାକୁ ଯଦି ଜାଡ଼ୁଗୁଣି ବା ହାତମୁଠା କୁହାଯାଏ, ତେବେ ତାହାହିଁ ହେଉ ।'

ଚନ୍ଦ୍ରମୋହନ ଅପମାନିତ ହେଲେ । ବାପ ହେଉ ବା ପୁଅ ହେଉ, ଯେଉଁଠି ନିଜର ସ୍ୱାର୍ଥ ସହିତ ଅନ୍ୟ ଲୋକର ବଳିଷ୍ଠ ବ୍ୟକ୍ତିତ୍ୱର ସ୍ୱାର୍ଥର ସଂଘର୍ଷ ହୁଏ, ସେଇଠି ହିଁ ଦୁର୍ବଳ ହିଁ ଅପମାନ ଅନୁଭବ କରେ । ଶୁଦ୍ଧ ଭାବର ସୀମା ଲଙ୍ଘନ ଯେ ମଣିମୟ କରି ସାରିଛି, ତାହା ସେ ସମ୍ପୂର୍ଣ୍ଣ ବୁଝିପାରିଲେ । ତିକ୍ତ ନୀରବରେ ପ୍ରାୟଶ୍ଚିତ୍ତ କଲେ କେବଳ

ଦେଇ ଚନ୍ଦ୍ରମୋହନ ମଣିମୟୀସଙ୍ଗରେ ପ୍ଲାଟ୍‌ଫର୍ମ ଉପରେ ଓହ୍ଲାଇଲେ । କିନ୍ତୁ ପରକ୍ଷଣରେ କ'ଣ ଭାବି ଛିଡ଼ାହୋଇ ପଡ଼ି କହିଲେ—

'ନା…ମୋର ତୋ ସଙ୍ଗରେ ଯିବାର ଦରକାର ନାହିଁ । ତୁ କୁଳର କଳଙ୍କ । ଏ ଉଡ଼ମନ୍ଦର ଭାଠୁ କରିବା ଭଳି ଅନ୍ୟ ଉଡମନ୍ଦର ଅନୁସନ୍ଧାନରେ ମୁଁ ବାହାରିଲି ।'

ପିତାର ପାଦଧୂଳି ନେବାର ଅବସର ମଣିମୟୀର ନ ଥିଲା ।

ଏତକ କହି ପାଗଳଟି ହସିଲା । ଜୀବନରେ ବହୁବାର ବହୁବାର ସୁଖୀ ଦୁଃଖୀର ହସର ପ୍ରସ୍ରବଣ ମୁଁ ଶୁଣିଛି । ମାତ୍ର ମ୍ୟୁନିସିପାଲିଟି ଆଲୁଅ ଖମ୍ବକୁ ଆଉଜି ନେଇ ଅଦ୍ଭୁତ ଲୋକଟି—ଲୋକ ନୁହେଁ ତ—ଲୋକଙ୍କ ଆକୃତି ମାତ୍ର—ଛିଡ଼ା ହୋଇଛି, ସେ ଯେତେବେଳେ ହସିଲା ମୁଁ ଭୟ କଲି ବାଟେ ଲ୍ୟାମ୍ପକାଚ ତାର ମୁଣ୍ଡ ଉପରେ ଅଜାଡ଼ି ହୋଇ ପଡ଼ିବ । କିନ୍ତୁ ଲୋକଟି ହଠାତ୍ ଏ ଭଳି ମର୍ମଫଟା ହସକୁ ସମ୍ଭାଳି ନେଲା । ଜୁଆର ଅପସୃତ ହେଲେ ବେଳାଭୂମି ଯେମିତି ଦୁର୍ବଳ ହୋଇଯାଏ, ବେପଥୁ ମ୍ୟାଲେରିଆ ରୋଗୀର ଦୋହଲା ଶରୀରକୁ କମ୍ପ ଛାଡ଼ିଗଲେ ସେ ଯେପରି ଅବସନ୍ନ ହୁଏ, ସେହିଭଳି ଏ ଲୋକଟି ମ୍ରିୟମାଣ ହୋଇ ଲାଇଟ୍ ଖୁଣ୍ଟ ତଳେ ବସିପଡ଼ିଲା ।

ସେତେବେଳକୁ ସୀମନ୍ତିନୀ ସଞ୍ଜବତୀ ଥୋଇ ଦେଇଛି ବୃନ୍ଦାବନ ଉଦ୍ଦେଶ୍ୟରେ । ଲୋକଟିକୁ ହଲେଇ ଦେଇ ଡାକିଲି—

'ମୋ ଘରକୁ ଯିବ ଆସ'

ତାର ଚକ୍ଷୁ ଦୁଇଟି ମୁଦ୍ରିତ ଥିଲା । ପ୍ରଗାଢ଼ ଉତ୍ତେଜନା ତାର ଶରୀରର କୋଷିକା ଗୁଡ଼ାକୁ ହଟେଇ ଦେଇଥିଲା । ଆଉ ଟିକିଏ…ମୋ ଡାକରେ ସେ ଚମକି ଉଠିଲା ।

'ଘର'

'ହଁ ମୋ ଘରକୁ ଆସ । ଶୀତରେ ଥରିଲଣି ! ଶୀତଟା କଅଣ ଏଇଠି କଟାଇବ ଏଇ ଗଛ ମୂଳେ ? ସେଇ ଦୃଷ୍ଟି— ସ୍ଥିର ଏବଂ ଶୂନ୍ୟ ଦୃଷ୍ଟି ।

'ମୁଁ କଅଣ ପାଗଳ'

'ମୁଁ ତ କହୁନାହିଁ ?' କହିଲି ।

'ମୁଁ ତ ତୁମକୁ କେତେ କଥା କହିଲିଣି କେଉଁଠି କଥାରେ ପାଗଳାମି ଦେଖିଛ ? କେଉଁଠି କଥା ସହିତ କଥା ଖାପ ଖାଉନାହିଁ କହିଲ ? କିନ୍ତୁ ମୁଁ ପାଗଳ, ମତେ ଏପରି ଅଭିନୟ କରିବାକୁ ହେବ, ମୁଁ ସୁଖପାଏ । ଏଇ ପାଗଳାମିରେ ତା ସହିତ ମୁଁ କଥାବାର୍ତ୍ତା କରେ—ନା, ନା, ମୁଁ ଯେ ତା ଘରକୁ ଯାଏ ତା' ନୁହେଁ, ମନରେ ମନରେ, ତା ସାଙ୍ଗେ କଥାବାର୍ତ୍ତା କରେ । ଏମିତ କଥାବାର୍ତ୍ତା କଲାବେଳେ ମୁଁ ସବୁଦିଗକୁ ମନ ଦେଇପାରେନି । ପିଲାଏ ଢେଲା ଫୋପାଡ଼ନ୍ତି । କୁକୁର ଲଞ୍ଜିପିଛି ଭୁକେ । ବାୟାଟାଏ ଯାଉଛି ବୋଲି ଲୋକେ କୁହାକୁହି ହୁଅନ୍ତି ।'

ଏ ସ୍ରୋତ ଯଦି ମୁଁ ବନ୍ଦ ନ କରେ ଆଉ ତାକୁ ଘରକୁ ନ ନେଇ ଟିକିଏ ସୁସ୍ଥ ନ କରେ ତେବେ ଗୋଟାଏ ଛତଫଟା ହସ ବା କାନ୍ଦଣା ମତେ ସମ୍ଭାଳିବାକୁ ପଡ଼ିବ । ହାତ ଧରି ଲୋକଟିକୁ ମୋ କାନ୍ଧ ଉପରେ ଆଉଜାଇ ଧୀରେ ତୁମାର ଘର ଆଡ଼କୁ ଚଳେଇ ନେଲି ।

—୨—

ପିତାର ପାଦଧୂଳି ନେବାର ଅବସର ଯଦିଓ ମଣିମାଙ୍କର ସେତେବେଳେ ନ ଥିଲା, ତଥାପି ସେ ବୃଦ୍ଧଥିଲା ପିତାମାଙ୍କ

ଅସନ୍ତୁଷ୍ଟ ହେଲେ ବା ମତ ନ ଦେଲେ ତାର ବିବାହ-ପୁଷ୍ପରେ କୀଟ ହୁଏ ତ ଦଂଶନ କରିପାରେ । ଏଥର ସେ ନିଶ୍ଚୟ ଦୁଇଜଣଙ୍କୁ ବୁଝାଇବ; ତାଙ୍କର ମତ ନେବ । ଏହି ଅଭିପ୍ରାୟ ନେଇ ମଣିମୟ ଚାହିଁଲା ରୁଗ୍ଣ ପିତାର ପ୍ରୀତିବିଧାନପାଇଁ ।

ଚାରିପାଞ୍ଚ ଦିନ ଘରେ ରହିଲା ପରେ ସେ ଲକ୍ଷ୍ୟ କଲା ଗୋଟାଏ ଅଦ୍ଭୁତ ଘଟଣା । ଦିନକୁ ଦିନ ତାର ମନ ଶଙ୍କାକୁଳ ହେଲା । ଦିନେ ଦ୍ୱିପହର ବୋଉକୁ ପଚାରିଲା—

'ବୋଉ, ମୋ ଗାଧୋଇବା ଗାମୁଛାର ଗୋଟାଏ କାଣରେ ସିନ୍ଦୂର ମେଞ୍ଚାଏ କେଉଁଠୁ ଲାଗିଛି ?'

ନନ୍ଦିନୀ ଦେବୀ ଦହି ମୁହାଁଉଥିଲେ । ଦହିଣୁଆରୁ ଲହୁଣୀ କାଢୁ କାଢୁ କହିଲେ—

'ମ···ଅ···ସିନ୍ଦୂର ଗୁଡ଼ାଏ କେଉଁଠୁ ଆସିବ ମ ? ଏ ପୁଅ ଯାହା ଅଲ୍ଲୁଅଲ୍ଲା କଥା କହେ । କିଏ ମୁହଁ ପୋଛି ଦେଇଥିବ ? ଘରକୁ ତ କେତେ ଝିଅ ମାଇପେ ଆସୁଛନ୍ତି ।'

ମଣିମୟର ଆଶଙ୍କା କିଛିଦିନ ପାଇଁ ଦୂର ହେଲା । ବୋଉର କୈଫିୟତ୍ ନିହାତି ଯେ ଅବିଶ୍ୱାସ ଯୋଗ୍ୟ ଏପରି ନୁହେଁ । ହୁଏ ତ ତାହା ହୋଇପାରେ ।

ଏତିକି କହି ପାଗଳ ପୁଣି ଅଉଥରେ ହସିଲା । ମୋର ନିଜ ବାହଣା ଉପରେ ତାକୁ ସୁସ୍ଥକରିବା ପାଇଁ ମୁଁ ଶୁଆଇ ଦେଇଥିଲି । ଯେଉଁଠି ଦୁଷ୍ଟପିଲାମାନେ ଢେଲାମାଡ଼ କରି ଖଣ୍ଡିଆ କରିଦେଇଥିଲେ, ସେଇ କ୍ଷତଥାଗା ଗୁଡ଼ାକରୁ ମୁଁ ଗାମ୍ଛାର ନାଳିଆଳି ଗଣ୍ଡେ ବୋରିକ ତୁଳାରେ ବାହାର କରି ଆଣିଥିଲି । ତାହା ହିଁ ଦେହର ବିଷକୁ ଅଭିଯୋଗ ଜଣାଉଛି । ଏ ହସ ମୁଁ ସହ୍ୟ କରିପାରୁ ନ ଥିଲି । କହିଲି—

'ତମେ ଏ ହସିବା ଶିଖ'

'ଛାଡ଼ିବା ମୋର ଅଭ୍ୟାସ, କିନ୍ତୁ ଏଇଟାକୁ ମୁଁ ଛାଡ଼ି ପାରୁନାହିଁ । କାହିଁକି ଜାଣ ? ସେ ମୋର ହସିବା ଭାରି ଭଲପାଏ । ମୁଁ ହସିଲେ କେଜାଣି ମୋର ଗୋଲାପ ଅଧର ଜମିଯାଏ । ସେ ବଡ଼ ସୁଖ ପାଏ । କୁହନ୍ତି—ଏ ଓଠରେ ଆଉ ଗୋଲାପର ରଙ୍ଗ ଅଛି ?' ଏହା କହି ସେ ନିଜର ଅଧର ମଟେଇ ଦେଖାଇ ଦେଲା । କେଉଁ କାଳରୁ ହୁଏତ ମୁହଁରେ ଦାନ୍ତକାଠି ବାଜିନାହିଁ । ବିଡ଼ି ପିଇ ପିଇ ଓଠ ଦୁଇଟା କଳା ପଡ଼ିଗଲାଣି । ପାଗଳାକୁ ତୃପ୍ତ କରିବା ପାଇଁ ମୁଁ କହିଲି—

'ଅଛି—'

ସେ ହସିଲା; କିନ୍ତୁ ଏଇଟା ବାସ୍ତବିକ୍ ତୃପ୍ତିର ହସ—ପୂର୍ବପରି ଉତ୍କଟ ନୁହେଁ । କହିଲା—

'ଅଛି ? ମୁଁ ଜାଣେ, ତା କଥା ଅନ୍ୟଥା ହୋଇ ନ ପାରେ ।'

— ୪ —

ମଣିମୟୂରର ଆଶଙ୍କା ଏଭଳି ଅପ୍ରତ୍ୟାଶିତ ଘଟଣାରେ ବଢ଼ିବାକୁ ଲାଗିଲା । ଦିନେ ନୁହେଁ ଦୁଇଦିନ ନୁହେଁ ସାତଦିନ ପର୍ଯ୍ୟନ୍ତ ସିନ୍ଦୂର ମେଞ୍ଚାଏ ମଣିମୟୂରର ବ୍ୟବହାର୍ଯ୍ୟ ଜିନିଷରେ ଲାଗିଲା । ଅସନ୍ତୁଷ୍ଟ ଭାବରେ ମଣିମୟୂ ଦିନେ ବୋଉକୁ ଡାକି କହିଲା—

'ଗାମୁଛାରେ ଲାଗୁଥିଲା ଏବେ ପିନ୍ଧା ଲୁଗାରେ ବି ଲାଗିଲାଣି, ଯାର ଅର୍ଥ ତ ମୁଁ କିଛି ବୁଝିପାରୁ ନାହିଁ । ଏତେ ସିନ୍ଦୂର ଆସୁଛି ବା କେଉଁଠୁ ?'

ନନ୍ଦଣା ଦେବୀ କଷାୟିତ ଚକ୍ଷୁରେ ଥରେ ମଣିମୟୂକୁ ଚାହିଁ କହିଲେ—

'କେଙ୍କାଣି କେଉଁଠୁ ଆସୁଥିବ । ଗାମୁଛାରେ ସିନା ମୁଁ ଥରେ ଦି ଥର ବିମଳାଙ୍କ ଫୁଲ ସିନ୍ଦୂର ବାନ୍ଧି ଆଣିଥିଲି ବୋଲି ଲାଗିଥିଲା, ଏବେ ତ କଉଁଠୁ ଲାଗିଲା ମୁଁ କଅଣ କରିବ ?'

'ବାହାତ ହେଲୁନାହିଁ । ବୁଢ଼ା ହେଲୁ, ତାହାର ବାରି ପଦାର ହେଉଥିବୁ, କେଉଁଠି କଅଣ ଲାଗୋଇଛୁ ମନେ ଅଛି କହୁଛୁ କିଆଁ ? ବେହିଅଁରିଏ ମୋ ପାଖେ ଦେଖାନେଇଁ ।'

((ଭୌତିକ ଜଗତର ସମସ୍ତ ବିଦ୍ୟୁତ୍ ଶକ୍ତି ଏକସଙ୍ଗେ ଠୁଳ ହୋଇ ଯଦି ଗୋଟାଏ ଲୋକର ଦେହରେ ପ୍ରବେଶ କରେ, ଏବଂ ମୃତ୍ୟୁ ପୂର୍ବରୁ ସେ ଲୋକ ଯେପରି ଭୀଷଣ ଭାବରେ ଚମକି ପାଉଥିବ, ସେହିଭଳି ଚମକି ମଣିମୟୀର ଅନ୍ତରାତ୍ମା ଅନୁଭବ କଲା । ବିମାତା ହୋଇଥିଲେ ସେ ସେଇ ମୁହୂର୍ତ୍ତରେ ନନ୍ଦନୀ ଦେବୀଙ୍କୁ ପାଦ ପ୍ରହାରରେ ଗଡ଼ାଇ ପାରିଥାନ୍ତା; କିନ୍ତୁ ତାଁତ ସେ କରି ପାରିବ ନାହିଁ । ସେ ଯେ ନିଜେ ଜନ୍ମଦାୟୀ))

ତାର ପର ଘଟଣା ସବୁ ଅଦ୍ଭୁତ ଅମାନୁଷିକ । ଭାତରେ ଛିଣ୍ଡାକନା, ପଞ୍ଜାବୀ ପକେଟ୍‌ରେ ଅଡ଼ୁଆ ବାଳ, କୋଠା ଭିତରେ ଶୁଖିଲା ଚେର ମଣିମୟୀ ଦିନକୁ ଦିନ ଆବିଷ୍କାର କଲା । ପରିସ୍ଥିତି ଭଲ ନୁହେଁ ଭାବି ସେ ଛୁଟି ନ ପୂରୁଣୁ ଫେରି ଗଲା ନିଜର କର୍ମସ୍ଥଳକୁ ।

ଏତକ କହି ପାଗଳ ଗରମ ଦୁଧ ଗ୍ଲାସ୍ ପାଟିକୁ ନେଲା । ସେ ଟିକିଏ ସୁସ୍ଥ ହୋଇ ପାରିଛି ।

ହଠାତ୍ କାଚ ଗ୍ଲାସଟି ଟେବୁଲ ଉପରେ ଥୋଇ ଦେଇ ଟିକିଏ ଘୁଞ୍ଚିଆସି ସେ ପଚାରିଲା—

'ରାଞ୍ଚି ସହର ଦେଖିଛ ?'

ପୁଣି ଏକ ନୂଆ ରକମ ପାଗଳାମି ଭାବି ମୁଁ ଚେଷ୍ଟାକଲି ତାର ପ୍ରଶ୍ନର ଯଥାଯଥ ଉତ୍ତର ଦେବାକୁ ।

'ଦେଖିଛି'

'ଝାଙ୍କେ ହାସ୍ପାତାଲ୍ ଦେଖିଛ ?'

'ଭିତରକୁ ଯାଇନାହିଁ, ବାହାରେ ଯାହା ଦେଖିଛି ।'

"ମୁଁ ଭିତରକୁ ଯାଇଥିଲି । ଶୁଣି ଆହୁରି ଖୁସି ହେବ ଯେ ବାପ ମା ବି ମୋ ସାଙ୍ଗେ ସାଙ୍ଗେ ଯାଇଥିଲେ । ମୋର ବାହାଘର ଲୁଳର କନ୍ୟା ସନ୍ଧାନ ହୋଇଥିଲା । ସେଇ ହାସ୍ପାତାଲରେ । କନ୍ୟା କିଏ ଜାଣ ? ବାପ ମାଙ୍କର ପ୍ରଦତ୍ତ ଓ ମୋ ଅନିଚ୍ଛା ପ୍ରସୂତ ପାଗଳାମି । ସେଇ ମୋର ସ୍ତ୍ରୀ ! ।"

ଏ ଲୋକ ସୁସ୍ଥ ହେବା ଦୂରେ ଥାଉ ଆହୁରି ଅବସ୍ଥା ଖରାପ ହେଉଛି ଭାବି ମୁଁ ତାକୁ ଶୁଆଇ ପକାଇବାକୁ ଚେଷ୍ଟା କଲି । କିନ୍ତୁ ସେ କହିଲା—'ମୋ କଥା ଆଉ ଶୁଣିବ ନାହିଁ ?'

ମୁଁ ହସି ହସି କହିଲି—'ହଁ ଶୁଣିବି, ତେବେ ଆଜି ଏତିକି ଥାଉ ।'

'ନା, ନା, ଆଉ ଟିକିଏ ବାକି ଅଛି; ଅନାଥ ଆଶ୍ରମ କଥାଟା ତୁମକୁ କହି ନାହିଁ । ତାର 'ଜୀବନରେ ଗୋଟାଏ କାମନା ଅଛି—ଗୋଟିଏ ଅନାଥ ଆଶ୍ରମ ଖୋଲିବାକୁ ମନେ କରୁଥିଲା ମୁଁ ଭୁଲି ନାହିଁ ।'

ସବୁବେଳେ ତାହାର କଥା, ସଙ୍ଗୋପନେ ତାର ଚିନ୍ତା, ତାରି ଭାବ, ତାର ନାମ ନାହିଁ ପାଗଳକୁ ଅଜଣାଏ ବାନ୍ଧି ରଖିଛି । ମୋର ଅସ୍ମା ଉପର କହୁଥାଏ କହିଦେବା ପାଇଁ— 'ମୁଁ ଭୋଳାଇ ଦେବି, ଶାନ୍ତାକର ନାହିଁ'—କିନ୍ତୁ ତାର

ବାଗ୍‌ଦତ୍ତା ସ୍ତ୍ରୀ ଯଦି ମୋର ସାହାଯ୍ୟ ଗ୍ରହଣ କରିବାକୁ କୁଣ୍ଠା ମନେକରେ । ହେଉ ପଛେ ମୁଁ ପ୍ରତାରିତ ହେବି । ଏ କାର୍ଯ୍ୟ ପଛରେ ସମାଜର ଅର୍ଗଳରେ ଚୂର୍ଣ୍ଣ ବିଚୂର୍ଣ୍ଣ ଦୁଇପ୍ରାଣର ଦୁଃଖ କାହାଣୀ ଲିପିବଦ୍ଧ ହେଉ ଏହାହିଁ ଈଶ୍ୱରଙ୍କୁ ଜଣାଇ କହିଲି ।

'ମୁଁ ପ୍ରତିଜ୍ଞା କରୁଛି ମୁଁ ତୋଲାଇ ଦେବି ।'

ମୋର ଏ କଥା ପାଟିଭିତରୁ ବାହାରୁ ନ ବାହାରୁ ପାଗଳ ମନେ ଯୁକ୍ତ ଆଶ୍ଳେଷରେ 'ବନ୍ଧୁପଣ' ବାନ୍ଧି ରଖିଲା । ତାର ବନ୍ଧନରୁ ନିଜକୁ ମୁକୁଳାଇବା ମାତ୍ରେ ସେ ଆନନ୍ଦରେ କହିଲା—

ତେବେ ମୁଁ ଖୁସିଲି, ଓଃ କି ଆନନ୍ଦ ମୋର !' ଏତକ କହି ସେ ନାଚି ନାଚି ସେଇ ଅମା-ଅନ୍ଧାରରେ ଗୋଡ଼ ବଢ଼େଇ ଦେଲା ବାହାର ପ୍ରାଙ୍ଗଣକୁ ।

ମନେ ମୋର ପଡ଼ିଗଲା ଆଉ ଗୋଟିଏ କଥା ପାଗଳକୁ ପଚାରିବାର ନାହିଁ । ଏ ଆଶ୍ରମର କି ନାମକରଣ କରିବି ?

ଦଉଡ଼ିଯାଇ ପାଗଳର କାନରେ ହାତ ପକେଇ କହିଲି— 'ଅନାଥ ଆଶ୍ରମ ତିଆର କରି କି ନାଆଁ ଦେବି ? ଆଶ୍ରମ ତିଆର କରିବାକୁ ଅଧିକାର ପାଇଛୁ ସିନା, ନାମକରଣ କରିବାକୁ ଅଧିକାର ତ ଏତେବେଳଯାଏ ପାଇନାହିଁ ? ପାଗଳ ଟିକିଏ କଅଣ ଭାବିଲା । ହୁକୁମ୍‌ବରଙ୍କର ମତେ ଆଦେଶ ଦେଲା—'ଘରୁ ଆଲୁଅ ଆଣ ।' ମୁଁ ଆଲୁଅ ଆଣିଲି । ସେତେବେଳକୁ ଖରବନା ଲେଙ୍ଗି ଖଣ୍ଡି ଝଡ଼ବାତର ପଟ୍ଟିରୁ ଉପରୁ ପାଗଳ କାଢ଼ି ଦେଇଛି ! ପୁଣି ସେ କହିଲା—'ଆଲୁଅ ଧରି ପାଖକୁ ଦେଖ ।' ମୁଁ ଚିହ୍ନିଲି ।

'କଅଣ ଲେଖା ହୋଇଛି ?'

ଲାଲବାଲରେ ଦୁଇଟି ଗୋଲ୍ ଗୋଲ୍ ଅକ୍ଷର ଅକ୍ଷରର ରକ୍ତିପାତରେ ପାଗଳର ଘାତ ଉପରେ ଝଲସି ଉଠିଲା । ଅକ୍ଷର ଦୁଇଟି 'ସ୍ନେହ'…

ମୁଁ ବଡ଼ ପାଟିରେ ଉଚ୍ଚାରଣ କଲି—'ସ୍ନେହ ।

ପାଗଳ ମଥା ନୁଆଇଁ କିଛି କ୍ଷଣ ସ୍ତବ୍ଧ ହୋଇ ରହିଲା । ମୁଁ ପଚାରିଲି—

'ତେବେ କଅଣ ଏଇ ନାଁଅ ଦେବ ?' ଅତନ୍ତ୍ର ଜୀବନର ଆବେଗ ପରି ଆବେଗ ଦେଇ ପାଗଳ କହିଲା, ତା ସଙ୍ଗରେ 'ବାଧି' ଯୋଗ କରବ । ହିଁ—ଅକ୍ଷର ଦୁଇଟି ଜକ୍‌ଜକ୍ ଦଶୁଛି ତ ? ସେଇ ଅକ୍ଷର ଯୋଡ଼ିକ ପୁରୁଣା ରକ୍ତରେ ଲେଖା । ଏବେ ଆଉ ମତେ ପିଲାଏ ବେଶୀ ଛେଙ୍କା ପିଙ୍ଗୁ ନାହାନ୍ତି । ଥରେ ଗୋଟାଏ ପିଲା ଖାଇବା ହାତ ଜାଣିଅଙ୍ଗୁଠି ଟାକୁ ଛେଚା-ମାଡ଼ରେ ଫଟେଇ ଦେଲା । ରକ୍ତ ବହି ଯାଉଥାଏ । ଅକାରଣ ଏ ଗୁଡ଼ାକ କାହିଁକି ବୋହିଯିବ ଭାବି ସେଇ ରକ୍ତରେ ମୋ ଘାତ ଉପରେ ତା, ନାଁଅ ଲେଖି ଦେଇଥିଲି ।

ଏତକ କହି ଘନ ତମିସ୍ର ଦେହରେ ପାଗଳ ଧୀରେ ଅଦୃଶ୍ୟ ହୋଇଗଲା ।

ଯେଉଁଠି ଛୁଆ ହୋଇଥିଲି ସେଇଠି ଛୁଆ ହୋଇଥାଏ ମୁହଁରୁ ଖାଲି ଅସ୍ପଷ୍ଟ ସ୍ୱରରେ ବାହାରୁଥାଏ—'ସ୍ନେହ-ବାଧି'—

ମୋର ସ୍ତ୍ରୀ ବନୀତା ଖଟ ଉପରୁ ଓହ୍ଲାଇ ଆସି ମତେ ହଲାଟାଏ ଦେଇ କହିଲେ—

'ଏ କଅଣମ ? କେଉଁଠି କିଛି ନାହିଁ ବାସ୍ତୁ ପରି ଖଟ ଉପରୁ ଧଡ଼ କିନା ଓହ୍ଲାଇ ଆସି 'ସ୍ନେହ' 'ସ୍ନେହ'

କଅଣ ହେଉଛୁ ମ ? ବିମିତ ମଣିଷ ମ ? ଜାଣା ପଡୁଛି । ମୁଁ ଭୟରେ ଜଡ଼ ହୋଇ ଗଲିଣି । ଶୁଣୁଛ ?'

ପୁଣି ଆଉ ଝିଙ୍କାଏ—

ମୋର ଜ୍ଞାନ ଫେରି ଆସିଲା । ବାସ୍ତବରେ ମୁଁ ମୋର ଘର ମଝିରେ ଛିଡା ହୋଇଛି । ତେବେ କଅଣ ସ୍ୱପ୍ନ ? ସେ ପାଗଳ ବାସ୍ତବରେ ନାହିଁ ?

ବନୀତାର ହାତ ଉପରେ ମୋର ସ୍ୱପ୍ନଜାତ ଅଶ୍ରୁକଣାଏ ଢଳିପଡ଼ିଲା । ବନୀତାର ସ୍ୱର ଅଭିମାନ ଭରା—

'ଏ କଅଣ ? ତମେ କାନ୍ଦୁଛ କିଆଁ ?'

କୃଷ୍ଣ ଚତୁର୍ଦ୍ଦଶୀ ରାତିର ଆକାଶକୁ ଚାହିଁ ବିକଳ ଭାବରେ ମୁଁ ଉତ୍ତର ଦେଲି—

'ଦୁନିଆରେ କାନ୍ଦିବାଟା ବଡ଼ କଷ୍ଟର କଥା ନୁହେଁ, ବନି !'

# ଗୋର-କବର

( ଏକ )

ଅପୂର୍ବ ଅନୁରାଗର ପାଟଳମାରେ ହଜିଯାଉଛି ମୋର ଆତ୍ମା । ଯେଉଁପାଇଁ ଜଞ୍ଜାଳକ୍ଷୁବ୍ଧ ଅସ୍ଥାଣ୍ଟି ମୋର ନିମିଷକେ ପାଉଛି ଅବସର; ଏକଚ୍ଛତ୍ର ହୋଇଛି ଜାଲ୍ପ୍ରୁ ।

ଆକାଶର ରକ୍ତାଞ୍ଜନ ତଳେ ଗୋଧୂଳିର ଶୋଭାକୁ ଦେଖି ସେଦିନ ବୋଧହୁଏ ମୁଁ ଟିକିଏ ମ୍ରିୟମାଣ ହୋଇଯାଇଥିଲି । ଶୂନ୍ୟକୁ ଚାହିଁ ସ୍ଥବିର ସୂର୍ଯ୍ୟକୁ ମୁଁ ପଚାରୁଥିଲି; ଗୋଧୂଳିକୁ ଜଣାଉଥିଲି ବିଦାୟ ନମସ୍କାର ।

ପାଣି କାଟି ନୌକାଟି ବେଶ ଚାଲୁଥିଲା । ପାଣିସ୍ରୋତର ଭିତରୁ ଭ୍ରାମ୍ୟମାଣ ଗୋଟାଏ ଅଶ୍ୱତ୍ଥପତ୍ରକୁ ଗୋଟାଇ ନେଇ ହୁଏତ ସେଇଟିକୁ ମୁଁ ନିରେଖୁଥିଲି ଅଉ ଭାବୁଥିଲି କିପରି ଦିନେ ଭଗବାନ ଗୋଟାଏ ସାମାନ୍ୟ ଅଶ୍ୱତ୍ଥ ପତ୍ରର ପୃଷ୍ଠରେ ନାରାୟଣ ପହଁରିଯାଉଥିଲେ ଜଳଧିର ଲହରମାଳରେ ।

ମହାନଦୀର ପାଣି, ଗାଢ଼ ନୀଳ ଅଥଚ ସ୍ୱଚ୍ଛ । ଉପରେ ପ୍ରଶାନ୍ତ ନୀଳ ଆକାଶ, ତଳେ ନୀଳ ଜଳର ଭଣ୍ଡାର—ତାହା ଯେପରି ପରିପୂର୍ଣ୍ଣ ସମାରୋହରେ ରହିଛନ୍ତି କେଉଁଠି ହେଲେ ତାର ସ୍ଥିତିର ବିପର୍ଯ୍ୟୟ ଘଟିନାହିଁ ।

ଶିବଲିଙ୍ଗର ଅଖଣ୍ଡ ପଞ୍ଚାମୃତ, ହରପାର୍ବତୀଙ୍କର ବିଲ୍ୱଦଳଶୋଭିତ ହୁଏତ ସେଇ ଜଳରାଶିର ମହା ବିସ୍ତୃତ ଉପରେ ଚହଲ ଚହଲ ଭାସି ଆସୁଛି । ଧବଳେଶ୍ୱର ଦର୍ଶନରେ ମୁଁ ହୋଇଥାଏ ଅନ୍ୟମନସ୍କ; ଫେରୁଥିଲି ତାଙ୍କର ପୀଠରୁ ।

ଗୋରି-କବର ବକ୍ଷରେ ଗୋଟାଏ ମହାଦ୍ରୁମର ଶୀର୍ଷରେ ଝୁଲିପଡ଼ିଛି ବାଦୁଡ଼ିଟିଏ । ଗାଢ଼ ତମିସ୍ର ଦେହରେ ସେଇଟି ମିଳାଇଯାଇଛି ।

ଗୋରି-କବର ! ଶବ-ସମାଧିର ନିରୂପିତ ସ୍ଥାନ ମଣିଷକୁ ନିରୂପଣ କରୁଛି । ମଣିଷର ଶବଶଯ୍ୟା ପାଇଁ ମଣିଷ ଭାବିନେଇଛି, ତା ପାଇଁ ଛଅହାତ ଭୂମି ଖଣ୍ଡେ ।

ସଂସାରରେ ବନ୍ଧୁ ମୃତ୍ୟୁର ବିଭୀଷିକା ଥରେ ଥରେ ଅଙ୍ଗେ ଲଗାଇବା ପାଇଁ ମଣିଷ ବ୍ୟଗ୍ର ହୋଇଉଠେ । ଶାକ୍ୟସିଂହଙ୍କର ମ୍ଳାନ ଦେହ, ପକ୍ୱକେଶ, ଜ୍ୱର ଓ ଅନନ୍ତ ଶବଯାତ୍ରୀରେ ଜରବ୍ୟାଧି ବିଶ୍ୱରୂପ ଶବଦର୍ଶନ ନିମିତ୍ତମାତ୍ର । ସଂସାର-ଦ୍ୱାରରେ ପାଦରୁଢ଼ି କରୁ କରୁ ମଣିଷର ଚେତନା

ବହୁତ ଥର ବେସୁରା ହୋଇଯାଏ । ତାର ରକ୍ତ ବାଟରେ ବହୁତ ଥର ସେ ଭୁଆ ବୁଲେ ।

ସେ ସୌଧ ଗବାକ୍ଷ ହାତୀଦାନ୍ତ ପଲଙ୍କରେ ଶେଯସୁପ୍ତାଙ୍ଗ ପକାଏ; କସ୍ତୁରୀ ଗୋରଚନାରେ ପ୍ରାଣପ୍ରିୟାର ମୁଖପଦ୍ମ ରୁଚିକର କରେ । ଏକଧ୍ୟାନରେ ସେ ଯୋଗୀ ହୋଇଯାଏ । କିନ୍ତୁ ଏ ଭଲ ଧ୍ୟାନର ପରସୀମାର ଅନ୍ତ ନାହିଁ, ଯେଉଁ ପର୍ଯ୍ୟନ୍ତ ସେ ଗୋଟିଏ କଫିନ୍, ଗୋଟାଏ ଶବାଗ୍ନି, ଥରେ ଦଶାହ କିମ୍ବା ନ ଦେଖିଛି କି ବାରେ ସାଥି ଭାଇଙ୍କର ରାମନାମ ନ ଶୁଣିଛି ।

ବାବୁହାଟର ଫଡ ଫଡ଼ ଭେଣୀ ଛେ ସହୃତ ମୋର ଶନ୍ତା-ଧାର ଧୀରେ ଗୋରାକବର ସ୍ତୂପ ଉପରେ ଗ୍ରୋଥିତ ମହାଦ୍ରୁମ-ଟାର ସ୍ୱର୍ଣ୍ଣିଲ ଶୁଷ୍କା ଉପରୁ ଖସି ଆସି ଲବାଙ୍କ ହେଲା, ଗୋଟାଏ ଅଜ୍ଞାତ କବରର ସ୍ତୁମ୍ଭ ଉପରେ ।

ହୁଏତ ଶିଶୁଟିଏ—ଯାହାର ଦରୋଟି ଦୁର୍ଣ୍ଣ କମେ ଫିଟି ଆସୁଥିଲା; ଗାଲେ ଗାଲେ ଲିଭ ଲିଭ ହସ ହସି ମାଆକୁ ସ୍ୱର୍ଗସୁଖ ଦେଉଥିଲା—ସେଇ ଶୋଇ ପଡ଼ିଛି । ଉଆଁଳ ହାଡ଼ ଦେଖାଉଛି, ଗ୍ଲେଟ କପାଳଟି, ମୁଦ୍ରିତ ଆଖି ଦୁଇଟି କଫିନ ଭିତରେ ରହିଯାଇଛି ।

ହାଡ ଦଖଣ୍ଡି ଉପରୁ ହୁଏତ ମାଂସ ଦେବେ ଗଳା ଗଳିତ ହୋଇଯିବଣି । ଗ୍ଲେଟ କପୋଳଟି ହୁଏତ ରନ୍ଧ୍ରମୟ ହୋଇଯିବଣି ବା ଗଭୀର କଳା କଳ ପରି ଭ୍ରୁସମାନ ଆଖି ଭୁଲିଟିକୁ ଦେବେ ତାକୁ ସୁଧମାଟିକର କର୍ପୂର ଭଲ ଉଡ଼-ଭୁଲିଯିବଣି । କିନ୍ତୁ ତାର ଗ୍ଲେଟ ଦେହଟି ଉପରେ ଲଟା, ତୃଣରେ ଭୋଳା ଯାଇଛି ସମାଧି । ପୂର୍ବ, ପଶ୍ଚିମ, ଉତ୍ତର ଓ ଦକ୍ଷିଣ ସବୁ ଦିଗରୁ ତାର ଅସ୍ତିତ୍ୱର ସୀମା ରହିଯାଇଛି ।

ଶିଶୁ ନ ହୋଇ ସୀମନ୍ତିନୀ ହୋଇପାରେ । ତୁଏ ତ ତୁମ୍ଭେ ହୋଇପାରନ୍ତ । ଆସିବାର ଇଚ୍ଛା ନ ଥିଲା, କିନ୍ତୁ ଆସିଛୁ । ଯାହାକୁ ସେ ରବିକରପ୍ଲାବିତ ପୃଥିବୀକୁ ଆଣି ଅଠରଟି ବର୍ଷ ଅଭିଜ୍ଞତାରେ ନିଜ ମନ ଅନୁରୂପ ଗଢ଼ାଇ ପାରିଥାନ୍ତେ, ତୁଏ ତ ସେ ଶିଶୁଟି ମାଆର କୁକ୍ଷିଗତ ଅନ୍ଧକାରରୁ ବାହାରି ପାରିଲା ନାହିଁ । ତୁମ୍ଭେ ଶେଷରେ ମୀମାଂସା କରି ଦେଲେ—ଶୋଇ ପଡ଼ିଛନ୍ତି—ଶୋଇପଡ଼ିବାହିଁ ଏକମାତ୍ର ଉପାୟ ଥିଲା ।

ବୃଦ୍ଧ ? ହୋଇପାରେ । ସେ ପଥ ଅତିକ୍ରମ କରିଛନ୍ତି, ସ୍ୱରଟି ତାଙ୍କରୁ ଖସାଇ ଦେଇଛନ୍ତି । ପଥପରିଶ୍ରମର କ୍ଲାନ୍ତି ଦୂର ହୋଇଛି । କ୍ଲାନ୍ତି ଦୂର ହେବାର ଶର୍ତ୍ତସ୍ୱରୂପ ସମାଧି ଛିଡ଼ା ହୋଇଛି ବୃଦ୍ଧର ମସ୍ତକ ଉପରେ ।

"ରଥ୍, ଟୋଣ୍ଡବଡର ପାଖେ ନାହା ଲଗା ।"

ନାଇର ଏଥିପାଇଁ ପ୍ରସ୍ତୁତ ନ ଥିଲା । ତାତରେ ତାତେ ପାଣି ଉଠାଇ କହିଲା—

"ଦିନ ବେଳ କଥା ଅଲଗା, ରାତି ହେଲାଣି, ବନ୍ଦ କରୁ ତାଗା ।"

ମନ ଭିତରେ ଭୟ ଜର୍ଜରିର ପ୍ରଶ୍ନ ନ ଥିଲା, କହିଲି—

"ହଉ ପଛେ, ମୁଁ ଟିକିଏ ତା ଭିତରେ ବୁଲି ଆସେ ।"

ହାତରେ ଟର୍ଚ୍ଚ, ମନରେ ସାହସ ନେଇ ବୁଲିଲି—

ଗୋଟିଏ ଦୁଇଫଳକ ଦେହରେ ମୋର ଟର୍ଚ୍ଚ ରଶ୍ମି ଝଲସାଇ ଦେଲି ଆଲୋକ-ରେଖା । ମାର୍ବଲ ପଥର ଉପରେ କେତେଗୋଟି ଅକ୍ଷର ଜଳ୍ ଜଳ୍ ଦେଖାଗଲା ।

"ଗ୍ରୀଷ୍ମବେଳର ଧାଇସ୍ମାଲ୍ ଗ୍ଲାର୍କୁ ଚାରି ଶାଖ ସନ୍ତାପରୁ ମୁକ୍ତ ଦେଇ ତାଙ୍କର କୋଳକୁ ନେଇଯାଇଛନ୍ତି ।"

( ଜନ୍ମ...୧୯୦୧, ମୃତ୍ୟୁ ...୧୯୩୯ )

ଯେଉଁ ଦୂର ଭୂମିରୁ ଗୋଟାଏ ହୁଁ ହୁଁ ଚଢ଼େଇ ନୈଶ ତମିର ଆବରଣରେ ଚେତାଇ ଦେଇଥିଲା ତାର ସ୍ମୃତି । ଗୋଟାଏ ଶୁଖିଲା ଅମ୍ବପତ୍ର ଉପରୁ ଖସିପଡ଼ିଲା ଖଡ଼୍...ଖଡ଼୍... ଖଡ଼୍...

ଚମକିପଡ଼ ନାହିଁ ।

"କିଛି ଭୟ କରିବେ ନାହିଁ ।"

ଏଥର ସତକୁ ସତ ଚମକିପଡ଼ିଲି । ଶ୍ମଶାନ ପୁଣି ସେଠି ଦୈବବାଣୀ !!

ଭୁଲ୍‌ଟାଏ ଟର୍ଚ୍ଚ ପକାଇଲି । ମୋର କପାଳରେ ବନ୍ଦ ବନ୍ଦ ଘର୍ମ । ହୃତ୍‌ପିଣ୍ଡ ପଞ୍ଜରା ଭିତରେ ଦେଉଛି ଘନ ଘନ ପ୍ରହାର । ଟର୍ଚ୍ଚର କିରଣ ଥୋପ ପଡ଼ିଗଲା ବନମାଳାର ଗଣ୍ଡରେ । ବୋଧହୁଏ ତାର ଆଖି ସହିପାରିଲା ନାହିଁ, ତିନି ସେଲ୍ ବାଟେରୀର ପ୍ରଖର ଆଲୁଅ । ସେ ମୁହଁ ପୋତିଦେଲା ।

ସନ୍ଧ୍ୟା ଘନେଇ ଆସିଛି, ମୁହଁକୁ ମୁହଁ ଦିଶୁନାହିଁ । ପୁରୁଷ ଯେଉଁଠି ଭୟରେ ଜଡ଼ସଡ଼ ହୋଇ ଯାଉଛି, ଅତି ସନ୍ତର୍ପଣରେ କବର ପରେ କବର ପ୍ରଦକ୍ଷିଣ କରୁଛି, ସେଠି ଜଣେ ସୁନ୍ଦରୀ ଯୁବତୀ—ଏକାକିନୀ । ଅଭିପ୍ରାୟ ? ସେ ଜାଣେ ।

ଅଭଦ୍ରତାର ପ୍ରଶ୍ନ ସେତେବେଳେ କିଏ ପୁଚ୍ଛୁଛି ? ଟର୍ଚ୍ଚ ବନମାଳାର ଦେହ, ବସ୍ତ୍ର ସବୁ ଯେ ଗୋଟାଏ କ୍ଷୀଣ ଧୂଅଁଳିଆ ଅସ୍ପଷ୍ଟ ରେଖାରେ ଆଲୋକିତ କରୁଛି, ତାହା ମୁଁ ଜାଣେ; ଜାଣିସୁଦ୍ଧା ଟର୍ଚ୍ଚର ସୁଇଚ୍ ଟିପିପାରିଲି ନାହିଁ ।

ତାର ଯୋଡ଼ିଏ ହାତରେ ଫୁଲ ତୋଡ଼ା, ଅଞ୍ଚଳରେ ଗଜରା ମାଳେ । ଫୁଲମାଳଟିକୁ ତୋଡ଼ାଉପରେ ରଖିଦେଇ ସେ

ଅନ୍ୟ ହାତରେ ଓଢ଼ଣୀଟି ଟାଣି ଅଣିଲ । ସଦ୍ୟ ପ୍ରସ୍ଫୁଟିତ ଗୋଲାପଗୁଚ୍ଛ ଯେ ବୃନ୍ତଚ୍ୟୁତ ହୋଇଛନ୍ତି, ସେଥିରେ ସନ୍ଦେହ ନାହିଁ । ଗୋଲାପଦଳ ଉପରେ ଟୋପି ଟୋପି ପାଣି ଅଳ୍ପେକଟେ ପ୍ରତିବିମ୍ବିତ ହେଉଛନ୍ତି ଆଉ ଦେଖାଯାଉଛନ୍ତି ଯେପରି ସ୍ୱାସ୍ତ୍ରୁଣ୍ଡ ସ୍ଫୁରଏ ।

"ମତେ ଅଳ୍ପ ଦେଇ ଟିକିଏ ସାହାଯ୍ୟ କରିବେ ?"

ତାଙ୍କର ପ୍ରାର୍ଥନା ପୂରଣ କରିବା ପାଇଁ ଯୁଗ ଯୁଗ ଧରି ପୁରୁଷ କାଙ୍ଗାଳ ହୋଇଛନ୍ତି; କହିଲି

"ନିଶ୍ଚୟ, ଗୁଲ୍ କେଉଁଠିକି ଯିବ, କିନ୍ତୁ ତୁମେ—"

"ସେ କଥା ପରେ ।"

ସେ ଏକ ପୁରାତନ ସମାଧି । ବନମାଳା ସେଇଠି ଥମ୍ବି ଛିଡ଼ାହେଲା । ସମାଧିଟିର ତିନି ପରିପାଟୀରୁ ଜଣାଯାଉଥିଲା, ମୃତ ବ୍ୟକ୍ତିଙ୍କୁ ସ୍ମରଣ କରିବା ପାଇଁ ସୁନ୍ଦର ସମାଧିଟିଏ ତୋଳିଦେଇ ଆତ୍ମାର ସଦ୍‌ଗତି ହେବାର ଆଶା ବଂଶଧରଙ୍କର ନ ଥିଲା । ସ୍ମୃତିଫଳକ ଉପରେ କିଛି ଲେଖାର ଅନୁସନ୍ଧାନ କଲି; କିନ୍ତୁ କିଛି ଦେଖିପାରିଲି ନାହିଁ ।

ବନମାଳା ଅଣ୍ଟୁମାଡ଼ି ବସି ପଡ଼ିଲା କବର ପାଖେ । ଫୁଲ ତୋଡ଼ାଟି ସମାଧି ଉପରେ ସେ ରଖିଦେଲା; ମୁହଁ ଟେକି କହିଲା—

'ଏ ମାଳଟି ଆପଣ ଧରନ୍ତୁ ଆଉ ଟଇଟି ଲୁହାଇ-ଦଅନ୍ତୁ ।'

ଅତୀତର ଝରଣା ବନ୍ଦ ହୋଇଗଲା । ବାସ୍ତବରେ ମୋର ବିଶ୍ୱାସ ହେଲା ନାହିଁ, ହୁଏତ ଏକ ମାୟାପୁରୀରେ ମୁଁ ପଶିଛି । ବନମାଳା ଅଣ୍ଟୁମାଡ଼ି ପ୍ରାର୍ଥନା କରୁଛନ୍ତି, ମୁଁ ଛିଡ଼ା

ଜଣା ନୁହଁ, ଶୁଣା ନୁହେଁ । ଯେଉଁ ମୃତ୍ୟୁଯାତ୍ରୀର ସମ୍ମାନ ଉଦ୍ଦେଶ୍ୟରେ ସେ ପ୍ରଣାମ କରୁଛନ୍ତି, ସେ ମୋର ଅପରିଚିତ, ତଥାପି ମୁଁ ମୁଣ୍ଡ ନୁଆଇଁ ତାଙ୍କ ପ୍ରତି ସମ୍ମାନ ଦେଖାଇଲି ।

"ଆଲୁଅ ଜାଳନ୍ତୁ ।"

ଜାଳିଲି—ଦେଖିଲି ସେ କାନ୍ଦୁଛନ୍ତି; ଝରଣା ପରି ଝର ଝର ଲୁହ ବହିଯାଉଛି । ମୋ ହାତରେ ଥିବା ଫୁଲମାଳଟି ମୁଁ ସମ୍ଭ୍ରମରେ ସମାଧି ଉପରେ ଚଢ଼େଇଦେଲି ।

"ଏ ମୋ ମାଆର କବର, ମୁଁ ସାତ ବର୍ଷର ହୋଇଥିଲି, ସେ ଚାଲିଗଲେ । ପ୍ରତି ରବିବାର ସନ୍ଧ୍ୟାରେ ମୁଁ ମାଆଙ୍କୁ ଦେଖି-ବାକୁ ଆସେ । ଆଜି ଟିକିଏ ବେଶୀ ରାତି ହୋଇଗଲା, ଆପଣ ସାହାଯ୍ୟ ନ କରିଥିଲେ ମୁଁ ମାଆ ପାଖକୁ ଆସିପାରି ନ ଥାନ୍ତି । ବଡ଼ କଷ୍ଟ ଦେଇଛି, କ୍ଷମା କରିବେ ।"

ଏତିକି କହି ବନମାଳା ଫେରିବାକୁ ଆରମ୍ଭ କଲା । ମୁଁ ପଛେ ପଛେ ଆସିଲି । କେତେ ପ୍ରଶ୍ନ ମୋ ମସ୍ତିଷ୍କରେ ଉଠୁଛି, ଅଥଚ ତାକୁ ସେ ସବୁ ପଚାରିବାକୁ ଦ୍ୱିଧା ବୋଧ କଲି । ସେ ହଠାତ୍ ଚମକିପଡ଼ିଲା ଭଳି ଛିଡ଼ାହୋଇଗଲା—ଯେପରି କିଏ ତା ଆଗରେ ଛିଡ଼ା ହୋଇ ଯାଇଛି ।

'କିଏ ?' ମୁଁ ପଚାରିଲି ।

'ନା—' କେହି ନୁହେଁ ।

'କିଛି ବସ୍ତୁ ପାଇଲ ?'

'ନା—'

ତା ପରେ ସେ ଚାଲିବାକୁ ଆରମ୍ଭ କଲା; ଚାଲି ଚାଲି ଅସ୍ପଷ୍ଟ—

'ଫାଟକ ପାଖେ କୌଣସି ଭଦ୍ରଲୋକଙ୍କୁ ସାଇକେଲ ଧରି ଛିଡ଼ା ହୋଇଥିବାର ଦେଖିଥିଲ କି ? ସୁନ୍ଦର ସ୍ୱାସ୍ଥ୍ୟ ପାତଳା ଧଳା ପଞ୍ଜାବିଟିଏ……'

ମୁଁ କହିଲି—'ମୁଁ ସେ ବାଟେ ଆସି ନାହିଁ ।'

ସେ ଅଧୈର୍ଯ୍ୟ ହୋଇଗଲେ; ହୁଏତ ଭାବିଲେ, ମୁଁ ଏଇ ଗଦା ଗଦା ସମାଧି ଭିତରୁ ବାହାରି ଆସିଛି । ଆଶ୍ୱାସନା ଦେଇ କହିଲି ଯେ, ମୁଁ ଧବଳେଶ୍ୱରରୁ ନାଆରେ ଫେରିବା ସମୟରେ ମୋର କବରସବୁ ଦେଖିବାକୁ ଇଚ୍ଛା ହେଲା, ତେଣୁ ଆସିଛି ।

'ନାଆ କୂଳରେ ଅଛି ନା ଚାଲିଗଲାଣି ?'

ତାର କଥାରେ ଉତ୍ସୁକତା ଖୁବ୍ ବେଶୀ ।

'ନା, ମତେ ନ ନେଇ ତାଉତ ନାଆ ଛାଡ଼ିପାରିବ ନାହିଁ ।'

ଅନୁଭବ କଲି ବନମାଳା ଅନ୍ତରରୁ କୋଟିଏ ଦୀର୍ଘ ନିଶ୍ୱାସ ପକାଇ ଓଢ଼ଣୀଟି ସଜାଡ଼ିଦେଲା । ତାର ଉଷ୍ଣଶ୍ୱାସ କଲ୍ଲୋଳେ ମତେ ବିଚଳିତ କରି ଶ୍ମଶାନର ଶୀତୋଷ୍ଣ ବାୟୁ ସହିତ ମିଳେଇଗଲା ।

'ଅଚ୍ଛା, ମତେ ଦୟାକରି ନାଆରେ ନେଇ ମୁଁ ଯେଉଁଠି କହିବି, ଛାଡ଼ିଦେଇ ପାରିବେ ? ଆପଣ ଯେ କଅଣ କହୁଥିଲେ, ମୁଁ ବୁଝିପାରୁ ନାହିଁ । ବନମାଳାର ସାହସକୁ ପ୍ରଶଂସା କରିବାର ଅବସର ମୁଁ ସେତେବେଳେ ପାଇ ନ ଥିଲି । ତାର ମନରେ ନୂତନ ଦମ୍ଭ ଦେବା ଅଭିଳାଷରେ କହିଲି—

'ଯଦି ମତେ ବିଶ୍ୱାସ କର, ତେବେ ଆସ ।'

ନୌକା ଛାଡ଼ିଦେଲି—

ତଣ୍ଟି ଧୀରେ ଧୀରେ ଖସିଯାଉଛି । ମସ୍ତିଷ୍କ ମୋର ଯେପରି ଖାଲି । ହଠାତ୍ ବନମାଳା ପଚାରିଲା, 'କହନ୍ତୁ ଦେଖି, ଭଲପାଇଁ ବାହା କରିବାରେ କଅଣ ଜୀବନରେ ଅଶାନ୍ତି କେବେ ଘଟେ ନାହିଁ ?'

ଏ ନାରୀ ପାଖରେ ମୁଁ ବଡ଼ ଛୋଟ ମନେକଲି । ବିରହସ୍ୟରେ ଏ ଯୋଡ଼ ହୋଇ ରହିଛି, ଅନୁମାନ କରିବା ମୋ ପକ୍ଷରେ ଦୁଃସାଧ୍ୟ; କହିଲି—'ଦୟାକରି ତୁମର ପରିଚୟ ଦିଅ । ତାହାହେଲେ ମୁଁ ତୁମ ପ୍ରଶ୍ନର ଉତ୍ତର ଦେଇ ପାରିବି ।'

ବନମାଳାର ପରିଚୟ ସେ ନିଜେ ଦେଲା । "ନନା ମୋର ପୂଜ୍ୟ ବୀରପୁରୁଷୋତ୍ତମପୁର ଶାସନର ବ୍ରାହ୍ମଣ । ମୁଁ ତାଙ୍କ ଝିଅ । ମୋର ନାଁ ବନମାଳା । ସନ୍ତାନ ଆମର କେଣୀ କିଛି ନ ଥିଲା । ନନା ହାରମନିୟମ୍ ଘରେ ଘରେ ଶିଖାଇ ଯାହା କିଛି ରୋଜଗାର କରନ୍ତି, ଦୁଃଖେକଷ୍ଟେ ଆମେ ଚଳିଯାଉଁ । ମୋ ପରେ ମାଆର ବହୁଦିନ କିଛି ହେଲା ନାହିଁ । ନନା ସବୁ-ବେଳେ ମାଆଙ୍କ ଏ ବିଷୟରେ ଚିନ୍ତା ଦିଅନ୍ତି । କିଛିଦିନ ପରେ ମାଆ ହେଲା ଗର୍ଭବତୀ । ପ୍ରସବ-କଷ୍ଟ ଯେଉଁ ଦିନ ପାଇଲେ, ସେଦିନ ନନା ଘରେ ନ ଥାନ୍ତି, ବାରଦ୍ୱାର ବୁଲି ହାରମୋନି-ୟମ୍ ଟିଉସନ କରୁଥାନ୍ତି । ପ୍ରତିଦିନ ଗଲାବେଳେ ସାହି ପଡ଼ଶା, ବନ୍ଧୁ-ବାନ୍ଧବଙ୍କୁ କହିଯାଉଥାନ୍ତି, ମାଆ କଷ୍ଟ ପାଇଲେ ଯେମିତି ସେ ସବୁ ଟିକିଏ ସାହାଯ୍ୟ କରିବେ । ମାଆ କଷ୍ଟ ପାଇଲା । ମୁଁ ନିହାତି ପିଲା ଥିଲି; କିଛି ବୁଝିପାରୁ ନ ଥାଏ । ମୁଁ ଯାଇ ସମ ଖୁଡ଼ୀନା, ଅଗାଧୁ ଖୁଡ଼ୀନାଙ୍କୁ କହିଲି; କେହି ଆସିଲେ ନାହିଁ, ମାଆକୁ ଦେଖିବାକୁ । ସେଇ କଷ୍ଟରେ ମାଆ ଚାଲିଗଲା । ନନା ଆସି ମାଆର ମୁର୍ଦ୍ଦାର ଦେଖି ଯାହା ହେଲେ ତା ମୁଁ କହିପାରିବି ନାହିଁ । ବୁଢ଼ା ଅନାଥ ମିଶ୍ରେ ଆସି ଶବ ସତ୍କାର କରିବାକୁ

ନନାଙ୍କୁ କହିଲେ । ନନା ଉଠିପଡ଼ି ବୁଢ଼ା ଅନାଥ ମିଶନ୍‌କୁ କହିଲେ, ଯେଉଁ କାଉଣ୍ଟିର ମାଆ କଷ୍ଟ ପାଇଲାବେଳେ ଆସିଲେ ନାହିଁ, ତାଙ୍କ ହାତରେ ସେ ମୂର୍ଦ୍ଦାର ଉଠାଇବେ ନାହିଁ । ଶେଷରେ ମିଶନ ସେବାସଂଘ ଲୋକଙ୍କଦ୍ୱାରା ମୂର୍ଦ୍ଦାର ଉଠିଲା ।

ତା ପରଠାରୁ ନନା ଜିଦ୍ ଧରିଲେ ଖ୍ରୀଷ୍ଟଧର୍ମ ଗ୍ରହଣ କରିବା ପାଇଁ । ମିଶନକୁ ମତେ ଗାଁରୁ ନେଇ ଆସିଲେ । ବ୍ରାହ୍ମଣ-ଶାସନ ନନାଙ୍କର ଏ ପ୍ରତିଜ୍ଞାରେ ଚହଲି ଉଠିଲା । ନନା କିନ୍ତୁ ନିର୍ବିକାର । କେତେକ ଖ୍ରୀଷ୍ଟିୟାନ୍ ବନ୍ଧୁ ନନାଙ୍କୁ ବହୁତ ସାହାଯ୍ୟ କଲେ । ନନା ସେହିଦିନଠାରୁ ଧର୍ମରେ ବିଶ୍ୱାସ ନ ରଖି ଲୋକର ହୃଦୟ ଉପରେ ବିଶ୍ୱାସ କଲେ । ଯେଉଁ ହୃଦୟରେ ପର ପ୍ରତି ମମତା, ସ୍ନେହର ନିର୍ଝର ବହୁଥିବ, ସେହି ଲୋକକୁ ସେ ଦେବତା ବୋଲି ଭାବିଲେ ।

ଖ୍ରୀଷ୍ଟଧର୍ମ ଗ୍ରହଣ କରିବା ପରେ ମିଶନରେ ନନା ରହି ପାରିଲେ ନାହିଁ । ବ୍ରାହ୍ମଣମାନଙ୍କର ଅତ୍ୟାଚାରର ସୀମା ରହିଲା ନାହିଁ । ମତେ ନେଇ ସେ ଆସିଲେ କଟକ । ମାଆର ଦାହ ବେଳେ ଯେଉଁ ଅଗ୍ନି ଜଳୁଥିଲା, ତାହା ନିଜ ହାତରେ ନନା କବର ଦେଇଛନ୍ତି । ସେଇ କବର ପାଖକୁ ମୁଁ ପ୍ରତି ରବିବାର ସନ୍ଧ୍ୟାରେ ଆସେ ଫୁଲ ଚଢ଼ାଇବା ପାଇଁ । ନନା ଦ୍ୱିତୀୟ ସ୍ତ୍ରୀ ବିବାହ କଲେ । ଭଲ ପାଉଥିଲେ, ତେଣୁ ବିବାହ କଲେ । ଦୁହିଙ୍କ ଭିତରେ ଏତେ ଘନିଷ୍ଠ ପ୍ରେମ ଥିଲା, ଯାହା ଲୋକେ ବିଶ୍ୱାସ କରୁ ନ ଥିଲେ । କିନ୍ତୁ ମୋର ଦ୍ୱିତୀୟ ମାଆର ଏ ବିବାହରେ ବାପା ନାରାଜ ଥିଲେ । ସେ ତା ଉପରେ କେତେ ଅତ୍ୟାଚାର କରନ୍ତି; ଅନ୍ଧାର ଘରେ ଘଣ୍ଟ ଚଢ଼ ଦେଉଛନ୍ତି, ମାଡ଼ ବି ମାରୁଛନ୍ତି । ତାହାସତ୍ତ୍ୱେ ସେମାନଙ୍କର ପ୍ରେମ ଅଟଳ ଥିଲା, ସେମାନେ ବିବାହ କଲେ ।

ଦୁଇଟି ବରଷ ବିତିଗଲା । ତା ପରେ କଅଣ ହେଲା, ନନା ତାଙ୍କ ମାଆ ଉପରେ ବଡ଼ ବିରକ୍ତ ହେଲେ । କଥାରେ କଥାରେ ଖାଲି ଅତ୍ୟାଚାର, ନିର୍ଯ୍ୟାତନା । ମୋର ବେଶ୍ ବୁଝି ହୋଇଯାଉଥାଏ । ମୋର ମନେ ଅଛି, ଅଖିଆ ଅପିଆ ମାଆ ଦିନାଦିନ ପର୍ଯ୍ୟନ୍ତ ତାଙ୍କ ତାଙ୍କ ଘରେ ପଡ଼ିଥାଏ । ଏତେ ପ୍ରେମରେ ଯେଉଁମାନେ ବାହା ହୋଇଥିଲେ, ସେମାନଙ୍କର ସଂସାରରେ ଏପରି ଦୁର୍ଘଟଣା ଘଟିଲା କିପରି ?"

"ତା ପରେ ?"

'ତା ପରେ ବିଶେଷ କିଛି ନାହିଁ । ମାଆ ସଂସାର ଛାଡ଼ି ଚାଲିଗଲେ । ବାଧ୍ୟହୋଇ ଚାଲିଗଲେ । କାରଣ ନନା ତାଙ୍କୁ ଔଷଧରେ ବିଷ ମିଶାଇ ଖୁଆଇ ଦେଲେ ।'

'ବନ, ତମେ ଏ କଅଣ କହୁଛ ?'

'ମୁଁ ଜାଣେ ଆପଣ ଅବିଶ୍ୱାସ କରିବେ, ସେଥିପାଇଁ ପଚାରୁଥିଲି ଭଲ ପାଇବା ପରେ ଯେଉଁ ବିବାହ ହୁଏ, ତାହା ଶାନ୍ତି ଦିଏ ନା ଅଶାନ୍ତି ଦିଏ ?'

ମୋର ଅନ୍ତରାତ୍ମା ଶିହରି ଉଠିଲା । ଉତ୍କଣ୍ଠିତ ସ୍ୱରରେ କହି ପକାଇଲି—'ବନ, ତୁମେ ଯେବେ ତାହାକୁ ଭଲ ପାଉ-ଥାଅ, ତେବେ ବିଭା ନ କର ।'

ସେ ବୋଧହୁଏ ହସିଲା । ସେଇ ଗାଢ଼ ଅନ୍ଧକାର ଭିତରେ ମୁଁ ସେପରି ତାହା ଅନୁଭବ କରିପାରିଲି ।

ଟିକିଏ ରହି ବନ କହୁଛି—'ମୋର ଅବସ୍ଥା ସେହି ପ୍ରକାର । ଯେଉଁ ବନ୍ଧୁଲୋକଙ୍କର ସାହେବେ ଧରି ଛୁଡ଼ା-ହୋଇଥିବାର କଥା କହୁଥିଲି, ସେ ମୋ ଚିଠି ଚିଠି ଧରିଥିଲେ

ତାଙ୍କର ଇଚ୍ଛା ମତେ ବାଣ୍ଟି କରିବେ । ନନାଙ୍କର ମତି ଅଛି, କିନ୍ତୁ ମୋର ଭୟ ହୁଏ, ମାଆର ଦଶା ଯେପରି ମୋର ନ ହୁଏ ।

ନୌକାର ଗତି ଶିଥିଳ ହେଲା । ଭାଠ ଗୋଦାମ ଘାଟରେ ନୌକା ରହିଲା । ମହାନଦୀ ପୋଲ୍ ଉପରେ ଅସଂଖ୍ୟ ବତୀ ଜଳେଇ ସେତେବେଳେ ଛୁଟିଥିଲା ଗୋଟାଏ ଟ୍ରେନ···

( ଶେଷ )

ରାତ୍ରି······

ମେଘ ସେଠି ଟାଣିଛି ଅପୂର୍ବ ଆଲେଖ୍ୟ—କୁହୁଡ଼ି ଓ ବତାସର ଅପୂର୍ବ ପ୍ରଣୟ—ଗୋଟିଏ ଶୀତ ସକାଳରେ ଅଫିସରେ ବସିରହି ଦୂର ସୀମାହୀନ ଚକ୍ରବାଳ ଉପରେ ଦେଖୁଛି କୁହୁଡ଼ିର କ୍ରମପରାଜୟ, ରବିରଶ୍ମିର ଧୀର ବିଜୟ ।

ସାମୁଏଲ୍ ମହାନ୍ତି ମୋର ଅଫିସର କିରାଣି । ପ୍ରୌଢ଼ ସେ । ସେଦିନ ଡେରି କରି ସେ ଅଫିସକୁ ଆସିଥାନ୍ତି । କର୍ତ୍ତବ୍ୟରେ ହେଲା କରିଥାନ୍ତି ବୋଲି ତାଙ୍କର ଲଜ୍ଜା ତାଙ୍କୁ ଅନୁଶୋଚନା ଦେଉଥାଏ । ବଡ଼ ସରସ ଲୋକ ସେ; କିନ୍ତୁ ସେଦିନ ସେ ବଡ଼ ବିମର୍ଷ ଦେଖାଯାଉଥାନ୍ତି । ପାଖକୁ ତାଙ୍କୁ ଡାକି ତାଙ୍କର ମନ ଖରାପ ହେବାର କାରଣ ପଚାରିଲି ।

ଉତ୍ତରରେ କହିଲେ, ସେ ଘରୁ ପାଇଛନ୍ତି ବଡ଼ ଦୁଃସମ୍ବାଦ । ନିଜ ଜାତିର ଜଣେ ଯୁବତୀ ଆତ୍ମହତ୍ୟା କରିଛନ୍ତି ।

କଥାଟାରେ ଗୁରୁତ୍ୱ କିଛି ନାହିଁ । ଯୁବତୀହିଁ ବେଶୀ ଆତ୍ମହତ୍ୟା କରିଥାନ୍ତି । କାରଣ ସେମାନେ ପ୍ରାୟ ସମରବିମୁଖ ।

ପଚାରିଲି—

'ଆପଣଙ୍କର ବାଇବେଲ୍‌ରେ ଅଛି ଆତ୍ମହତ୍ୟା କରିବା ମହାପାପ ।'

'କହନ୍ତୁ ଭଲା, କେଉଁ ଧର୍ମ ଆତ୍ମହତ୍ୟାକୁ ପ୍ରଶ୍ରୟ ଦେଇଛି ?'

'ତା ଠିକ, ବୋଧହୁଏ ସେ ଯୁବତୀଟି ଶକ୍ତ ବେରାମରେ ପଡ଼ି ନିଜ ହାତରେ ଜୀବନ ନେଇଛନ୍ତି ।'

ପୌଢ଼ ଆହୁରି ବିମର୍ଷ ହୋଇପଡ଼ିଲେ । ଅସ୍ଥିର ଭାବରେ ସେ କହିଲେ—'ନା, ତାହା ନୁହେଁ, ସ୍ୱାମୀର ଅତ୍ୟାଚାର ଓ ଅବହେଳା ସହି ନ ପାରି; ଦୁହିଁଙ୍କର ବାହାଘର ଅନ୍ଧ ବିବାହ ନୁହେଁ । ଘନିଷ୍ଠ ପ୍ରଣୟ ପରେ ଦୁହେଁ ବିବାହ ହୋଇଥିଲେ । ପ୍ରଥମେ ପ୍ରଥମେ ଆଖିର ଅନ୍ତରାଳରୁ କେହି ତାହାକୁ ଛାଡ଼ିପାରୁ ନ ଥିଲେ । କିନ୍ତୁ ଶେଷ ପରିଣତି ଆତ୍ମହତ୍ୟାହିଁ ହେଲା । କହନ୍ତୁ ଦେଖି, ଡାକ୍ତର୍, ପ୍ରଣୟ ପରେ ବିବାହ କଅଣ ପ୍ରକୃତ ବିବାହ, ଯେଉଁଥିରେ ଲୋକ ଆଜୀବନ ଶାନ୍ତି ପାଏ ?'

କେଉଁଠି କେଉଁ ଦୂର ସ୍ମୃତିର ଅବଲିନୁ ଯେପରି ଏଇ ଏକାଭଳିଆ ପ୍ରଶ୍ନ ଭାସି ଆସୁଥିଲା । କିନ୍ତୁ ଯେତେ ଚେଷ୍ଟା କଲି, ମନେ ପକାଇପାରିଲି ନାହିଁ । ମତେ ଭାବନାପୂର୍ଣ୍ଣ ଦେଖି ସାମୁଏଲ୍ ବାବୁ ଫେରିଗଲେ; ଯାଉଁ ଯାଉଁ ଅସ୍ପଷ୍ଟସ୍ୱରରେ କହିଲେ—'ବନମାଳା ଆଉ କେତେ ସହନ୍ତା ? ଈଶ୍ୱର ତାକୁ ପାଖକୁ ନେଇଯାଇ ଆଶୀର୍ବାଦ କରିଛନ୍ତି ।'

ଅସ୍ଥିର ହୋଇ ମୁଁ ସାମୁଏଲ୍ ବାବୁଙ୍କୁ ଫେରି ଆସିବାକୁ କହିଲି—

'ଆପଣ କାହା ନାଆଁ କହିଲେ ?'

'ଆପଣ ଚିହ୍ନିବେ ନାହିଁ ।'

'କହନ୍ତୁ'

'ବନମାଳା'

'ବନମାଳା ଆତ୍ମହତ୍ୟା କରନ୍ତୁ ?'

'ଆପଣ ତାଙ୍କୁ ଚିହ୍ନନ୍ତି ?'

'ତାର ବାପା ବ୍ରାହ୍ମଣ ଥିଲେ । ପରେ ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିଲେ ନା ?'

'ହିଁ'

* * *

ଯେଉଁ ହାତ ମୋର ଦିନେ-ବନମାଳାର ମାଆଙ୍କ ଉଦ୍ଦେଶ୍ୟରେ ଫୁଲହାର ଗନ୍ଥେ ତାଙ୍କ ସମାଧି ଉପରେ ସମର୍ପଣ କରିଥିଲା, ସେହି ହାତ ଦିନେ ଦୁଃଖିନୀ ବନମାଳାର ସ୍ମୃତି ଉଦ୍ଦେଶ୍ୟରେ ତାର ସମାଧି ଉପରେ କେତୋଟି ଗୋଲାପ ଋଖି ଦେଲା ।

# ମାସୀ-ମା

— ୧ —

ସମସ୍ତଙ୍କ ଅପେକ୍ଷା ଗ୍ଲସୀ ଭାବରେ ଗୀତାଙ୍କର ପ୍ରଶଂସା ମୁଁ କରେ ବେଶୀ । ସାଧାରଣ ନାରୀର ଭାବରେ ହିଁ ଅନ୍ତିର୍କୁ ପ୍ରଶଂସା କରିବାରେ ମୋର ଅସୁବିଧା ନାହିଁ—ତା ସୃଷ୍ଟି ଓଡ଼ିଶାର ବାୟୁମଣ୍ଡଳରେ, ଯେଉଁଠି ଅକ୍ଷତ ସ୍ଥାନରେ କ୍ଷତ ଅନୁଭବ କରିବାକୁ ଜନତା ଶଭକଟିଏ ହୋଇଛନ୍ତି; କିନ୍ତୁ ଗୀତାଙ୍କର ଟିଉସନ ମାଷ୍ଟର ପଦବୀରେ ତାର ବୁଦ୍ଧି ଓ ମେଧା ପାଇଁ ତାଙ୍କୁ ମୁଁ ଶ୍ରଦ୍ଧା କରୁଥିଲି ।

କଟକଣାରକରେ ଅଶୋକ ବାବୁଙ୍କ ସହିତ ମୋର ପରିଚୟ ଓ ତାଙ୍କ ଡାକରେ ଦାସଙ୍କ କହିବା ଗୀତାଙ୍କର ପାଠ ପଢ଼ାରେ ଉତ୍ସାହ ଓ ମନୋନିବେଶର ପ୍ରଶଂସାକୁହିଁ କରୁଥିଲି ।

ଅଶୋକ ବାବୁ ଭଲେର୍ମାଙ୍କ ବିଚଳିତ ନ ହୋଇ ଦିନେ ମତେ ତାଙ୍କୁ ସମର୍ପଣ କଲେ ଗ୍ଲାନୀ ଭୁଲିବାକୁ ।

ମୁଁ ହେଲି ଗୀତକାର ଟିଉସନ୍ ମାଷ୍ଟର ।

ଶିକ୍ଷକ ହିସାବରେ ମୁଁ ଅପରିହାର୍ଯ୍ୟ ନୁହେଁ; ତଥାପି ମଣିଷ ପ୍ରତି ମଣିଷ ରାଜନୀତି, ସମାଜନୀତି, ଅର୍ଥନୀତି ବହୁବିଧ ନୀତିରେ ଯେତେବେଳେ ଅନାସ୍ଥା ଭାବ ବିଶ୍ୱାସଭାଜନ ହୋଇପାରୁ ନାହିଁ, ସେତେବେଳେ କେତୋଟି ଝିଅଙ୍କୁ କୌଣସି ଦୁର୍ଘଟଣାର ସମ୍ମୁଖୀନ ନ କରାଇ ଏ ଯାବତ୍ ମୁଁ ଯେ ଟିଉସନ କରି ଆସୁଛି, ତା ଏକପ୍ରକାର ଅନ୍ତଃପୁର ତଥା ବହିଃପୁରରେ ସମର୍ଥିତ ହୋଇଅଛି ଏବଂ ଏହି ସମର୍ଥନ ଜୋରରେ ଯେ କୌଣସି ଝିଅ ପାଇଁ ତୁରନ୍ତ ଶିକ୍ଷକ ଲୋଡ଼ା ହେଲେ ମୋ ଉପରେ ସୁନାକଲସ ଢଳା ଯାଇଥାଏ ।

କଲସ ସିନା ସୁନା ତିଆରି; ତାର କିନ୍ତୁ ମାମୁଲି ଧରଣର । ବେକାର-ସମସ୍ୟା କେତେକାଂଶରେ ଏଇ ଟିଉସନଟିର ସମାଧାନ କରିଛି ସତ; କିନ୍ତୁ ଭଙ୍ଗପ୍ରବଣ କାଚ ବା ଘିଅ-ମାଠିଆ ଭଳି ଝିଅଙ୍କୁ ଟିଉସନ୍ କରି ଛନ୍ଦହୀନ ଜୀବନରେ ମଧୁ-ଛନ୍ଦର ସନ୍ଧାନ ପାଇବାକୁ ମୁଁ ଭରସା ରଖି ନ ଥିଲି । ବିରାଟ ପ୍ରଶାନ୍ତ ଆକାଶ ମୋର ସର୍ବସ୍ୱ । ଦୁଃଖରେ, ଶୋକରେ, ଆନନ୍ଦରେ ସେହି ବିରାଟ ଆକାଶରେ ଗୋଟାଏ ନୀଳ ପ୍ରାନ୍ତକୁ ମୁଁ ଖୋଜିବୁଲେ । ଦେଖେ, ଏଇ ପୃଥ୍ୱୀ, ଅସୁମାରି ନକ୍ଷତ୍ରମଣ୍ଡଳ ଭିତରେ ମୋର ସତ୍ତା କେତେ ସାମାନ୍ୟ; ପୁଣି, ଏଇ ସୌରମଣ୍ଡଳର ଗ୍ରହ ଉପଗ୍ରହର କକ୍ଷପରିକ୍ରମ କୋଳା-ହଳରେ ମୋର ଧ୍ୱନି କେତେ କ୍ଷୀଣ ।

ଯାହା ଯୋଡ଼ାକ ମୋର ମେସିନ୍ । ଏକା ଗତି, ଏକା ଲକ୍ଷ୍ୟ ନେଇ ସେ ଦୁଇଟା ଚାଲନ୍ତି । ଚାଲିବାରେ ତାଙ୍କର ଅନୁରକ୍ତି ଯେମିତି ଜମି ଆସିଲାଣି, ସେ ଦୁଇଟାକୁ ଚଳାଇବାରେ ବି ମୋର ଅସକ୍ତି ସିମିତି ଜମି ଆସିଲାଣି । ମାସର ତୃତୀୟ ସପ୍ତାହ ପର୍ଯ୍ୟନ୍ତ ସେ ଦୁଇଟା ବଡ଼ ଗୋଳମାଳିଆ ହୋଇ ବାଟ ଚାଲନ୍ତି, ପାଞ୍ଚ ମିନିଟ୍‌ରେ ଥରେ ଥକି ଯାଆନ୍ତି, ଦଶ ମିନିଟ୍‌ରେ ଜାଣି ଶୁଣି ଗୋଡ଼ର ମାଡ଼ ପକାନ୍ତି, ପନ୍ଦର ମିନିଟରେ ହୁଏତ ଗୀତବାର ପଢ଼ିବା ଘର ଭଡ଼ା ପା-ପୋଛ ଉପରେ ଜଅଁଳା ବାହୁର ମାଆର ପଣ୍ଟା ପାଖରେ ଥରେ ଅଧେ ଘଷି-ହୋଇ ଆସିବା ଭଳି ଘଷିହୋଇ ଯାଆନ୍ତି । ଗୋଡ଼ ଗୋଇଠି ଫାଟ ଭିତରେ ଦି ତିନିଟା ଟାଆଁସା କଡ଼ା ପଶିଯାଇ ପ୍ରାଣଟାକୁ ଟିକିଏ ଛଟପଟ କରିଦିଏ । ମନରେ ଭୋର ଆସେ । ସୁବେ, ହଉ ପଛେ; ପନ୍ଦରଟି ତ ଆଉ ଅଳ୍ପଦିନ ରହିଲା; ଅନ୍ତତଃ ଗୋଡ଼ ଦୁଇଟାରେ ଟିକିଏ ଉଷୁମ ସୋରିଷ ତେଲ ମାରିବା ପାଇଁ ବେଳେବେଳେକୁ ଅଣ୍ଟାରେ ପଇସା ହୋଇ ଯାଉଥିବ ।

ପନ୍ଦର ଆସେ । ଗୀତବା ମୋ ହାତକୁ କୋଡ଼ିଏଟି ଟଙ୍କା ବଢ଼େଇ ଦିଏ । ମୋ ସଂସାର ଏତିକିରେ ହସି ଉଠେ ।

ସେ ଦିନ ସନ୍ଧ୍ୟାରେ ଅସରାଏ ବର୍ଷା ହୋଇଯାଇଛି । ଦଶ ଟା ଡଳାପଡ଼ା ଛତା ଖଣ୍ଡିକ ତଳେ ଅଣ୍ଟସୁ ନେଇ ଗୀତବାର ପଢ଼ାଘର ସ୍ତ୍ରିନ୍‌ଟି ଅଡ଼େଇ 'ଗୀତ' 'ଗୀତ' ଡାକି ଘରକୁ ପଶିଲି ।

ମଣିଷର ଜୀବନ ଛନ୍ଦ ନେଇ କେବଳ ଅର୍ଥଗାମୀର ଯନ୍ତ୍ରଣାଭରିଷ୍ଟ ସ୍ୱଭା ହୋଇଥିବା [illegible] ।

ଗୀତିକା ବୁକ୍ ଡଣ୍ଡାଗଣ୍ଡ ବହି ଧରି ଆସି ବସିପଡ଼ିଲା ତା ପାଇଁ ଅଭ୍ୟସ୍ତ ଚେୟାର ଖଣ୍ଡିକ ଉପରେ ।

"ନମସ୍କାର ସାର୍, ମୁଁ କହୁଛି ମାସୀ-ମା 'ପଢ଼ାନ୍ତି ଯିମିତ ପ୍ରଶ୍ନ ବି ପଚାନ୍ତି ସିମିତ । କି ଚମତ୍କାର ପ୍ରଶ୍ନ ଦେଖନ୍ତୁ ତ ? ମୁଁ ସବୁ କରିଛି ।"

ମୁହଁରେ ତାର ଅଲଗା ରଙ୍ଗ; ଜୀବନର ବିସ୍ମୟ ଅନୁଭୂତିର ଦ୍ୱାରଦେଶରେ ସେ ଉଭା ହୋଇଛି; କିନ୍ତୁ ଭିତରକୁ ପଶିନାହିଁ ।

ସେ ସାହିତ୍ୟ-ପ୍ରଶ୍ନଟି ମୋ ହାତକୁ ବଢ଼ାଇ ଦେଲା । ବାସ୍ତବିକ ପ୍ରଶ୍ନଭାଗଟିର ଆଦ୍ୟରୁ ପ୍ରାନ୍ତ ପର୍ଯ୍ୟନ୍ତ ଅଭିଜ୍ଞ ଶିକ୍ଷୟିତ୍ରୀର ପ୍ରଶ୍ନ ପକାଇବାରେ କୁଶଳତାହିଁ ଫୁଟି ଉଠିଥିଲା ।

ଗୀତିକାର ଷାଣ୍ମାସିକ ପରୀକ୍ଷା ଚାଲିଛି । ଆଜି ଥିଲା ସାହିତ୍ୟ । ବହୁତଥର ସେ ଏହି ମାସୀ-ମା'ଙ୍କର ପଢ଼ାଇବା ଢଙ୍ଗରେ ପ୍ରଶଂସା କଥା ମୋ କାନରେ ପକାଇଛି । ସେ ହେଉଛନ୍ତି ସ୍କୁଲର ଶିକ୍ଷୟିତ୍ରୀ । ମାସୀ-ମା ପଢ଼ାନ୍ତି ଭଲ, କଥା କହନ୍ତି ଭଲ, ଚାଲନ୍ତି ଭଲ ଇତ୍ୟାଦି । ଭଲରେହିଁ ସେ ମୂର୍ତ୍ତିମନ୍ତ ହୋଇ ରହିଯାଇଛନ୍ତି ସ୍କୁଲଝିଅଙ୍କ ହୃଦୟରେ ।

ଶିକ୍ଷକ ହେଉ ବା ଶିକ୍ଷୟିତ୍ରୀ ହେଉ, ଏ ଯଶସମ୍ଭାର କାହାର କାମ୍ୟ ନୁହେଁ ?

ଗୀତିକାକୁ ଟିକିଏ ଖିରକ୍ତ କରିବାକୁ କହିଲି—"ତୋର ଏ ମାସୀ-ମା'ଟି ଖୁବ୍ ଭଲ ପଢ଼ାନ୍ତି—ତୋଠାରୁ ଶୁଣିଛି, ଆଉ ବି ସମସ୍ତେ କହନ୍ତି; କିନ୍ତୁ 'ଅନୁଷ୍ଠାନ ସମ୍ବନ୍ଧର ସତ୍ୟତାର ସନ୍ଧାନପର' ଏ ପଦଟି ଯେ ବୁଝେଇବାକୁ ପ୍ରଶ୍ନ ପଚାରିଛନ୍ତି, ସେ କଣ ନିଜେ ଏହାର ଅର୍ଥ ବୁଝିଛନ୍ତି ?"

"କଣ କହୁଛ ?"

ପାରବାରିକ ଜୀବନରେ ଅନେକ ଥର ଏ ଧରଣର ପାଳଥା ହିଁ ଅତିର ଶୋଷଣଗ୍ରସ୍ତ ଚକ୍ଷୁ ଦେଖିଥିବେ କି ନାହିଁ ସନ୍ଦେହ ; କିନ୍ତୁ ଆଜି ଯାହା ମୁଁ ଦେଖିଲି ସେଥିରୁ ମୁଁ ବୁଝିଲି, ଗୀତା ସବୁବେଳେ ଗୀତମୟୀ ନୁହେଁ । ମାସୀ-ମା'ର ସମ୍ମାନ ଉପରେ ଆକ୍ରୋଶ କରିବାଠାରୁ ସେ ଯେ ଏତେ ଦୃଢ଼ ହୋଇ-ପାରେ, ତାର କପୋଳର ଶୁଭ୍ର ସୀମନ୍ତ ଯେ ଏତେ କୁଞ୍ଚିତ ହୋଇପାରେ, ମୋର ଭଲେମାନେ ବିଶ୍ୱାସ ନ ଥିଲା ।

"କଣ କହୁଛ ? ମାସୀ-ମା ଶବ୍ଦର ଅର୍ଥ ଜାଣନ୍ତି ନାହିଁ ? ସେ ଏହି ଗୋଟାଏ କଥା ବୁଝାଇବା ପାଇଁ ଦୁଇ ଘଣ୍ଟା ନେଇ-ଛନ୍ତି । ତାଙ୍କ ବିଷୟ ଆପଣ କିଛି ଜାଣନ୍ତି ନାହିଁ ।"

ଗୀତତାର ଏ ମଧୁର ଭର୍ତ୍ସନା ମୁଁ ନୀରବରେ ସହ୍ୟ କଲି । ମୁଁ ଦୁଇଥର ତାହାର କିଛି ଜାଣିବାକୁ ପ୍ରୟାସ କରେ ନାହିଁ, ମାସୀ-ମା'ର ବି ନୁହେଁ । ମୋର ଅଜ୍ଞାନତାରେ ମୋ ମୁହଁରୁ ହସ ବାହାରି ପଡ଼ିଲା ।

'ହସିଲେ କାହିଁକି ?' ଗୀତା ପଚାରିଲା ।

'ଷଷ୍ଠ ପ୍ରଶ୍ନର (ଗ) ଦେଖ ।'

'ସେଥିରେ ଦଶ ନମ୍ବର ଅଛି । ମୁଁ ଯତ୍ନ ନେଇ ତିନୋଟି ବାକ୍ୟରେ ଲେଖିଛି ।'

'ଗୋଟିଏ ନେଇ ଗୋଟିଏ ବାକ୍ୟରେ ଲେଖିବା ପାଇଁ ପ୍ରଶ୍ନ ପଡ଼ିଛି । ଆଉ ତୁ ଲେଖି ଆସିଛୁ 'ପ୍ରତ୍ୟେକ ନେଇ ତିନୋଟି ବାକ୍ୟରେ' ମାସୀ-ମା ଯଦି ନହେବେ [illegible]

ଗୀତ ହାଉଁଲ ପଢ଼ନ୍ତି । ମାସୀ-ମା ସନ୍ଦେହ ‘ଭାବ ଅନ୍ତ-ର୍ଦ୍ଧାନରେହିଁ ସେ ମୁଁ ଘନ ଘନ ଅଘାତ କରୁଛି ତା ହେ ବୁଝିଁ ପାରିବ ।

ନିଜେ ବି ଭସ୍ମ ପାଇଲି ।

୫ମ ପ୍ରଶ୍ନର (ଖ) ମୁଁ ନିଜେ ଗୀତକୁ ଶୁଣେଇ ପଢ଼ିଲି—

“ନିମ୍ନଲିଖିତ ଶବ୍ଦମାନଙ୍କୁ ପ୍ରୟୋଗ କରି ବାକ୍ୟ ରଚନା କର :—

ଆବଦ୍ଧ, କ୍ଷିପ୍ରଗତି, ସୌନ୍ଦର୍ଯ୍ୟବୋଧ, ଶୁଶ୍ରୂଷା ଓ ଗାତୁଅ ।”

ଗୀତକୁ କହିଲି ସେ କି କି ବାକ୍ୟ ପରୀକ୍ଷାରେ ଲେଖି ଆସିଛି, ମତେ କହିବାକୁ ।

ସେ ବାକ୍ୟ ପରେ ବାକ୍ୟ କହିଗଲା—

ଆବଦ୍ଧ—ଦିନେ ଓଡ଼ିଶାରେ ପାଇକବଂଶ ଖଣ୍ଡାଇତ୍ ଆଉ ଧର ଆବଦ୍ଧ ଦେଖାଇଥିଲେ ।

କ୍ଷିପ୍ରଗତି—ଶଶକ କ୍ଷିପ୍ରଗତିରେ ପଳାୟନ କଲା ।

ସୌନ୍ଦର୍ଯ୍ୟବୋଧ—ଗ୍ରୀକ୍ ସଭ୍ୟତାରେ ଗ୍ରୀକ୍‌ମାନଙ୍କର ଯଥେଷ୍ଟ ସୌନ୍ଦର୍ଯ୍ୟବୋଧ ଥିଲା ।

ଶୁଶ୍ରୂଷା—ମାସୀ-ମା ଶୁଶ୍ରୂଷାକାରିଣୀ ଭାବରେ ଯୁଦ୍ଧରେ ଆହତମାନଙ୍କ ଶୁଶ୍ରୂଷା କରୁଅଛନ୍ତି ।

ଗାତୁଅ—ଗାତୁଅ ମୂଷା ଗୁଳୁଅ ମୂଷାଠାରୁ ଶ୍ରେଷ୍ଠ ।

ଗୀତର ମୁହଁକୁ ସ୍ବଳ୍ପାଲୋକରେ ଦେଖୁଥିଲି ଅପଲକ ଦୃଷ୍ଟିରେ । ସେ ବି ଚାହିଁଛି ସେତେବେଳେ ଅନ୍ୟମନସ୍କ ହୋଇ । କର୍ଣ୍ଣର ଆଖି ଛୁଣ୍ଡିଯାଉଛି ସତ, ଶୀତଳ ଲୁହେଇର ଅଶ୍ରୁଁ ଝରଣିଯାଉଥିବା ସ୍ବରମାନ ଶେଷରେ ।

ଖବରକାଗଜ ଝାଡାଲି ଦ୍ୱାର ସ୍ମୃତିରେ ଗଲ— 'ଭାରତ ଉପକୂଳରେ ସୈନ୍ୟ ସମାବେଶ ।' ପୁଣି ସେହି ଶ୍ଳଥ-ଗୁଡ଼ାକ ମନ ଭିତରେ ଘୁଡ଼େଇଘୁଡ଼େଇ ହୋଇଗଲା—ସାରଲ୍ୟ ! ଝିପ୍ରତେ ! ସୌନ୍ଦର୍ଯ୍ୟବୋଧ ! ସୁଶ୍ରୂଷା ! ଗାନ୍ଧୁଅ !

—୨—

ଗ୍ଲେଟ ପକାଟିଏ । ଲେଭଟଏ ଟାଣି ଅଣିବାକୁ ଏ ଗ୍ଲେଟ ପକାଟିର କିଛି ବିଶେଷତ୍ୱ ନାହିଁ । ବୈଠକଖାନାରେ ଫୁଲକୁଣ୍ଡ, ଟେବୁଲ ଉପରେ ଫୁଲଦାନୀ, ଦ୍ୱାରଦେଶରେ ଲ୍ୟାଣ୍ଡସ୍କେପ୍-ଚିତ୍ରିତ ପରଦା—ଏଇଭଳି କିଛି ଆଧୁନିକ ରୁଚିର ସମ୍ଭାର ଦେଖିବା ପାଇଁ ମୁଁ ଆଶା କରିଥିଲି; କିନ୍ତୁ ସେଥିର ଚିହ୍ନବର୍ଣ୍ଣ ବି ମୋ ଆଖିରେ ପଡ଼ିଲା ନାହିଁ । 'ଟେବହେବ' 'ବେହେବ' ବୋଲି ଦୁଇଥର ଡାକିଲି, ତା ବି କେହି ଶୁଣିଲେ ନାହିଁ । ଠିକ୍ କଲି ଫେରିଆସିବାକୁ । ଗୀତର ମାସୀ-ମା ସହିତ ଦେଖାହେବାର ଆଶା ବିଡ଼ମ୍ବନା ।

'ନମସ୍କାର, କିନ୍ତୁ ହାତ ଉଠାଇ ନମସ୍କାର କରିପାରୁ ନାହିଁ । ହାତ ଦୁଇଟାଯାକ କଳା । ଭରେଇଥା ମାଉଥିଲି । ଆପଣଙ୍କୁ ଅପେକ୍ଷାରେ ରଖିବାକୁ ଇଚ୍ଛା ହେଲା ନାହିଁ । ଯେମିତ ଧୋଉଥିଲି ସେମିତ ଉଠିଆସିଲି । ବସନ୍ତୁ, ମୁଁ ଟୋଟିଏ ମିନିଟ୍‌ରେ ଆସୁଛି ।'

ସୁଜନତା, ବିନୟସ୍ୱଭାବ, ସରଳତାର ପ୍ରତିମୂର୍ତ୍ତି ଗୀତର ଏଇ ମାସୀ-ମା—ଯାହାଙ୍କର ପ୍ରଶଂସାରେ ସାରୁ ସୁଭ୍ର ଅଷ୍ଟମ୍ଭ । ବିଶ୍ୱାସ ହେଲା ନାହିଁ, ଶିକ୍ଷାର ଉଚ୍ଚତମ ଚୋଟୀରେ ଥାଇ ବି ଲୋକ ଏତେ ବିନମ୍ରୀ ହୋଇପାରେ ।

ସେ ଫେରି ଆସିଲେ । ମୋର ପରିଚୟ ନା ଦେଇ ଅନ୍ୟ ପ୍ରସଙ୍ଗ ପକାଇବା ଠିକ୍ ହେବ ନାହିଁ ଭାବି ମୁଁ ମୋର ପରିଚୟ ଦେଲି ।

'ଆପଣଙ୍କ ଝୁନୀ ଗୀତାଙ୍କର ମୁଁ ଟିଉସନ୍ ମାଷ୍ଟର ।'

ମୋର ବିଦ୍ୟାର ସୀମା କେତେ କିଛି ନ ବୁଝି ସେ କହିପକାଇଲେ—'ଆପଣଙ୍କ ଭଳି ସୁଯୋଗ୍ୟ ଶିକ୍ଷକ ନ ହେଲେ ଗୀତା ଏତେ ଭଲ କରନ୍ତା କିପରି ? ପିଲାମାନଙ୍କର ସାହିତ୍ୟ ଖାତାର କେବଳ ବ୍ୟାକରଣ ଅଂଶଟା ମୁଁ ଦେଖି ଯାଉଛି । କିଏ କେତେ ପ୍ରଭାବ ଉତ୍ତର ଲେଖିଛନ୍ତି । ମୋର ପ୍ରିୟ ଝୁନୀ ଗୀତା କିନ୍ତୁ ଲେଖିଛନ୍ତି ଶୁଶ୍ରୂଷା ଶବ୍ଦ ବ୍ୟବହାର କରି—'ମାସୀ-ମା ଶୁଶ୍ରୂଷାକାରିଣୀ ଭାବରେ ଯୁଦ୍ଧରେ ହତାହତମାନଙ୍କୁ ଶୁଶ୍ରୂଷା କରୁଅଛନ୍ତି ।'

ଏହି ଯୁଦ୍ଧ ଯୁଗ ଯୁଗ ଧରି ସଭ୍ୟତା, ସଂସ୍କୃତି, ମାନବର ସମସ୍ତ କୃତିତ୍ୱ, ଯାହା କିଛି ସତ୍ୟ, ଶିବ ଓ ସୁନ୍ଦର ସେ ସମସ୍ତ ଚୂନା କରି ଗୋଟାଏ ନୂତନ ବିଧାନ ସୃଷ୍ଟି କରିବାକୁ ଯାଉଛି । ଦୁଇହଜାର ବର୍ଷ ପୂର୍ବେ ବୀରତ୍ୱର ଅର୍ଥ ଯାହା ଥିଲା ଆଜି ତାହା ନାହିଁ । ପୁରୁରାଜାଙ୍କର ବୀରତ୍ୱ, ଲିବିଆ ଯୁଦ୍ଧରେ ଭାରତୀୟ ସୈନ୍ୟମାନଙ୍କର ବୀରତ୍ୱ ସହିତ ତୁଳନାଯୋଗ୍ୟ ନୁହେଁ । ଓଡ଼ିଶା ପାଇକର ବୀରତ୍ୱ, ଦେଶସେବକର ବୀରତ୍ୱ ଏକା ନୁହେଁ । ଜର୍ମାନଜାତି, ଇଂରେଜ ଜାତି ମଧ୍ୟରେ ଏହି ବୀରତ୍ୱ ଶବ୍ଦ ନେଇ ପାର୍ଥକ୍ୟ ରହିଛି । ସେହିପରି କ୍ଷିପ୍ରତା ଓଜନ କେବଳ ପରସ୍ପର ଅସ୍ତ୍ର ହୋଇଯାଉଛି । ଆଧୁନିକ ଯୁଦ୍ଧରେ କ୍ଷିପ୍ରତା ଏତେ ବେଶୀ ଯେ, ଘଣ୍ଟାକେ ଦୁଇଶ ମାଇଲ, ପାଞ୍ଚଶ ମାଇଲ ପର୍ଯ୍ୟନ୍ତ ଇଂରେଜ ବା ଜର୍ମାନ ସେନାଙ୍କ

ଅନାୟାସରେ ପରିଲକ୍ଷୀ ବା ଅନୁମିତ ହୋଇପାରୁଛନ୍ତି । ତେଣୁ ଏସବୁ ଲେଖାର ଅର୍ଥ ଅଳ୍ପ କିଛି ନାହିଁ ।

ଶତାବ୍ଦୀର ପନ୍ଥାରେ ଯେଉଁ ସାହିତ୍ୟ ଆଜିପର୍ଯ୍ୟନ୍ତ ସୃଷ୍ଟି ହୋଇଆସିଛି, ତାହା ଏହି ନୃଶଂସ ଯୁଦ୍ଧ ପରେ ଧୂଳିସାତ୍ ହୋଇଯିବ । ସାହିତ୍ୟକୁ କି ଶୈଳୀରେ ଗଢ଼ିଲେ, ଭାଷାର କି ପ୍ରକାର ଅଭିବ୍ୟକ୍ତି ହେଲେ ଶବ୍ଦର ନୂତନ ଅର୍ଥ ସଂସ୍ଥାପିତ ହେବ, ତାହା ଆପଣମାନଙ୍କ ଭଳି ସୁଯୋଗ୍ୟ ଲେଖକଙ୍କ ହାତରେ ନ୍ୟସ୍ତ ରହିଲା ।

ଶୀତ ପଦ 'ଗାଣ୍ଡୁଅ', ଲେଖକ ଅନ୍ୟ ପ୍ରକାରରେ ବ୍ୟବହାର କରିଥାନ୍ତା, ମୁଁ ଖୁସି ହୋଇଥାନ୍ତି । ଯଥା—ମଣିଷ ଏ ଯୁଦ୍ଧରେ ଗାଣ୍ଡୁଆ ପାଲଟି ସାରିଛି । ତେଣୁ ସ୍ୱଭାବ ବି ବଦଳାଇବ ସତେ ?"

ଏ ବାହୁଣୀ ନାଗ୍ନ ଚିନ୍ତା ମୋର ମଥା ନଇଁ ଆସିଲା । ମୁଁ 'ସାହାସ ବାନ୍ଧି ପଚାରିଲି—'ତେବେ ଭଣେ ନର୍ସିଂ ଡିଭିଜନ୍‌ରେ ଆପଣ ଯିବାକୁ ଇଚ୍ଛା କରୁଛନ୍ତି ?'

'ଯୁଦ୍ଧ ଭାରତର ସୀମାନ୍ତରେ, ନିଜ ଘରେ ପଶୁଛି' ବୋଲି କହିଲେ ତଳେ । ଅର୍ଥାତ୍ ଏ ବିଷୟରେ ଭାବି ନ ଥିଲି । ଶୀତ କଥା ମୋର ଆଖି ଫିଟାଇ ଦେଇଛି । ଲକ୍ଷ ଲକ୍ଷ ଭାଇଭଉଣୀ ଯେଉଁଠି କ୍ଷତବିକ୍ଷତ ହୋଇ ପଡ଼ୁଛନ୍ତି, ସେହି ସ୍ଥଳରେ ନାରୀର କର୍ତ୍ତବ୍ୟ ନୁହେଁ କି ଶୁଶ୍ରୂଷାକାରିଣୀ ଭାବରେ ସେମାନଙ୍କୁ ସାହାଯ୍ୟ କରିବା ? ବୋଧହୁଏ ମୁଁ ନର୍ସିଂ ଡିଭିଜନରେ ଯିବି ।'

ଘଣ୍ଟା ଉପରେ ଗୋଟାଏ ଶ୍ୱାସରୁଦ୍ଧ ବୋମାରେ ଜଡ଼ ହୋଇ ପଡ଼ୁଥିଲି; ଚେଇଁଠି ଉପରୁ ଫିଟି ଲାଲୁଥିଲ କେଉଁଠି ଲଣ୍ଡନ ।

ମତେ ହସିବାର ଦେଖି ସେ କହିଲେ—'ଦେଖନ୍ତୁ, ଗୀତ ଯେପରି କିଛି ନ ଜାଣେ; ତା ପ୍ରତି ମୁଁ ଅନେକ ଭାବରେ କୃତଜ୍ଞ ।'

ଖଡ଼କ ମଝିରେ ଠିଆହୋଇଛନ୍ତି, ଟେକା ଗୋଟାକରେ ଗୋଡ଼ ମୋର ବାଜିଗଲା । ଅନ୍ୟ କାହାର ବେଶୀ ଅମଙ୍ଗଳ କରିବ ବୋଲି ସେଇଟାକୁ ସଡ଼କ ଉପରୁ ଅପସରେଇ ଦେଲି । ସେ ଢଙ୍କର ଚକିମାରି ଶୋଇଥିବା କୁକୁରଟା ବୁଲପଡ଼ି ଡାକ ଛାଡ଼ିଲା···ଭୋ···ଭୋ···

ସେଦିନର ଯୁଦ୍ଧର କ୍ଷତ ଭୁଲିଯାଇଛି । ସମସ୍ତର ଭାଙ୍ଗି ସ୍ତୂପରେ ବୋମାଧ୍ୱସ୍ତ ଅଟ୍ଟାଳିକା ପୁଣି ମୁଣ୍ଡ ଟେକିଛି । ଦୁର୍ବିସହ ଅତୀତ ଅନ୍ଧାର ଅତୀତ ହୋଇଯାଉଛି । ଲକ୍ଷ ଲକ୍ଷ ଲୋକର ହୃତ୍‌ପିଣ୍ଡ ଉପରେ ଯେଉଁ ଶାନ୍ତିରଧ୍ୱଜା ଆଜି ଉଡ଼ୁଛି, ତାର ତଳେ ମଥା ପୋତିଦେଇଛନ୍ତି ଜନତା ।

ନଦୀର ଅପର ପାର୍ଶ୍ୱରୁ ମାର୍ବଲ ପଥରର ଯେଉଁ ସ୍ମୃତି-ସ୍ତମ୍ଭ ନାବିକର ଦୃଷ୍ଟିଗୋଚର ହୁଏ, ତାହା ସହରର ଅଧି-ବାସୀଙ୍କ ଦ୍ୱାରା ନିର୍ମିତ ହୋଇଛି । ଯେଉଁ ଦେବୀ ମୂର୍ତ୍ତି ସେ ପ୍ରସ୍ତର ଅଙ୍ଗରେ ରୂପ ଲାଭ କରିଛନ୍ତି, ତାଙ୍କର ସଂକ୍ଷିପ୍ତ ଇତି-ହାସ ସ୍ତମ୍ଭର ପାଦ ଦେଶରେ ଯୁଗ ଯୁଗ ପାଇଁ ଲିପିବଦ୍ଧ ହୋଇ ରହିଯାଇଛି ।

ଭଲ୍‌ଗା ନଦୀ ଭଳି ଗୀତ ଅବସର ପାଇବା ମାତ୍ରେ ଛୁଟେ ସେହି ସ୍ମୃତିସ୍ତମ୍ଭ ଆଡ଼କୁ । ନିତି ଯାଏ ସେ, ନିଜ ଶୋକାଶ୍ରୁ ଢାଳିଲା । ସେ ବିବାହ ହୋଇଛନ୍ତି, ସ୍ୱାମୀ ତାର ସାଙ୍ଗରେ ଥାନ୍ତି ।

ଦଉକର ସ୍ମୃତି ସେ । ଦୁନିଆର ଉଚ୍ଚ ଅବଜ୍ଞା ମତେ ତା ପାଖରୁ ପଳାଇବ ସଜେଇଛି । ମୁଁ ସୁଖ ଭୁଲେ ସହର

ଗୋଠାଭଙ୍ଗାର, ଉଦ୍‌ଦେଶ୍ୟବିହୀନ ମୁକ୍ତ ପକ୍ଷୀ ଭଳି । ଏଥୁପରେ ଦିନେ ବୁଲି ବୁଲି ଗୀତ ସାଙ୍ଗରେ ଦେଖା ହେଲା । ଦୁହେଁ ଚାଲିଲୁ ସେହି ସ୍ମୃତିସ୍ତମ୍ଭ ଆଡ଼କୁ ।

ଗୀତ ହାତ ବଢ଼ାଇ ଦେଖାଇଦେଲା ତିନୋଟି ଅକ୍ଷର…

"ମାଲୟ"

ଜୀବନରେ ପୁଣି ଶୋକ ଲଭିଥିଲି; ମାତ୍ର ଆଖିପତା ଓଦା ହୋଇ ନ ଥିଲା । ସମ୍ଭାଳି ପାରିଲି ନାହିଁ । କଣ୍ଠରେ କହିଲି— 'ଶେଷ ମୁହୂର୍ତ୍ତ ସେଇଠି କଟିଥାଉଛି ।'

ଗୀତ କେବଳ 'ହୁଁ' କହି ମୂର୍ତ୍ତିର ଆଖିଟିକୁ ଚାହିଁ ରହିଲା । 'ମୂର୍ତ୍ତିଟି ଜୀବନ୍ତ ।'

'କିପରି ?'—ମୁଁ ପଚାରିଲି ।

'ମାଳୀ-ମା'ର ଫୋଟଲ-ଭରା ଆଖି ଦୁଇଟି କି ସୁନ୍ଦର ଭାବେ ଶିଳ୍ପୀ ଆଙ୍କିଛି ।'

ତୁଷାର-ଧବଳ ମେଘ ଖଣ୍ଡେ ଭାସି ଆସି ସୂର୍ଯ୍ୟକୁ ଘୋଡ଼ାଇ ଦେଲା । ଛାୟା ତାର ପଡ଼ିଲା ସେହି ନମ୍ର ଆଖି ଦୁଇଟି ଉପରେ ।

## ଯାତ୍ରା-ମଙ୍ଗଳ

ଖାଁ ଖାଁ କହୁ ଲାଭ ନାହିଁ ।

ଜନବସତର ପରିମଳ ଓ ସ୍ୱାସ୍ଥ୍ୟ, ତାର ବାନ୍ଧବୀ ମଳୟ, ଦିବାର୍କ ସୂର୍ଯ୍ୟ, ଶ୍ରାବଣର ଜଳଧାରା, କୋକିଳର କୁହୁବେଣୁ

ଗୋଟାଏ ଅପ୍ରତିହତ ନାଗିନର ଶାନ୍ତ ଭଙ୍ଗୀରେ ଦେହଁ ଜାଳ-ଠାରୁ ଅଚଳ ହୋଇଯାଇଛନ୍ତି । ଭୂଲଫଙ୍କାର ବିମ୍ବା ବାବଦ୍ଧାର ଭୂଲଯୋଗୀର ଗୀତରେ ଟଳୀଣୀର ଖାଦ୍ୟାନ୍ତାର ମୋହ-ମୂର୍ଚ୍ଛନା ପ୍ରତିଫଳ ଯାଉନ୍ତି । କିଏ ବା ଶୁଣୁଛନ୍ତି ? କିଏ ବା ବୁଝୁଛନ୍ତି ?

ସହର—? ସହର—? କ୍ଷଣସ୍ଥାୟୀ ସୁଖ ବା ପାଇଁ ମାଛି-ପଲର ଅନନ୍ତ ବଳ ଅନନ୍ତ ପାଇବାକୁ ସେହି ସହରକୁ ଧାଇଁଛନ୍ତି ଧନୀ, ଧାଇଁଛନ୍ତି ମାନୀ ! ଜୀବନର ଯୌବନ ଉପରେ ଘୋର ମୃତ୍ୟୁର ତପସ୍ୟା କରିବାକୁ ବ ସ୍ଥିରିଛନ୍ତି ରୂପସୀ ବାର-ବନିତା ସେଇ ସହରକୁ । ସେଠି ହସୁଛନ୍ତି ହର୍ମ୍ୟଶାଳା । ବହୁଛି ପୂର୍ଣ୍ଣ ବିପଣୀ ।

ଚହଲିଅ ଅଣ୍ଟୁକ୍ଷେତ; ପୁଣି ଅତି ସୁନ୍ଦର । ଗାଁର ଦୂରା-ନ୍ତରେ ଦମାଣ ଜମିରେ ଅଣ୍ଟୁ ଫଳେଇଛନ୍ତି ମକରନ୍ଦ । ମକରନ୍ଦ ଜାତିରେ ଅଛୁଵ; କିନ୍ତୁ ଯେତେବେଳେ ଖୁଣ୍ଟ ଉପର ଦୁଇଟା ଦୁଦ୍ଧାଳିଆ ମାଂସପେଶୀ ନଚେଇ ନାଚ ଫୁଲେଇ ଦଂସୁଡ଼ା ଜାବୁଡ଼ିଆ ପବନ ଟାଣିନେଇ ଅଣ୍ଟୁକ୍ଷେତ ମଝିରେ ସେ ଛିଡ଼ା-ହୋଇଯାଏ, ସେତେବେଳେ ଅଣ୍ଟୁ ଛୁଏଁ ମକରନ୍ଦକୁ, ମକରନ୍ଦ ଛୁଏଁ ଅଣ୍ଟୁ ବୁଦାକୁ । ଏ ମିଳନରେ ବାରଣ କରିବାକୁ ନ ଥାଏ ସମାଜର ସ୍ଥାନାଧିପତି । ମଣିଷ ମକରନ୍ଦକୁ ଛୁଏଁ ନାହିଁ ସତ୍ୟ କିନ୍ତୁ କେଣ୍ଡା ଦୋଷଥିର ଗାଲସି ପରିପାକରେ ଯାହାର ରକ୍ତର ବର୍ଣ୍ଣ ସରସୁଳୀ ରୌଦ୍ୟରେ ଜାତପ୍ରତ ରସାସ୍ୱିତ ବଡ଼ଲୋକର ରକ୍ତର ବର୍ଣ୍ଣ ସହିତ ସାମ୍ୟ ରଖିପାରୁଛି, ତାର ସମ୍ବଳ ପାଏ ଶ୍ୟାମଳୀ ପୃଥିବୀ । ସେଇ ତାର ଉପାସକ; ଜାତ ପୂଜାରୀ ।

ମକରନ୍ଦ ଉପରକୁ ଗୁହିଁଲା । ଜାସ୍ଟ ଖର । ତାତ ଲୋକ କରୁଛି । ଛୁଡ଼ା ଉପରୁ ଡାକିଲା ।

'—ଯମୁନା, ଭାଉ ହେଲ ?'

ଗଛ ଗହଳରେ ଦୁଦ୍ଧାର ଅନଂ ପ୍ରାନ୍ତ ଅଦୃଶ୍ୟ ରହି-ଯାଉଛି । ଦୃଶ୍ୟମାନ ଚକ୍ରବାଳର ଗୋଟାଏ ପ୍ରାନ୍ତରେ ଲାଗି ରହିଛି ଦୂର ଶୂନ୍ୟରେ ଯୁଦ୍ଧ୍ୟମାନ ମଉଳସି ରୂପର ଦୁଇଟି ମେଘ ।

ଯମୁନା ! ସେ ତ ଅଠରରେ ଅଟକି ରହୁଛି । ବୟସ ଯିମିତ ତାକୁ ଛାଡ଼ିବାକୁ ଚାହେଁ ନା । ଯେଉଁ ତନୁରେ ଲାବଣ୍ୟର ଭାନ୍ତି-ପାଟବ ଅଦ୍ଭୁତ ଖର ହୋଇ ଉଠୁଛି ସେଠୁ ବୟସ ଖସି ଯିବ କପର ? ପୁଣି ଅନ୍ଧ ନାକରେ ଖଣ୍ଡି ସୁନା ଟିଏ, ବାହୁରେ ତାହୁଏ ପିଞ୍ଜଳ ସଜ, ନଖରେ ନଖପଲୁ ଲାଗା, ଉପୋଲରେ ଗୁଞ୍ଜିପୋକର ଟିକ୍କାଲି ।

'ମେତେ ଏ ପବନ କଅଣ ରଙ୍ଗେଇ ଥୋଇ ଦେଉଛି ? ତେତେ ଅସ, ଏଇନାଗେ ହୋଇଯିବ ତଁଜ' ।

ଅଜି ଖେତ ଲାଭର ପର୍ବ । ନୂଆ ଅମ୍ଳ ଦୋଳୁହରେ ରନ୍ଧା ଖେତ ଭାଜ ଖାଇବେ ବୁହେଁ । ଆଉ ସୁଭ ମନାସିବେ ଯିମିତ ବରଷ ବରଷ ଧରି ଏଇଭଳି ଖେତ ହେଉ, ମା' ଲକ୍ଷ୍ମୀ ସୁଦୟା କରନ୍ତୁ ।

ପ୍ରଥମେ ଶୁଭିଲା ମଳିଁଷି ବେଳର ଝିଲେଇ ଶବ୍ଦ ଲଳ । ପରେ ଟିକାଏ ନିକଟ ହୋଇ ଆସିବାରୁ ମକରନ୍ଦ ବୁଝିପାରିଲା ଏ ଝିଲେଇ ନୁହେଁ, ବଳଦ ବେଳର ଘଣ୍ଟି । ଗାଡ଼ି ପରେ ଗାଡ଼ି । ଖେଟଗାମ୍ବ ଅମ୍ବତୋଟା ଗଡ଼ଡ ଗୁଲା ଉପରେ ଦେଖା ହେଲେଇ ଫୁଲ୍‌ଝଣ୍ଡା ବଳଦ, ଅଳଗାଡ଼ି ଦଗଣ୍ଡ ଭାଟ, ପଛ ଦଶ ଖଣ୍ଡ ଗାଡ଼ି ଉଦାର ।

ମକରନ୍ଦ ବଟୁଆରୁ ଗୁଆକାତ ଖଣ୍ଡି ବାହାର କରୁ କରୁ କହିଲା—

*

‘ଯମୁନା, ଅନ୍ନ ଅଉ ସାଆନ୍ତେ ଆଇଲେ ଲୋ ।

‘ସତେ ?’

‘ହଁ ଦେଖୁନୁ, ଦଶ ଦଶ ଖଣ୍ଡ ଟାଙ୍ଗ, ଗାଣ୍ଡ, ବାଲୁଟି, ହାଣ୍ଡି ପଥୁଲି, ଗୁଡ଼ ମାଠିଆ, ପାଣି ହାଡ଼ି, ମେଜ ଚଉକି, ଖଟ ପଲଙ୍କ, ପିଲାଙ୍କ ଠେଲାଗାଡ଼ି ଇମିତ କେତେ କଅଣ ।’

ଯମୁନା ଅବାକ୍ ହୋଇ କହିଲା—‘ଇଲୋ ମାଅ, ଇଏଁ କଅଣ ଘର ଭାଙ୍ଗି ପଳେଇ ଆସିଲେ କି ? ଆମ ଗାଁରେ ଅଉ ପୁଣି କୁନି ମାଉସୀ ଝିଅ ମୋ ବଉଳ, ନାଁ କମିତ କହୁଛି ମ, ସେ ଯୋଉ ଗାଁରେ ବାହା ହେଇଛି ସେ ଗାଁରେ ଦିନା ଦାଣ୍ଡି ଠାକୁରାଣୀ ଉଭା ହେଲେ ଲୋକେ ଗାଁ ଛାଡ଼ି ପଳେଇ ଯାଆନ୍ତି, ଅଉ ଇଏଁ କଅଣ ମ ! କଟକ ସହରରେ କଣ ଠାକୁରାଣୀ ହୁଅନ୍ତି ?’

ମକରନ୍ଦ ସତକୁ ସତ ଶୁଣୁଛି କଥାଟା କଅଣ । ଅଭି ସାଆନ୍ତେ ପନ୍ଦର ବରଷ ହେଲା ଗାଁ ମାଡ଼ି ନ ଥିଲେ !

କହିଲା—‘ଅଲୋ, ସେ ତ ପନ୍ଦର ବରଷ ହେଲା ଗାଁ ମାଡ଼ି ନାହାନ୍ତି । ସେତେବେଳେ ମତେ ପନ୍ଦର ଷୋହଳ ବର୍ଷ ହୋଇଥିଲା ରଥୀପୁର ପୋଖରୀ ତୋଳାରେ ମୁଁ ମାଛ ଧରୁଥିଲି, ସେତେବେଳେ ତାଙ୍କୁ ଦେଖିଥିଲି । ସେତିକି ତ ଦେଖା, ନୂଆ ବାହା ହେଇ ତ ଯାଇଛନ୍ତି କଟକ, ଆଉ ଫେରି ନ ଥିଲେ ।’

ବାଲୁଡ଼ା ତଳ ଚୂଲିରୁ ଭାତ ଅଟିକା ଖଣ୍ଡିକ ଓହ୍ଲେଇ ଅଣ୍ଡୁ ଅଣ୍ଡୁ ଯମୁନା କହିଲା—

‘ତାଙ୍କ ସ୍ତ୍ରୀ କେମିତ ମ ?’

'ତୁ କଅଣ ବୋଲୁ ହୋଇ ସେତେବେଳକୁ ଆସିଥିଲୁ ଯେ ଜାଣିବୁ ? ପଠାଣ-ପିଣ୍ଡା ଜାମୁଗଛ ଉପରେ ଚଢ଼ି ପିଙ୍ଗି-ବେଳେ ତତେ କିଏ ବୋଲ ପାଇ ଦେଉଥିଲା ? ପରିହାସରେ ପରା ମତେ ତାହା ହବୁ କି ନାହିଁ ପଚାରିବାରୁ ମତେ କହୁ-ଥିଲୁ—'ଚାଞ୍ଚି ପଡ଼ା'—?'

ଯମୁନା ଜିଭ କାଢ଼ି ପକାଇଲା ।

'କେମିତି ଅଲକ୍ଷଣୀ ମଣିଷ ମ, ମୁଁ ଏଇଆ କହୁଥିଲି ?'

ସ୍ୱାଗତରେ ମକରନ୍ଦ ଧରିପକେଇଲା ଯମୁନାର ହାତଟି ।

ଅଭିରାମ ବାବୁଙ୍କ ପ୍ରଦକ୍ଷିଣ କରି ଯେଉଁ କେତୋଟି ପ୍ରାଣୀ ଗାଁ ସହିତ ସବୁ ସଂସର୍ଗ ଛିନ୍ନେଇ ସହରରେ ପ୍ରତିପାଳିତ ହୋଇ-ଆସୁଥିଲେ, ସେମାନଙ୍କ ଭିତରେ ଅଭିରାମ ବାବୁଙ୍କର ସହଧର୍ମିଣୀ କୁନ୍ତୀ ଦେବୀ, ବଡ଼ ପୁଅ ପରିତୋଷ, ଝିଅ ନିର୍ମଳା । ପରିତୋଷ ବି. ଏ. ପାସ୍, ବେଶ୍ ବେକାର । କୁନ୍ତୀ ଦେବୀ ଗୋପୀଭାଷାକୁ ତେଲିଁ ବଙ୍ଗାଳି ସଉଦା ପାଇଁ ଗଠା ଲେଖିବାରେ ହାତ ପକ୍ୱ କରିଛନ୍ତି, ବେଶ୍ ସାହିତ୍ୟ ଓ ଗଣିତ ମଧ୍ୟରେ ଉପଯୁକ୍ତ ଯୋଗା-ଯୋଗ ସେ ଆଣିପାରିଛନ୍ତି । ଝିଅ ନିର୍ମଳା ହେଉଛନ୍ତି ସାମାଜିକା ମହିଳା । ବେଶ୍ ମହିଳା ସଂଘର ଉନ୍ନତି ତାଙ୍କର ଭାବନାର ବସ୍ତୁ ହୋଇ ପଡ଼ିଛି । କିନ୍ତୁ ଏ ଦୁର୍ଲଭ ଜୀବସବୁ ଆଜି ସହର ଗାଁ ଆଡ଼କୁ ମୁହଁ ଫେରାଇଛନ୍ତି କାହିଁକି ?

ଏଇ ପ୍ରସଙ୍ଗର ଚର୍ଚ୍ଚା ସେଦିନ ଭାଗବତ ଘରେ ବୈଦ୍ୟରାଜ ଭଞ୍ଜ ମିଶ୍ର, ସନ୍ନ୍ୟାସୀ ପ୍ରଧାନ, ବୁଢ଼ା ଦୁର୍ବଳ ମିଶ୍ର ଆଉ ଜଳଧର ଜମାର ଭିତରେ ଚାଲିଥିଲା ।

ଦୂରରୁ ଅଭିରାମ ବାବୁଙ୍କର ପାଟି ଶୁଭିଲା । ଭାଗବତ ଘର ପିଣ୍ଡା ଉପରକୁ ଚଢ଼ିଯାଇ ସାଅନ୍ତେ କହିଲେ—

'ପ୍ରଣାମ ପୂଜାରି ମିଶ୍ରେ', ଗାଁ ଖବର ସବୁ ଭଲ ତ ?

ଗାଁର ମାଟିରେ ବୃଦ୍ଧଙ୍କର ଶରୀର ଜନ୍ମ ପାଇଛି, ସେଇଥିରେ ମିଳେଇ ଯିବା ପାଇଁ ବି ବସିଲାଣି । ଅଥଚ ସେ ବୁଝିପାରିଲେ ନାହିଁ ଅଭିରାମ ବାବୁଙ୍କର ଗାଁର କୁଶଳ ପଚାରିବା କଥା ।

ସେଦିନ ଥିଲା ଘୋର ଶ୍ରାବଣର ରାତି; ଶ୍ବାସର ପ୍ରକୋପ କଷ୍ଟ ଦେଉଥିଲା ତାଙ୍କୁ । ସେହି ବର୍ଷାପାତରେ ଲଟଭ ଦଉଡ଼ି ଯାଇ ମିଶ୍ରେ ଅଭିରାମ ବାବୁଙ୍କୁ ହାତଯୋଡ଼ି ଜଣେଇଥିଲେ—

‘ବାବୁ, ସାରା ବ୍ରାହ୍ମଣ କୁଳକୁ ଏ ଅପବାଦ ଡାକି ଦେଉଛି, ରକ୍ଷା କରନ୍ତୁ । କଣ୍ଠ ମିଶ୍ରଙ୍କର ବିଧବା ଝିଅ ଘରୁ ଗୋଡ଼ ଟେକିଦେଇଛି ଗାଁ । ପାଣ୍ଡି କନେଷ୍ଟବଲର କୁଶିଆରେ । ଆପଣ ଗାଁର ମୁଣ୍ଡ, ପୁଣି ଓକିଲ ।’ କିନ୍ତୁ କାହିଁ ! ସାହାଯ୍ୟ ପରିବର୍ତ୍ତେ ବୃଦ୍ଧ ଶୁଣିଲେ—‘ବିଧବା ଗୁଡ଼ାଙ୍କୁ ଘରେ ସାଇତି ରଖିଲେ ଏଇଆ ହୁଏ, ଏଥିରେ ନିୟମ କାନୁନ କିଛି ଖାଟିବ ନାହିଁ ।’

ବୃଦ୍ଧଙ୍କର ଆଖି ଜଳପୂର୍ଣ୍ଣ ହୋଇଗଲା । ଜଳଧର କମାର ଦାଆଣ୍ଡକୁ ବସିବାକୁ ଦେଖେଇ ଦେଇ କହିଲେ—

‘ସାଆନ୍ତେ ପନ୍ଦର ବରଷ ହେଲା ଗାଁକୁ ଆସି ନ ଥିଲେ, ଭଲ କଲେ ଆସିଲେ ।’

ଅଭିରାମ ବାବୁ ଟିକିଏ ଇତସ୍ତତଃ ହୋଇ କହିଲେ, ‘ହଁ, ଆଚ୍ଛା ଗାଁରେ ଡାକଘର କରିବା ପ୍ରସ୍ତାବ କଣ ହେଲା ?’ ‘ଡାକଘର ପାଇଁ ମୁଁ ଚେଷ୍ଟା କରିବି । ମୁଁ ଆସିଲାବେଳେ ଦେଖିଲି ମହାଦେବ ପୋଖରୀଟା ଚାଲିତ ଦଳରେ ଭରି ରହିଛି । ଏଥିରେ ଲୋକର ସ୍ୱାସ୍ଥ୍ୟ ଭଲ ରହିବ ? କି ବୈଦ୍ୟରାଜ, ନହେଁ ? ଲେଖଟି, ମୁଁ '୫ ୨୦୯ ଦେଉଛି, କାଲି ଝାଡ଼ା ସବୁ ମିଳିଯିବ, ପୋଖରୀ ସଫା ହେବ ।’

ଶ୍ରୋତା ଭିତରେ ଏପରି କେହି ନ ଥିଲେ ଯେ ତାଙ୍କର ବକ୍ତୃତା ଶୁଣି ଶୀଘ୍ର ବୁଝି ନେଇ ଗୋଟାଏ ମନ୍ତବ୍ୟ ଦେବେ । କେବଳ ବୃଦ୍ଧ ଅଗାଧୁ ମିଶ୍ରେ ନାରାୟଣ ଭକ୍ତ ହାତ ଯୋଡ଼ିଲେ ଆଉ କହିଲେ—'ପ୍ରଭୁ ଏ ଯା ପରୀକ୍ଷା !'

ଯୋଡ଼ାଏ ଦିନ ବିତିଯାଇଛି—ଯମୁନା ବେତଭୋଳ ବାଉଁଶିଆ ଧରି ଫେରିଆସୁଛି ଗାଁ ଦାଣ୍ଡରେ । ଦିନ ଗୋଟାକ ଯାକର ଖରା ଖାଇ ମୁହଁ ତାର ଝଉଁଳା ମଉଳିଯାଇଛି, ବୈଦ୍ୟ-ରାଜେ ପିଣ୍ଡା ଉପରେ ବସିଥିଲେ; କହିଲେ—'କଲେ ଯମୁନା, ଏତେ ଖରାରେ କୁଆଡ଼େ ଯାଇଥିଲୁ, ଟିକିଏ ପାହାଚ ଉପରେ ବସି ଯା, ପାଣି ପିଇବୁ ?

ଏମିତ କଥା ଜୋସେଫଙ୍କଠୁଁ ସେ କେବେ ଶୁଣି ନାହିଁ । ପାଣିଟିଏ ଟେକି ଦେବା ଦୂରର କଥା, ଜୋସେଫ୍ ଯେ ତାକୁ ପାଟି ଫିଟେଇ ଆଉ କଥା କହିଲେ ସେ ତା ବିଶ୍ୱାସ କରି ପାରିଲା ନାହିଁ । ଯମୁନା ଟିକେ ପାଣି ପିଇଛି କି ନାହିଁ, ମୁହଁ ବାଡ଼ି ଆଣିଲା, କହିଲା—'ସାଆନ୍ତେ, ଏ ପାଣି କାହିଁ ଏମିତ କେହଉଛି ?' ବୃଦ୍ଧ ମିଶ୍ରେ ହସି ହସି ବୁଝେଇ ଦେଲେ—

'ଅରେ, ଏ ସବୁ ସରତୋଷ ବାବୁଙ୍କର କିଆଣି, ବାଉଁଶ ବୋଲି ଗୋଟାଏ ଔଷଧ ସବୁ ଗାଁ କୂଅରେ ପକେଇ ଦେଇଛନ୍ତି; କୁଆଡ଼େ ସେତିକ ଯୋଗେ—ରୋଗ, ଶୋଗ,—ସବୁ ମରି-ଯିବେ ।'

ଯମୁନାକୁ ସବୁ ନୂଆ ଲାଗୁଥାଏ । ଓଢ଼ଣାଟି ଟାଣି ଦେଇ ବାଟ କାଟି ସେ ଚାଲିଗଲା ।

ଆଉ ଯୋଡ଼ାଏ ଦିନ ବିତି ଯାଇଛି ।

ତାହାଣିଆ ଖରା ମଉଳ ଯାଇନି । ଯମୁନା ମୁଣ୍ଡରେ କାଠ ବୋଝଟିଏ ମୁଣ୍ଡେଇ ଦୁଆରକୁ ଫେରୁଛି । 'କହ, ଦିଅ ସେ

ଚେନ୍ଦୁ ଦଣ୍ଡା—ସେଇ ସେ ଉପର ଡାଳରେ ଅଛି ।' ନିର୍ମଳାର ଅଳି ପରିତୋଷ ଭାଙ୍ଗି ନପାରି ଯୋଉଁଭଳିଆ ବଢ଼େଇଦେଲା ନିର୍ମଳା ହାତକୁ । ବେଣି ପାଉଲଟିକୁ ନିର୍ମଳା ତୁଣ୍ଡକୁ ପକେଇ ଦେଉଛି । ଯମୁନା ମୁଣ୍ଡରୁ କୁସନ୍ତା କାଠ ଗୋଛାଟା ତଳେ ଭରୁଡ଼ିଦେଇ ନିଜ ଅଙ୍ଗୁଠିରେ ନିର୍ମଳା ମୁହଁରୁ ଦରଚୋବା ବିଷାକ୍ତ ବୋଇଲ ଫଳ ବାହାର କରି ଆଣିଲା । ନିହାତ ଅପରାଧୀ ଭଳି ପରିତୋଷ ହାଁ କରି ଗଛ ଉପରେ ଗୁହାଁ ରହିଥାଏ । ଯମୁନା ଦୁଃଖ କରି କହିଲା—ଦେଖ କଅଣ କରୁଥିଲ ? ଏ ଯେ ଚୋଟରା ବିଷ, ଜୀବନରେ ଅଛ ଥାଆନ୍ତ ?

ସେହିଦିନଠାରୁ ଯମୁନା ନିର୍ମଳାର ସାଙ୍ଗ । ଗାଁର ମହିଳା ସମିତିର ହେଲା ଯମୁନା ପ୍ରଧାନ କର୍ମୀ ।

× × × ×

ଦୋଳଯାତ୍ରା ପର୍ବରେ ଦୁଇଶ କାଙ୍ଗାଳ ଭୋଜନ ତଦାରଖ କରୁ କରୁ ବୃଦ୍ଧ ଅବଧୂ ମିଶ୍ରେ ଅଭିବାବୁଙ୍କ ହାତ ଧରି ପକେଇ କହିଲେ—

'ଆପଣଙ୍କର ଏଇ ମନ ଯଦି ନିଜ ଜନ୍ମଭୂମି ପ୍ରତି ଦଶବର୍ଷ ଆଗରୁ ଆମେ ଦେଖି ଥାଆନ୍ତୁ, ତେବେ ଆଜି ଏ ଗାଁ ସୁନା ପାଲଟି ଯାଆନ୍ତାଣି ।'

ଅଭିରାମ ବାବୁ ହସି ହସି କହିଲେ—ମିଛେ, ମୋର ବାହାଦୁରି ଏଥିରେ କିଛିନାହିଁ, ସୁଭ ଆଜି ଗାଁ ଅଡ଼କୁ ସଭିଙ୍କର ମୁହଁ ଫେରେଇ ଦେଇଛି ।'

ବୈଦ୍ୟରାଜ ଭଞ୍ଜ ମିଶ୍ରେ ଭଣିତା କରି ଦେଲେ—

'ଗାଁକୁ ଆପଣଙ୍କର ଏ ଯାତ୍ରା ଅତି ମଙ୍ଗଳ ହୋଇଛି ।'

# ଶନିଦୃଷ୍ଟି

ଶ୍ରୀ ଅନନ୍ତ ପ୍ରସାଦ ପଣ୍ଡା ବି. ଏ.

[ ଟିପ୍ପଣୀ—ଗତ ବର୍ଷ ଦ୍ୱିତୀୟ ସଂଖ୍ୟା ସହକାରରେ ପ୍ରକାଶିତ ଶ୍ରୀ ବ୍ରଜକିଶୋର ରାୟ, ଏମ୍. ଏ ଙ୍କ ଲିଖିତ 'ଗ୍ରାମ୍ୟ ମଙ୍ଗଳ' ଗଳ୍ପଟିର ଅପର ପାଖ ]

ଅଭିରାମ ବାବୁ ତ ଉତ୍କଳ ଲୋକ, ସହରରେ ଥିଲା ବେଳେ ଦିନରାତି ଆଇନ୍ ବହି ଘାଣ୍ଟି ଅଦାଲତରେ ଗଳାରୁ ସ୍ୱର୍ ବାହାର କରି କଳାକୁ ଧଳା ଓ ଧଳାକୁ କଳା କରିବାରେ ସିଦ୍ଧହସ୍ତ ହୋଇ ଉଠିଥିଲେ, ନିତପ୍ରତି ମୁଠା ମୁଠା ଟଙ୍କା ଲୋକେ ଆଣି ପକେଟରେ ପକାଇ ଦେଇ ଯାଉଥିଲେ । କିନ୍ତୁ ଗାଁକୁ ଫେରିଲା ଦିନୁ ବାବୁଙ୍କ କିଛି ଭଲ ଲାଗୁ ନାହିଁ । ଚାଲିବା ଲୋକ, ବୁଦ୍ଧିଜୀବୀ ଲୋକ ବେକାର ହୋଇ କେତେବେଳେ ବସି ପାରୁଛନ୍ତି ? ଗୋଟାଏ ଭୋଲୁଅ ବସ୍ତିରେ ଜନମର ଗାଁକୁ ପଳେଇ ଆସିଲେ ସିନା କିନ୍ତୁ ଖାଲି ତୁଚ୍ଛାଟାରେ ବସି ରହିବା କ'ଣ ସହଜ କଥା ? ତାପରେ ସହରରେ ଯେଉଁ ଢଙ୍ଗଢାଙ୍ଗରେ ପକ୍କା ଦୋମହଲା କୋଠାରେ ରହି ଆସିଛନ୍ତି । ମଫସଲର ସେ ମାଟି ଘର କୁଡ଼ିଆରେ କ'ଣ ସେ ତୃପ୍ତି ଅଛନ୍ତି ? ସହରର ସେ ପକ୍କା ଡ୍ରେନ୍ ପାଇଖାନା ବା ମଫସଲ ଗାଁରେ ମିଳିବ କାହୁଁ ?

ପ୍ରାୟ ପନ୍ଦର ବର୍ଷ ହେଲା ତ ଅଭିରାମ ବାବୁ ଆଉ ଗାଁ ମୁହାଁ ହୋଇ ନ ଥିଲେ । ସୁତରାଂ ଗାଁର ଭଲ ଘରରୁ ଯାଉଥିବା ସେଇ କେତୋଟି ବଖରା ମାଟି ଘର ଭଙ୍ଗା ରୁଜା ହୋଇ ପଡ଼ି ରହିଥିଲା । ସେଥିରେ ଚଳିବା ହେଲା ତାଙ୍କ ପକ୍ଷ

ଉନ୍ନତ-ରୁଚି ସବୁ ଧନୀ-ମାନଙ୍କ ପକ୍ଷରେ ଅସମ୍ଭବ, ସେଥିପାଇଁ ତାଙ୍କର ପ୍ରଥମ ଭାବନା ହେଲା ଉପରୁ ସେ ତାଙ୍କର ଏ ପଲ୍ଲୀ ଭବନଟିକୁ ଗୋଟିଏ ଚଳନୋପଯୋଗୀ ଆଧୁନିକ ରୁଚି-ଅନୁ-କୂଳ ପକ୍କା ଘରରେ ପରିଣତ କରିବେ, ସେ ସ୍ୱପ୍ନ ଦେଖି-ବାକୁ ଲାଗିଲେ—ଗୋଟିଏ ପ୍ରକାଣ୍ଡ ହତା, ଆଗରେ ପ୍ରକାଣ୍ଡ ପୁଷ୍କରିଣୀ, ଗୋଟିଏ ଦୋତାଲା ଘର ଇତ୍ୟାଦି । ଉତ୍କଳ ବାବୁଙ୍କର ଏ ସ୍ୱପ୍ନ ମୂଳରେ ହଠାତ୍ ପ୍ରଥମ ଧକ୍କା ଦେଲା ତାଙ୍କର ପଡ଼ୋଶୀ ମକରନ୍ଦର ସେହି ଭଙ୍ଗା କୁଡ଼ିଆ ଖଣ୍ଡିକ । ପ୍ରଥମେ ଯେ ସେ ଖଣ୍ଡିକ ହାତ କରିବାକୁ ହେବ ? ତାଙ୍କର ଘର ସାମନାରେ ଏ ଭଙ୍ଗା କୁଡ଼ିଆଟା ବଡ଼ ଖରାପ ଦିଶୁଛି, ଯଦି ମକରନ୍ଦ ଏଠାରୁ ଉଠି ଯାନ୍ତା ତେବେ ତାର କୁଡ଼ିଆଟିକୁ ଭାଙ୍ଗି ଭୁଶୁଣ୍ଡି ଦେଇ ତାଙ୍କ ହତାରେ ମିଶାଇ ଦିଅନ୍ତେ, ତା ପଛକୁ ମକରନ୍ଦର ଖୁଡ଼ୁତା ପୁଅ ଭାଇ ଅଦକନ୍ଦର କୁଡ଼ିଆ । ସେଇଟିକୁ ବି ହାତ କରିବାକୁ ହେବ ତା ନ ହେଲେ ସେ ହତାଟା ଠିକ୍ ଚାରିକୋଣିଆ ହୋଇ ସୁନ୍ଦର ଦିଶିବ ନାହିଁ । ଆଉ ତା'ର ସେ ପାଖରେ ମକରନ୍ଦ ଓ ତା ଭାଇ ଅଦକନ୍ଦର ସେଇ ଚହଲିଆ ଆମ୍ବ କିଆରି ଦିଓଟି, ସେ ଦୁଇ-ଖଣ୍ଡ ମଧ୍ୟ ବାବୁଙ୍କର ଲୋଡ଼ା, ଟୋଟାଏ ଫୁଲ୍ ବଗିଚା କରିବା ପାଇଁ ।

ଉତ୍କଳ ବାବୁଙ୍କ ମଥାରେ ଏ ସବୁ ସ୍ୱପ୍ନ ଯେତେବେଳେ ନାଚି ଉଠିଲା, ସେ ଆଉ ସ୍ଥିର ହୋଇ ରହି ପାରିଲେ ନାହିଁ । ସେ ଦିନ ସଞ୍ଜବେଳେ ଅଭିରାମବାବୁ ଅଗାଧୁ ମିଶ୍ରଙ୍କୁ ଡାକି ଆପଣାର ମନୋଗତ କଥାଟି ପିଟାଇ କହିଲେ । ମିଶ୍ରେ ମଧ୍ୟ ଝିଙ୍କିଏ ମାମଲତକାର ଧରଣର ଲୋକ, ପଲ୍ଲିଟାରେ ସିନା ଘର, କିନ୍ତୁ ମାଲି ମାମଲା ଯୋଗାଡ଼ବାରେ ମିଶ୍ରେ ଖାଁଣ୍ଟି

ଧୂଳିକର । ସେଥିପାଇଁ ମାସରେ ଦଶଥର ତାଙ୍କୁ ବୁଢ଼ା ଗୁହାଳ ବାନ୍ଧି ସହରକୁ ଧାଇଁବାକୁ ପଡ଼ିଥାଏ । ଅଭିରାମବାବୁଙ୍କ ପ୍ରସ୍ତାବ ଶୁଣି ସେ କହିଲେ 'ଆଜ୍ଞା, ଆପଣ ତ ଓକିଲ ଲୋକ, ମଣିଷ ଚରାଉଛନ୍ତି, ଆଉ ଆମେତ ଗୋରୁ ଚରାଉଛୁଁ ।' ଆପଣଙ୍କୁ ଆଉ କଣ କହିବି ? ଖାଲି ସାଧା ସିଧା ଭାବରେ କହିଲେ କିଏ ସେସବୁ ତାକୁ ଶୁଣିବେ ? ତାହା ଛଡ଼ା ନପଢ଼ ମୂର୍ଖ ଗୁଣ୍ଡାଙ୍କ, ମଜଲିସଟା ଶୁଣନ୍ତା ବା ସାହା କହୁ କହୁ ତାର ସେ ଯେଉଁ ମାଇକିନିଆ ନମୁନାଟା ଅଛି, ତା କଥା ଛାଡ଼ନ୍ତୁ ବାବୁ, ଯଦି ସେ ଶୁଣେ ଆପଣଙ୍କର ଏ ପ୍ରସ୍ତାବ, ତେବେ ସାଙ୍ଗେ ସାଙ୍ଗେ ଆପଣଙ୍କର ସପ୍ତ ପୁରୁଷଙ୍କୁ ପାଣି ଛଡ଼େଇ ଦେବ ।

ମିଶ୍ରଙ୍କ କଥା ଶୁଣି ଅଭିରାମବାବୁଙ୍କ ମୁହଁଟି ଉଜ୍ଜ୍ୱଳ ହୋଇ ଉଠିଲା । ସେ ଖପ୍ କରି ମିଶ୍ରଙ୍କ ହାତ ଦୁଇଟି ଧରି ପକାଇ କହିଲେ, 'ଦେଖନ୍ତୁ ମିଶ୍ର ସାଆନ୍ତେ, ଠିକ୍ଏ ଲାଗ ପଡ଼ନ୍ତୁ । ଆପଣଙ୍କର ଉପଯୁକ୍ତ ଅଭିମଣିଅ ମିଳିଯିବ ସେ ଜଙ୍ଗଲରେ କଉଣଠେ । ଦେଖିଲେ ତ ଗାଁଟା, ଉପରେ ଅରମା ହୋଇ ପଡ଼ିଥିଲା, ମୁଁ ଆସିଲାରୁ ସିନା ଡାକଘରଟା ବସିଲା, ଆଉ ଦୋଳପୂନିଆ ଦିନ ଯେଉଁ ମେଳା ମହୋତ୍ସବ ହେଲା, ଦୁଃଖୀ କାଙ୍ଗାଳୀ ଭୋଜନ ହେଲା, ଯେଉଁ ବାଣମରା, ବାଇନାଚ ସେ ସବୁ କଣ ଏ ଗାଁ ଲୋକେ କେବେ ସାତ ଜନ୍ମରେ ଦେଖିଥିଲେ ?'

ମିଶ୍ରେ ମୁଣ୍ଡ ଟୁଙ୍ଗାଇ କହିଲେ—'ଆଜ୍ଞା, ଆପଣ ହେଲେ ଏ ଗାଁର ଶିରୀ, ଆପଣ ନ ଆସିଥିଲେ କଣ ଏ ଗାଁଟା ଆଉ ଥାଆନ୍ତା । ଆପଣ ଗାଁରେ ରହନ୍ତୁ, ପକା ଦୋତାଲାଟାଏ ତୋଳାଇ ଦିଅନ୍ତୁ, ବାଡ ବଗିଚା ଫୁଲ ଫୁଲସ ଲଗାଇ ଦିଅନ୍ତୁ; ଗାଁଟା ହସିବ ଉଠିବ, ଗାଁର ଶିରୀ ଫୁଟି ଉଠିବ । ଆଉ ଏ

ମଲ ମୁଣ୍ଡିଆ ଟୁଙ୍ଗୀଙ୍କର ଖଣ୍ଡିଆ ଦଣ୍ଡିଆ ଗୁଲଅ ଭୁଙ୍କାଇ ପକ୍କରେ କିଏ ?'

ଅଭିରାମବାବୁ ମୁରୁକି ମୁରୁକି ହସି କହିଲେ 'ବୁଝିଲେ ମିଶ୍ରେ ସାଆନ୍ତେ, ମୋର ସେହିଆ ଇଚ୍ଛା । ଦେଖିଲେ ତ ପୁଅଟାକୁ ବି. ଏ. ପର୍ଯ୍ୟନ୍ତ ପାଠ ପଢ଼ାଇଲି, କିନ୍ତୁ ଚାମ ଦାମ ତ ଖଣ୍ଡେ ପାଇଲା ନାହିଁ । ଆଉ କଣ କରିବ ? ଭାବୁଛି ତା ଲାଗି ଗାଁରେ ଅନ୍ତତଃ ଗୁଡ଼ିଏ ଛଅ ବାଟି ଜମି କରି ଦେଇ ଯିବି ଯେ ଶାନ୍ତିରେ ବସି ଖାଉଥିବ । ଏ ଗାଁରେ ଜମି ମିଳିବଟି କି ?'

ମିଶ୍ରେ କହିଲେ 'ମଣି ନ ମିଳିବ କିଆଁ ? କଥାରେ ଅଛି—ଯାତ ପାଞ୍ଚ ବା ଲଡ଼ି ଏକ ଜଣକୋ ବୋଝ, ଜମି ଟୁଙ୍ଗୀଙ୍କ ଛନଛନ ହୋଇ ରାମା, ଶ୍ୟାମା, କପିଳା ହାତରେ ବନ୍ଧା ପଡ଼ିଛି ବୋଲି ସିନା ଅଖିଦୂଷିଆ ହେଉ ନାହିଁ, ଆପଣ ଟିକିଏ ଲାଗି ପଡ଼ିଲେ ମୁଁ ସେ ଟୁଙ୍ଗୀଙ୍କୁ ଘଉଡ଼ାଇ ଦେଇ ସବୁ ଜମି ଯାକ ଆପଣଙ୍କ ଗୋଡ଼ତଳେ ଥୋଇ ଦେବି ।'

ଅଭିରାମ ବାବୁଙ୍କ ମନ ଖୁସି ହୋଇଗଲା ।

× × × ×

ତା ପରେ ଉତ୍କଳ ବାବୁଙ୍କର—"ଯାଏ। ମଙ୍ଗଳ"ର ପ୍ରଥମ ପାଳି ଆରମ୍ଭ ହେଲା ମକରନ୍ଦ ଆଉ ତାର ଖୁଡ଼ୁତା ପୁଅ ଭାଇ ଅଦକନ୍ଦ ଭିତରେ । ଉତ୍କଳ ବାବୁଙ୍କ ସୂଚନା ସାଙ୍ଗେ ମିଶ୍ରେ ଯାଇ ପ୍ରଥମେ ଅଦକନ୍ଦର ମାଇପ କାନରେ ଫୁଙ୍କି ଦେଲେ ଯେ ତାର ସ୍ୱାମୀ ମୂର୍ଖ ଥିବାରୁ ତା ଦେଢ଼ଶୁର ମକରନ୍ଦ ତାପରି ଭଲ ଭଲ ଜମି ବୁଝିକି ଆପଣା ହାତରେ 'ମାଙ୍କ

ନେଉଛନ୍ତି । ଅଙ୍କୁର ମଧ୍ୟ ମାପ ଗ୍ରୁପରେ ବାରସ୍ୱାର୍ଥ ଭଳି ବେଶୀ ଜମି ମାରି ନେଉଛନ୍ତି । ଅଦାନନ୍ଦର ମାଇପ ଗଙ୍ଗା ଆଉ ମକରନ୍ଦର ମାଇପ ଯମୁନା ଭିତରେ ଏଇ ବାସନ ନେଇ ପ୍ରଥମ ବୋଲ ବୋଲ୍ ଆରମ୍ଭ ହେଲା । ତାପରେ ଦୁଇଭାଇଙ୍କ ଭିତରେ କଳି କଜିଆ ଲାଗିଲା । ପ୍ରଥମେ ଜଣେ ଗଲେ ମିଶ୍ରଙ୍କ ପାଖକୁ, ଆଉ ଜଣାଙ୍କ ଗଲେ ଉତ୍କଳ ବାବୁଙ୍କ ପାଖକୁ । ସଞ୍ଜବେଳେ ଗାଁ ମୁଣ୍ଡ ନଈକୂଳ ବରଗଛ ମୂଳେ ଉତ୍କଳ ବାବୁ ମିଶ୍ରଙ୍କ ପିଠି ଥାପୁଡ଼ାଇ କହୁଥିଲେ—ବାଃ ମିଶ୍ରେ ନ ହେଲେ କି ହୁଏ ?

ଲାଗିଲା ମକଦ୍ଦମା, ଦୁ ପକ୍ଷରୁ ଦୁଇଟା ଲଢୁଆ ଷଣ୍ଢ । ଶେଷରେ ଦୁଇଭାଇ ଯାକ କାନମୁଣ୍ଡ ଆଉଁସି ଜମି ବାଡ଼ି ଘର ତଳ ମଧ୍ୟ ଛାଡ଼ିଦେଇ ଦେଶାନ୍ତର ହୋଇଗଲେ । ତାପରେ ଲାଗିଲା ଉତ୍କଳ ବାବୁଙ୍କ ଦୋମହଲା କୋଠା ତିଆରି ।

× × × ×

ଆଜିକୁ ଦଶବର୍ଷ ବିତି ଗଲାଣି, ଗାଁର ଅଧିକ ଲୋକଙ୍କ ଲୋକ ଜମିବାଡ଼ି ଶୂନ୍ୟ ହୋଇ ସର୍ବସ୍ୱାନ୍ତ ହୋଇ ପଡ଼ିଲେଣି । ଉତ୍କଳ ବାବୁଙ୍କର ଆଜି ଗ୍ରୁପବାଜି ଗ୍ରୁପ, ତାଙ୍କର କୋଠି ତିଆରି ସରିଲାଣି, ଖୁବ୍ ଜାକଜମକରେ ପ୍ରତିଷ୍ଠା ହେଲା । ଦୁଇଶ କି ତିନିଶ ଭାଗୀଦାରୀ ଭୋଜନ ହେଲା, ବାଣ ବାଜି ଆଜି ହସି ଉଠୁଛି । ମକରନ୍ଦର ସେ ଗହଳିଆ ଆମ୍ବ ତୋଟା ଯାଗାରେ ଆଜି ଉତ୍କଳ ବାବୁଙ୍କର ନୂତନ ଅମଦାନୀ "ସୋୟାବିନ" ଫସଲ ହସି ଉଠୁଛି । ଗାଁରେ ପୋଷ୍ଟ ଅଫିସ ହୋଇଛି, ଗାଁକୁ ସଡ଼କ ପଡ଼ିଛି, ଉତ୍କଳ ବାବୁ ଆଜି ଜିଲ୍ଲା ବୋର୍ଡର ମେମ୍ବର, ଦେଶସେବୀ ଗ୍ରାମ ସେବକ ।

ମକରନ୍ଦ ଆଉ ତା ମାଇପ ଆଜି ବାଟର ଭିକାରୀ, ମୁଣ୍ଡ ଗୁଞ୍ଜିବାକୁ ଟିକିଏ ସ୍ଥାନ ନାହିଁ । ସେମାନଙ୍କର ଏ ଅବସ୍ଥା

ଦେଖି ଗାଁର ବୃଦ୍ଧ ବୈଦ୍ୟରାଜ ଭଟ୍ଟମହାଙ୍କ ପାଟିରୁ ତାହାର ପଲ୍ଲଙ୍କ—ଏଙ୍କାଲ ବାବୁ ସହର ଛାଡ଼ି ଗାଁକୁ ଆସିଲା ଦିନୁ ଗାଁଟା ଉପରେ ଶନି ଦୃଷ୍ଟି ପଡ଼ିଲା, ସୁନାର ଗାଁଟି ଚୂନା ହୋଇଗଲା ।

# ପଦ୍ମ ମୟୂର

( ଗଳ୍ପ )

—୧—

"—ବର୍ଣ୍ଣର ମୟୂର ଓ ଶ୍ୱେତପଦ୍ମର ଏଭଳି ସମାବେଶ । ମୟୂର କିନ୍ତୁ ନୃତ୍ୟଶୀଳ; ପଦ୍ମ ଦଳବଦ୍ଧ କଣ୍ଟିତ । ଗୋଟିଏ ମୟୂର ନୁହେଁ—ଅସଂଖ୍ୟ; କିନ୍ତୁ ସେମାନଙ୍କର ପକ୍ଷ ଉତ୍ତୋଳିତ; ପୁଚ୍ଛ ନୃତ୍ୟାକ୍ରାନ୍ତ । ପ୍ରତ୍ୟେକର ଚଞ୍ଚୁ ସହିତ ଚଞ୍ଚୁର ସଂଯୋଗ ଅଛି । ସ୍ୱର୍ଣ୍ଣସ୍ତମ୍ଭ ଉପରେ ଭାର ଦେଇ ମୁଁ ଏତିକି କହି ବନ୍ଧୁଟିଠାରୁ ଉତ୍ତର ଅପେକ୍ଷାରେ ରହିଲି ।

କଲେଜ ପୋର୍ଟିକୋଠାରୁ ଲାଇବ୍ରେରୀ ପର୍ଯ୍ୟନ୍ତ ଯେଉଁ ପକ୍କା ରାସ୍ତାଟି ପଡ଼ିଛି, ତାହାରି ଉପରେ ଛିଡ଼ା ହୋଇଥିଲି ମୁଁ—ମୁଁ ସ୍ୱର୍ଣ୍ଣସ୍ତମ୍ଭ ଏପଟେ; ସେ ଅନ୍ୟ ପାଖେ । ବନ୍ଧୁ ମୋର—'ମୟୂର ଓ ଶ୍ୱେତପଦ୍ମର' ଶବ୍ଦ ପରିଶନ୍ତନରେ ବୋଧହୁଏ କ୍ଷଣକ ପାଇଁ ଅନ୍ୟମନସ୍କ ହୋଇ ଯାଇଥିଲା । ତାପରେ ନମିତ ନେତ୍ର ଦୁଇଟି ଓଠ ଉପରକୁ—; ସେ କହିଲା—

'ତୁ ଏକ ଧ୍ୱଂସର ଅବତାର'

ମୁଁ ବୁଝିନେଲି—ଅଜାଣତରେ ମୋର ଲମ୍ବା ଜୋତାବଳା ତାହାର ଗୋଡ଼ର ଯୋତା ଗୋଇଠି ଶୁଣ୍ଡିନାସ୍ତ ଭଳି ବସି

କୋମଳ ଦୂବା ଗେଣ୍ଡୋଟି ଉପରେ ବୁଲି ଯାଉଛି । ମୁଁ ଅପରାଧୀ ଭଳି ଗୋଡ଼ ଭିଡ଼େଇ ଆଣିଲି ।

ତାର ଆଖି କୋଣର ସ୍ପନ୍ଦନରୁ ବୁଝିଲି ବାଣ୍ଟ ଓ ମାନବ ପ୍ରତି ତାର ଅଭିଯୋଗ ବହୁତ । ସେ କହିଲା—

'—ପ୍ରକୃତିର ସମ୍ଭାରକୁ ମଣିଷ ଏମିତି ଧରି ବସିଛି । ତାକୁ ତଳେ ତଳେ ହତ୍ୟା କରି ଉକ୍ରାନ୍ତ କରୁଛି ଯିଏ, ରୂପ ଦେଇପାରୁ ନାହିଁ । ଦେଖିଲୁ, ଏଇ ପାଖରେ ଅଛୁଡ଼ ଦୂବାଗଚ୍ଛ୍ୟା ଟେଟେଇ ଲେଉଟାଯାଏ, ଟେଟେଇ ଶୋଭାଯାଏ । କିନ୍ତୁ ଏଇ ସିମେଣ୍ଟ୍ ରାସ୍ତା ମଝିରେ ମଝିରେ ସିଆର କଣ୍ଟାପାଇ କେତେଗୁଡ଼ାଏ କଅଁଳ ଘାସକୁ ହତ୍ୟା କରାଯାଉଛି । ଏହା କଅଣ ମଣିଷର ଗୁଣହର ? ମଣିଷ ନିଜେ ଆତ୍ମହତ୍ୟା କରେ, ଅନ୍ୟର ହତ୍ୟା ବି ସହି ଯାଏ ।

ରତିକାନ୍ତକୁ ଉଦ୍‌ଭ୍ରାନ୍ତ କହିହେବ ନାହିଁ । ତାର ଭାବନାର ଧାରା ଏଇ ଭଳି । ଆମେ ଦୁହେଁ ସହପାଠୀ । ତାର ପ୍ରକୃତି ମୁଁ ଜାଣେ, ତେଣୁ ନୀରବ ରହିଲି । ପାଖରେ ଗୋଟାଏ ହରଗଉରୀ ଗଛମୂଳେ ଗୋଷ୍ପଦ ପରିମିତ ସ୍ଥାନରେ ତଳେ ପାଣିଥିଲା, ସେଇ ପାଣି ଭିତରେ ଗୋଟିଏ ବଣିଟେଙ୍କିର ଦୂରଥିବା ବୁଢ଼ାଯାଉ ପକ୍ଷୀ ଝାଡ଼ି ଉଡ଼ିଗଲା ମେଘ ଭିତରକୁ; ଆଉ ତାର ଟେଲ୍ଟ ସ୍ପନ୍ଦିତ ସ୍ୱରର ସ୍ୱର ପଡ଼ିଗଲା ଦୂର୍ଣ୍ଣିତ୍ତମ୍ଭ ଉପରେ···

ରତି ହସିଲା—

'—ଏ ସେ ବନ ବିହାର କୁଞ୍ଜ' ଏତିକି କହି ଗୋଟେ ଖୋଭା ଗଣ୍ଠି ବାହାର କରି ସେଥିରେ ଲେଖିବାକୁ ଆରମ୍ଭ କଲା—

'ତା ପରେ ?'

'ତାହାର ତା ପରେ ?' ମୁଁ କହିଲି 'ରଙ୍ଗ ସହିତ ଟଙ୍ଗର ସଂଯୋଗ ଅଛି । ତା ପରେ ?'

'ତାର ଆଗ୍ରହ ଅସୀମ ।

ମୁଁ କହିଲି—

'ତା ପରେ ପ୍ରତି ସ୍କେଚ୍‌ଟି ମୟୂର ଅନ୍ତେ ଗୋପାଳ ବାଳକର ପୀତ-ଦୁକୂଳ-କଟୀଠାରୁ ଲମ୍ବି ଆସିଛି; ମୁହଁରେ ଅଡ଼ବଂଶୀ ।'

ଗତ ରାତ୍ରି ତୃତୀୟ ଯାମ ପର୍ଯ୍ୟନ୍ତ ଏହି ବିଷୟବସ୍ତୁ ନେଇ ମୁଁ ଚିତ୍ରଭାବରେ ରୂପ ଦେବାକୁ ଚେଷ୍ଟା କରିଥିଲି । କିନ୍ତୁ ଏ ଶତାବ୍ଦୀର ଷ୍ଟୁ' ଟେବୁଲ୍, ଲିପ୍ ଷ୍ଟିକ୍, ଅଙ୍କକୁକୁର (Lap dog) ଯେଉଁଠି କବିତାବଳୀର ବିଷୟ-ବସ୍ତୁରୂପେ ରୁଚିକର ଓ ପ୍ରଗତିଶୀଳ ହେଉଛି ସେ ସ୍ଥଳେ ଶ୍ରୀକୃଷ୍ଣଙ୍କର ବନବିହାର ବର୍ଣ୍ଣନା ଚିତ୍ରଭାବରେ ଉପାଦାନ ହେବା ବିଡ଼ମ୍ବନା । ଏହା ଜାଣି ମୋର ବନ୍ଧୁକୁ ନିର୍ଦ୍ଦେଶ ଦେଲି ଯଦି ସେ ପାରେ······

ଦୁହେଁ ଚାଲିଲୁ—କଲେଜ ପୋର୍ଟିକୋ ଭିତରେ ଯେଉଁଠି ନାରାୟଣ ମୂର୍ତ୍ତିଟି ରହିଛି ସେଇଠାରେ ରତିକାନ୍ତ ସ୍ତବ୍ଧ ଭାବରେ ରହିଗଲେ । କଲେଜ ଚପରାଶି ନୋଟିସ ପଟାରେ ନୋଟିସ କାଗଜ ଚପେଇ ଦେଇ ତାର ଅଠା ସାଲ୍ ବାଲ୍ ଆଙ୍ଗୁଠିର ଅଠା ଦାଗଟାକୁ ନାରାୟଣଙ୍କ ଶିର ଉପରେ ମାରିଦେଇ ଚାଲିଗଲା ସେଇକ୍ଷଣି । ଦୁହେଁ ଦୁହିଁଙ୍କୁ ଚାହିଁଲୁ । ସେ ହସିଲା— ମୁଁ ତାର ହସାପ୍ଳୁତ କଥାଟିକୁ ଅନୁମୋଦନ କଲି ।

— ୨ —

ସହରର ଅଭ୍ୟନ୍ତରରେ ପ୍ରାସାଦ । ଆଧୁନିକ ରୁଚିର ଅବକାଶରେ ଜୋଠାଖଣ୍ଡିକର ଛତ ପ୍ରକୋଷ୍ଠଟି, ଭରି ନୂତନ

ହୋଇ ରହୁଛି । ପ୍ରଭଞ୍ଜନରେ ଝରକାର ପରଦା ସହ ଘଁଟିଣରେ ସୃଷ୍ଟି କରୁଛି ନୀଳତରଙ୍ଗ । ଶଶାଙ୍କ ବାବୁଙ୍କର ସ୍ତ୍ରୀ ହେଉଛନ୍ତି କଲେଜର ସ୍ନାତକୀ ଥିଲେ । ସଂପ୍ରତି ସହଧର୍ମିଣୀ । ଝିଅ ନୀହାରିକା ପାଠ ପଢ଼ନ୍ତି—ଉଚ୍ଚ ଶିକ୍ଷା···

ସେଦିନ ନୀହାରିକାର ମାଆ ଘରକାମରେ ବହୁତ ବ୍ୟସ୍ତ ଥାଇ ନୀହାରିକାକୁ ଉଦ୍ଦେଶ୍ୟ କରି କହିଲେ—

'ନୀହା, କାଚର ପଡ଼ିଲାଣି, ଅଥଚ ତୋର ଶାଢ଼ୀଟା ଦାଣ୍ଡ ଦୁଆରରେ ଶୁଖା ହୋଇଥିଲା, ଅଣି ନାହୁଁ । ସବୁ ଛାଡ଼ ମୁଁ ଉପରେ ଭାର ଦେଇ ନିଶ୍ଚିନ୍ତ ହୋଇ ରହୁଛୁ ତେବେ ଶାଶୁଘରେ କେଉଁ ଗୃହିଣୀ ହେବୁ ।'

କଥା ସତ । ଝିଅମାନଙ୍କର ଅନୁକରଣଶୀଳ ହେବା ନିଶ୍ଚିତ ସତ୍ୟ ଅଛି ଅତ ଆଧୁନିକାଙ୍କର ବ ମସ୍ତିଷ୍କ ଅବକ୍ଷୟ କରୁଛି ।

ନୀହାରିକା ଶାଢ଼ୀଖଣ୍ଡି ନେଇ ଆସି ଅନୁଯୋଗ ସ୍ୱରରେ କହିଲା, ମାଆ, କୋଉଠି ଲେଖ ଦାଣ୍ଡ ପିଣ୍ଡାରେ ସେ ଶାଢ଼ୀଟାକୁ କିଏଁ ବାଲି ବାଲି କରି ଅନେକ ରଖିଥିଲା ? ସେ ମତେ ଦେଖି ଚିହ୍ନିବା ଚମକି ପଡ଼ିଲା । ମୁଁ ବି ସେମିତ···'

'—ଓଃ ତାହାହେଲେ ତ ବଡ଼ ଆଶ୍ଚର୍ଯ୍ୟ ।'

'—ହିଁ ମାଆ ବଡ଼ ଆଶ୍ଚର୍ଯ୍ୟ',

'ନାଁ—ଆଶ୍ଚର୍ଯ୍ୟ କିଛି ନାହିଁ ।

ହରସାବାଲ ଭୁଲିଗଲେ···''

'ନାଁ ମାଆ, ହରିସାବାଲ ନୁହେଁ ।'

'ତେବେ କାହାରବାଲ ?'

'ନାଁ ମାଅ, ଗାଡ଼ିବାଲା ନୁହେଁ ।'

'ତେବେ କିଏ ?'

'ଜଣାଅଜଣା ଭଦ୍ରଲୋକ ।'

'ଜଣାଅଜଣା ? ହୁଁ :—ଏତ ଜଣାଶୁଣା କଥା । ଭଦ୍ରଲୋକ ବେଶୀ ସ୍ନେହ କରନ୍ତି । କିନ୍ତୁ ସାବଧାନ, ତୋର ଜନ୍ମଦିନରେ ବହୁତ ହଇରାଣ ହୋଇ ବାବା ତୋର 'ପଦ୍ମ-ମୟୂର' ଶାଢ଼ୀଟି ଆଣିଛନ୍ତି । ସେଇଟି ଯଦି ତୁ ସ୍ନେହରେ ଦେଉ, ବାବା ତୋ ଜୀବନ ରଖିବେନି; ସାବଧାନ ।'

'ଅଚ୍ଛା, ମାଅ—ମୁଁ ଦାଣ୍ଡରେ ଶାଢ଼ୀ ଆଉ ଶୁଖେଇବି ନାହିଁ ।'

'ତା ହେବ ନାହିଁ । ତୋର ସ୍ୱାସ୍ଥ୍ୟ ପେଇଁ ଅଲ୍‌ଟ୍ରା ଭାଇଲେଟ୍ ରେଇଜ୍ ( Ultra violet rays ) ଯୁହେଁ, ତୋର ଶାଢ଼ୀ ବି ସେଇଆ ଦରକାର କରେ । ବାବା ତୋର ମାସ ମାସ ଧରି ଏଇ ରେଇଜ୍ ( rays ) ଉପରେ ଖଣ୍ଡି ଖଣ୍ଡି ପ୍ରବନ୍ଧ ଲେଖୁଛନ୍ତି । ଆଉ ତୁ ଏ ସବୁ କିଛି ବୁଝିଲୁ ନାହିଁ ।

ନୀହାରିକାର ସ୍ୱର୍ଣ୍ଣ-ସିନ୍ଦୂର ଆରକ୍ତ ଗଣ୍ଡରେ ସେ ଭାଇଲେଟ ରଶ୍ମି କ୍ରୀଡ଼ା କରି ବିଶେଷ କିଛି କରି ପାରିବ ତା ସେ ଜାଣେ । ତେଣୁ ସଙ୍କେତ ମନ୍ତ୍ରର ଢଙ୍ଗରେ ସେ ସ୍କୁଲକୁ ଯିବା ଅନ୍ତରାଳକୁ ।

କିଛିଦିନ ବିତି ସାରିଛି । ଦିନେ ନୀହାରିକା ସ୍କୁଲ ଗେଟ୍ ପାଖେ ପହଞ୍ଚିଛି କି ନାହିଁ ଜଣେ ଅପରିଚିତ ଭଦ୍ରଲୋକ ତା ସାମନାରେ ଛିଡ଼ା ହୋଇପଡ଼ି ଅନୁନୟ ସ୍ୱରରେ କହିଲେ—'କିଛି ମନେ କରିବେ ନାହିଁ । ହଠାତ୍ ମୋର କିଛି ଲେଖିବାକୁ ମନେ ହେଲା । ଦେଖିଲିବେଳକୁ ପେନ୍‌ସିଲ ମୁନ ଭାଙ୍ଗି

ଯାଉଛି । ଛୁରୀ ବି ପାଖରେ ନାହିଁ । ଆପଣଙ୍କ ପାଖରେ ଛୁରୀ ବା ବ୍ଲେଡ଼ କିଛି ଥିଲେ ଦୟା କରି ଦିଅନ୍ତୁ, ମୁଁ ଏଇଠି ଛିଡ଼ାହୋଇ ପେନ୍‌ସିଲ୍‌ଟା କାଟି ନେଉଛି ।'

ଏଭଳି ଅନୁରୋଧରେ ଆଶଙ୍କା କରିବାର କିଛି ନ ଥିଲା ଯଦିଓ ଲୋକଟି ଅପରିଚିତ । ନାହାରିବା ତାଙ୍କ ଭ୍ୟାନୋଲିଆ ସାବୁନ ଡବାରୁ ବ୍ଲେଡ଼ଟିଏ ବାହାରି ଦେଲେ ।

'—ମୋର ସ୍କୁଲ୍ ସମୟ ହୋଇ ଯାଉଛି, ପେନ୍‌ସିଲ୍‌ଟା କାଟିବାକୁ ସମୟ ଲାଗିବ । ଆପଣ ବ୍ଲେଡ଼୍‌ଟା ନେଇଯାଇ ପାରନ୍ତି, ମୋର ଆହୁରି ଅନେକ ଅଛି ।' ଏହା କହି ନାହାରିବା ଫାଟକ ପାର ହୋଇଗଲେ ।

ଭଦ୍ରଲୋକଟି ଧୀରେ ଚାଲିଗଲେ ।

ତିନିମାସ ପରର କଥା—ପ୍ରଦର୍ଶନୀରେ ବିପୁଳ ଆୟୋଜନ । ଶଶାଙ୍କ ବାବୁ ନାହାରିବାକୁ ସଙ୍ଗରେ ନେଇ ଆସିଛନ୍ତି ପ୍ରଦର୍ଶନୀ ଦେଖିବାକୁ । ପ୍ରଦର୍ଶନୀରେ ନାରୀ-ସୁଲଭ ଜିନିଷର ଅଭାବ ନାହିଁ । ନାହାରିବା ଗୋଟିଏ ଶିଙ୍ଗ ପାନିଆ ଦେଖି କିଣିବ କି ନାହିଁ ଭାବୁଛି । ଦୋକାନୀ ଉତ୍ସାହିତ ହୋଇ କହିଲା—

'ମାଆ, ଦେଖି କରି କିଣନ୍ତୁ, ଆପଣଙ୍କର ଖୁବ୍ ବହଳିଆ ବାଳ । ଆପଣ ଯେଉଁ ପାନିଆଟା ଧରିଛନ୍ତି ତାର ଦାନ୍ତ ସରୁ ଟିକିଏ ଶ୍ରେଷ୍ଠ ଏଇଟା ନିଅନ୍ତୁ, ଏଥିର ଦାନ୍ତ ବଡ଼ ଅଛି, ବହଳିଆ ବାଳରେ ଭଲ ଚାଲିବ ।'

ନାହାରିବା ତାର କାଳିନ୍ଦୀ-କଳା-କୁନ୍ତଳ ଭିତରେ ଏଥର ଥରେ ସିଅଁଡ଼ି ଥରେ ବେଣୀଟି ଟେକେଇ ନେଇ ପରଖିଦେଲେ । ସେହି ସମୟରେ ଶଶାଙ୍କ ବାବୁଙ୍କର ଜଣେ ବନ୍ଧୁଙ୍କ ସହିତ ଦେଖା ହେବାରୁ ସେ ଦୋକାନର ଟିକିଏ ଦୂରକୁ ଚାଲିଯାଇ

ଘଡ଼ ଅଙ୍ଗ ଛିଡ଼ିଦେଲେ । ଭିଡ଼ ବେଶୀ ହେବାରୁ ନାହାରବା ବାବାଙ୍କ ପାଖରୁ ବାଧ୍ୟ ହୋଇ ଚାଲିଗଲେ ।

କ୍ଷଣକପରେ ଜଣେ ଭଦ୍ରଲୋକ ନାହାରବା ଶରୀର-ପରିଷ୍ଟିତ ଜଙ୍ଘଭାଙ୍ଗି ଧରି ପଚାରିଲେ—

'ଦାମ୍ ?'

ଦୋକାନୀ ବିସ୍ଫାରିତ ନେତ୍ରରେ କହିଲା,

'ଏ ମାଂଷପିଣ୍ଡ ଶରଣୀ ।'

'ମୋ ପାଇଁ ମୁଁ ନଭୁନାହିଁ ।'

'ଜଣେ ବାବୁଙ୍କ ଝିଅ ସେଇଟାରୁ କିଣିବାକୁ ଠିକ୍ କରିଛନ୍ତି । ମୁଣ୍ଡରେ ଭୁଲେଇଛନ୍ତି ସେଥିରେ ।'

ଭଦ୍ରଲୋକ ଟିକିଏ ହସିଲେ । ଅମୋଦ ହସ...

ଶରଣୀରୁ ଜବାକୁସୁମ ତେଲର ଗନ୍ଧ ଏପର୍ଯ୍ୟନ୍ତ ଉଡ଼ିଯାଇ ନାହିଁ । ଶରଣୀଟିକୁ ନାକ ପାଖକୁ ନେଇ ଭଦ୍ରଲୋକ '—ଆଃ' କହି ନିଃଶ୍ୱାସ ମାରିଲେ । ତା ପରେ ସେ କହିଲେ—

'ସେଇଥିପାଇଁ ତ ନଉଛି । ଦାମ୍ ?'

'ଦାମ୍ ଆଠଅଣା'

'ମୁଁ ବାରଅଣା ଦେଉଛି ।'

ପାଣ୍ଟଅଟି ଅତ ସବୁଜରେ ସିଲ୍କ୍ ରୁମାଲ ଭିତରେ ରଖି ଭଦ୍ରଲୋକ ଗହଳ ଭିତରେ ମିଶିଗଲେ ।

ଦେଖି ଟିକିଏ ଲଜ୍ଜାର ଶରଣୀଟିକୁ ଅନ୍ୟକୁ ବିକ୍ରି ଦେଇଛି ବୋଲି ଶୁଣାଇ ବାବୁଙ୍କୁ ଦୋକାନୀ ଠିକିଯାଇ ଦେଇଦେଲା—

( ଟେଷ୍ଟ )

ଓଡ଼ିଶା ଓ କଲିକତା ବଜାରରେ 'ଉତ୍କଳଲକ୍ଷ୍ମୀ କଟନ ମିଲ୍'ର 'ପଦ୍ମ-ମୟୂର' ଶାଢ଼ୀର ଚାହିଦା ଅସମ୍ଭବ ଭାବରେ ବଢ଼ିଛି । ଅନ୍ୟାନ୍ୟ ମିଲ୍‌ର 'ଭାଗ୍ୟରେଖା', 'ନୀଳମେଘ', 'କିରଣ' 'ପ୍ରଦୀପ', 'ଭାରତ ମାତା' ପ୍ରଭୃତି ଶାଢ଼ୀ ଅପେକ୍ଷା ଓଡ଼ିଶା ମିଲ୍‌ର 'ପଦ୍ମ-ମୟୂର' ଉତ୍କୃଷ୍ଟ । ମୁଁ ଏହିକଥା ଜାଣେ ଭାଇ ରତିକାନ୍ତ ପାଖକୁ ଚିଠି ଲେଖିଲି—

'—ରତି,

ଗୋଟାଏ ମାମୁଲି କଣ୍ଢାର ବିଷୟ ବସ୍ତୁକୁ ତୁ କି ଚମତ୍କାର ଭାବରେ 'ପଦ୍ମ-ମୟୂର' ଶାଢ଼ୀରେ ଫୁଟାଇଛୁ । କି ସୁନ୍ଦର ଡିଜାଇନ୍ ! ମୟୂର ନୃତ୍ୟଶୀଳ, ପଦ୍ମ ଦଳବିକଶିତ । ପ୍ରତ୍ୟେକ ଗ୍ରୁପ୍‌ରେ ମୟୂର ପରେ ଗୋପାଳ ବାଳକର ପୀତ ଦୁକୂଳ; ମୁହଁରେ ଅଡ଼ ବଂଶୀ । ଶାଢ଼ୀର ବର୍ଡ଼ର ସେମିତି ଏକ କବିତାହିଁ ଗାଉଛି । କଲେଜରେ ପଢ଼ୁଥିବାବେଳେ ସେଲି, ବାଇରନ୍, କିଟସ୍‌ଙ୍କର ଗାଣି ଗାଣି କବିତାକୁ ମୁହଁ ଫେରାଉ ତୋର କବି-ହୃଦୟ ବ୍ୟବସାୟ ସୂତ୍ରରେ ସେଇ ବିଷୟ ବସ୍ତୁକୁ ରୂପ ଦେଇଛୁ ଗୋଟାଏ ଶାଢ଼ୀର ଅଞ୍ଚଳରେ । ଏଥିପାଇଁ ମୁଁ ତତେ ଆନ୍ତରିକ ଧନ୍ୟବାଦ ଦେଉଛି । କାହିଁ କବିତା ଆଉ କାହିଁ ଶାଢ଼ୀ ! ! କିନ୍ତୁ ସବୁ ତ ସୃଷ୍ଟି । ଶିଳ୍ପୀ ଏଇ ସୃଷ୍ଟି କିୟାରେ ପରମାନନ୍ଦ ଆହରଣ କରେ । ଆଜି ତୁ ବଡ଼ ଶିଳ୍ପୀ ଏବଂ ଉତ୍କଳ ଲକ୍ଷ୍ମୀ ମିଲ୍‌ର ପୃଷ୍ଠପୋଷକ । ମୁଁ ମନେ କରେ ତୋଠାରୁ ଆମ ଯୁବକମାନଙ୍କର ଯଥେଷ୍ଟ ଶିଖିବାର ଅଛି । କିନ୍ତୁ ଗୋଟାଏ କଥା ତୋଠାରୁ ଶିଖିବାର ନାହିଁ । ତୋର ଏ କି ପାଗଳାମି କହିଲୁ ? ତୁ ନାରୀକୁ ଭଲ ପାଉନୁ ! ନାରୀ କି ତୋ ପାଖେ ଗୋଟାଏ ମାଂସପିଣ୍ଡ—ଅସ୍ପୃଶ୍ୟ—

ଗୋଟାଏ ପ୍ଲେଗ୍ । କିନ୍ତୁ ତାର ବ୍ୟବହାର,—ତାର ବ୍ୟବହାର କରୁଥିବା ଜନଗଣରେ ତୁ ହୋଇଛୁ ଅନ୍ୟତମ । ତାର ଶାଢ଼ୀଟାକୁ ତା ଚାକରକୁ ବକ୍‌ସିସ୍ ଦେଇ ତୁ ଷ୍ଟୋର କରି ନେଇଛୁ । ଏ କଥା ଶଶାଙ୍କ ବାବୁ ଜାଣନ୍ତି । ପୁଣି ତାର ବ୍ଲାଉଜ୍, ତାର ଓଢ଼ଣୀ, ତାର ଶାଢ଼ୀ ସବୁ ତୋ ପାଖରେ । ଜାଣେନା ଆଉ କେତେବର୍ଷ ଭିତରେ ତୁ ତାର ଆଉ କି ସମ୍ପତ୍ତି ଷ୍ଟୋର କରି ନ ଥିବୁ । କିନ୍ତୁ ତାର ମନ ଯଦି ଷ୍ଟୋର କରି ପାରୁଥାନ୍ତୁ ତେବେ ମୁଁ ଖୁସି ହୋଇ ପାରୁଥାନ୍ତି । ଶଶାଙ୍କବାବୁ ଅଜା ବି ରାଜି ଅଛନ୍ତି ତୋ ଭଳି ବିଖ୍ୟାତ ଶିଳ୍ପୀ ଓ ବ୍ୟବସାୟୀ ହାତରେ କନ୍ୟା ସମ୍ପ୍ରଦାନ କରିବାକୁ । କିନ୍ତୁ ତୁ ମୂର୍ଖ ମାଳବିକାକୁ ବୁଝୁନାହୁଁ । ମୁଁ ତ ବୁଝିପାରୁନି ତୋ ଭଳି ଶାଢ଼ୀ ଷ୍ଟୋର, ଓଢ଼ଣୀ ଷ୍ଟୋର ପୃଥିବୀରେ ଆଉ କିଏ ଅଛନ୍ତି ବୋଲି ?'

× × × ×

'—ଅଛନ୍ତି ।'

ଫିଲସଫି କ୍ଲାସରେ ମନସ୍ତତ୍ତ୍ୱବିଦ୍ ଅଧ୍ୟାପକ କେହି ଜଣେ ଛାତ୍ରର ପ୍ରଶ୍ନରେ ଉତ୍ତର ଦେଲେ—

'ଅଛନ୍ତି, ଏ ଭଳି ମାନସିକ ଅବସ୍ଥା ନେଇ ଜଣେ ନୁହେଁ···ଅ ··ନେ···କ ।'

ଇଲେକ୍‌ଟ୍ରିକ୍ ଘଣ୍ଟି ବାଜି ଉଠିଲା ଟିଂ···ଟିଂ···ଅଧ୍ୟାପକ କ୍ଲାସରୁ ବାହାରି ଯାଉ ଯାଉ କହିଲେ—

'ଅନ୍ୟଦିନ ଏ ବିଷୟରେ ବିସ୍ତୃତ ଆଲୋଚନା କରାଯିବ ।'

# ବଣହଂସ ଭେଟି

ଅଶ୍ୱିନର ନରମ ସକାଳ ।

କମ୍ର ସବୁଜ ଘାସର ଗାଲିଚା ଉପରେ ସୁନା ଟ୍ରସାବଫିଙ୍କ ଖେଳର ଖେଳ; ପ୍ରକାଣ୍ଡ ଈଗଲ ପକ୍ଷୀର ପକ୍ଷ ଛାୟା କଳା ଅକ୍ଷୟ ଖଣ୍ଡ ଉପରେ ଈଶାନ ବାୟୁ ବହମାନ ମେଘଖଣ୍ଡର ସାମୟିକ ସନ୍ତରଣ; ସ୍ୱଚ୍ଛ ଆକାଶ ଓ ଶ୍ୟାମ ଧରଣୀ ଭିତରେ ଅନନ୍ତ ଶାନ୍ତ ଭାବର ସମନ୍ତ ଅନ୍ତବଣ ସୃଷ୍ଟି କରିଛି ଏକ ମହା ବିଜନତା, ଯାହାର ଏକ କ୍ଷୀଣ ଧାରା ସୁନନ୍ଦାକୁ ବହିର୍ଜଗତଠାରୁ ବର୍ଜ୍ଜିତ କରିଛି କରିଅଛି ଯେଉଁ ରାଜପୁରର ଅଲଅକ ଚେହେରା,··· ମଜନୀ···ମଜନାବତୀ ।

ସୁନନ୍ଦା ମୋର ସ୍ତ୍ରୀ ।

ମୋର ଅପକ୍ୱ ବୟସରେ ତାଙ୍କ ସହିତ ମୋର ବିବାହ ହୋଇ ଯାଇଛି । ତେଣୁ ଉପସାଗର ହୋଇ ଭାବିବାକୁ ଯାଏ କରୁଛି ଭଳି ମୁଁ ବୁଝେଁ—ଧନୀର ସନ୍ତାନ ସେ—ତାହା ମୋର ଶୂନ୍ୟ ଥାଳରେ ସେ ଅଜାଡ଼ି ଦେଇଛନ୍ତି ସତ; ମାତ୍ର ସେଇ ଅଜାଡ଼ିବାରେ ତାଙ୍କର ଯେଉଁ ଭଳ ପ୍ରାୟ 'ଅହଂ' ଲୁଚି ରହିଥାଏ, ତାହା ମୁଁ ନିଜ ମୁଖରେ ମରଣ ଅବଧି ସ୍ୱୀକାର ପ୍ରାରମ୍ଭ କରୁ ପାରେ ନା; କାରଣ ମୁଁ ତାଙ୍କର ସ୍ୱାମୀ ।

ସୁନନ୍ଦା ଭାବ୍ୟଭଞ୍ଜାର ପ୍ରେୟସୀ । ମୁଁ ଘୋର ବାସ୍ତବବାଦୀ । ମୋ ଆଗରେ ମୃତ୍ୟୁ,—ମୃତ୍ୟୁ; ଜୀବନ,—ଜୀବନ; ମରଣ ଭିତରେ ମୁଁ ଅମୃତ ହୃତ୍ତର ବର୍ଣ୍ଣିତ ପ୍ରେତଯୋନି ର ଜନ୍ମ ବା ସୃଷ୍ଟିରେ ମୁଁ ଭୁଏନା ଅପହର ।

ଆଜି ସେଇଁ ଅଶ୍ୱିନ ସକାଳ କଥା ମୁଁ କହୁଛି, ଠିକ୍ ସେହିଭ ସକାଳ ବୋଉଏ କହୁଥ ଆରେ ସୁନନ୍ଦାଙ୍କ ସ୍ତ୍ରୀ ଉପରେ

ସଙ୍ଗୀତ ଚାଲିଥାଏ । ସେହି ସଙ୍ଗୀତ ଅଳ ’ର ମୋର ପ୍ରାଣକୁ ମଧୁଚ୍ଛନ୍ଦରେ ଉଥଳ କରେ, ସେତେବେଳେ ମୁଁ ତାଙ୍କର ହାସ-ଦୀପ୍ତ ତୃପ୍ତ ମୁଖ ଉପରେ ନେତ୍ରପାତ କରେ । ଏତେ ରୂପ ! ସେ ରୂପରେ ପୁଣି ଏତେ ତନ୍ଦ୍ରା ! ଏତେ ସ୍ୱପ୍ନ !! ଏତେ ଭୂଲ୍ଷା !!

ଅନ୍ତର୍ଯାମୀ ଜାଣନ୍ତି, ଏଇ ମୋର ସ୍ତ୍ରୀ ସୁନନ୍ଦା ପାଇଁ ମୁଁ କଅଣ ବା ନ କରୁଛି, ନ କରୁଛି । କବିତା ସେ ଭଲ ପାଆନ୍ତି ତବାକୁ ତାଙ୍କ ପାଇଁ ଅଣି ଦେଇଛି ସୁନେଲୀ ରଙ୍ଗର ମରକ୍କୋ ଚମଡ଼ା ବନ୍ଧା ଓମର ଖୈୟାମ୍‌ର ସୁବାଇଁ-ଓ-ସାକୀର କବିତା ବହି । ସେ ବହି ସୁନନ୍ଦା ପଢ଼ନ୍ତି; ମଦର ସ୍ରୋତ ହିଁରପଡ଼େ ତାଙ୍କର ଓଳମ୍ବ ଦର୍ଶଟି ଅଙ୍ଗୀପତାରୁ । ତାରକନାଳ ଭଳି ସ୍ୱଚ୍ଛ କଣ୍ଠଦେଶରେ ତାଙ୍କର ଦୁଲିଛି ନୀଳଗିରି ଜଟେଣ୍ଟବନାର ଉଦ୍ଧାପରେ ସ୍ନେହିତ ବର୍ଣ୍ଣ ଧରେ । ତାଂ’ ହ ମୁଁ ଧୀର ଚକ୍ଷୁରେ ଉପଭୋଗ କରେ । ସେ ଛବି ଭଲ ପାଆନ୍ତି ବୋଲି ମୁଁ ଗ୍ରୀସୀୟ ଆର୍ଟର ଶରନ୍ତନ କଳାକୁଞ୍ଜିରୁ ଟୋଳି ଅଣିଛି ରୂପବତୀ, ଭିନସ୍‌ର ଉଲଗ୍ନ ଛବି; ଯାଙ୍କ ଦେଇଛି ସ୍ୱ ତାଙ୍କର ଶୋଇବା ଘରର କାନ୍ଥରେ । ନାସ୍ତି ସେ; କିନ୍ତୁ ଦିନେହେଲେ ତ ଏଇ ରୂପସୀ ଗ୍ରୀସୀୟ ଦେବୀ ମୂର୍ତ୍ତିର ଅନାବୃତ ରୂପକାନ୍ତିକୁ ଦେଖି ଶିହରି ଉଠି ନାହାନ୍ତି ? ସେ ଫୁଲ ଭଲପାନ୍ତି; ସେଥିପାଇଁ ମାଳୀକୁ ମୁଁ ହୁକୁମ ଦେଇ-ଥାଏ ପ୍ରତି ଋତୁରେ ପ୍ରସ୍ଫୁଟିତ ଯେଉଁ ଫୁଲର ସମ୍ଭାର ତନର ମୋର ବଗିଚାରେ ପସରି ମେଲାଏ, ତାହା ସେପରି ସୁନନ୍ଦାର ଟେବୁଲ ଉପରେ ଭାଜା ଆଉ ଗ୍ଲାବର୍ଣ୍ଣ ଗ୍ଲାବରେ ରହି ପାରିବ । ତେଣୁ କୃଷ୍ଣଚୂଡ଼ା, ଗୋଲାପ, ବନ୍ତୁ ତବବାବ, ଥରେ ଥରେ ସୁନନ୍ଦାର ଲଳାଟରେ ମଣ୍ଡଣି ହୋଇଥାଏ ମୁଁ ଦେଖେ । ମୁଁ ଦିଏ, ଦେଉଛି, ଦେଉଛି ତ ସାଜୁଛି; କିନ୍ତୁ ସେ କେଉଁ ଜିନିଷ ମିଶି ନାହାନ୍ତି ?

ତେବେ ତାହିଁକି ଦେବେ ? ସେ ସମ୍ପୂର୍ଣ୍ଣ ଓ ସେ ଅପୂର୍ଣ୍ଣର ବ୍ୟଥା ଜାଣିବ କାହିଁକି ?

ଏ ବ୍ୟବଧାନକୁ ଦୂର କରିବାପାଇଁ ଆମ ଜୀବନରେ କୌଣସି ଅଶ୍ରୁ ନ ଥିଲା । ସୁନନ୍ଦାର ଅଶ୍ରୁ ଭାବ୍ୟ କବିତା ଛବି, ବନ୍ଧୁସଙ୍ଗ, ପୂଜି—ଆଉ ମୋର ଅଶ୍ରୁ, ନିଃସଙ୍ଗ ଜୀବନରେ ଯାହା ହୋଇଥାଏ—କେବଳ ଭାବନା···ମରୁର ସୀମାହୀନ ସୀମା ଭଳି ଅସୀମ ଭାବନା ।

ସେଦିନ ବିଜୟା ଦଶମୀର ପ୍ରଭାତ; ସୁନ୍ଦର ଓ ସୁଖର ପ୍ରଭାତ । ସୁନନ୍ଦା ସକାଳୁ ଗୁଣୁଗୁଣୁ ହୋଇ ତାଙ୍କର କୋଠରୀଟି ସଜାଇବାରେ ଲାଗିଛନ୍ତି । ଗତ ରାତ୍ରିର ଅଳସ ଭାବ ଧୀରେ କଟିଯାଇଛି ତାଙ୍କର ଆଖିପତାରୁ । ଶରତର ସ୍ୱର୍ଣ୍ଣ କିରଣରେ ଚବାଷ ପଥ ହୋଇଛି ରଞ୍ଜିତ ।

ଗୃହସଜ୍ଜା ସରିଛି । ମୁଁ ଅନ୍ୟମନସ୍କ ଭାବରେ ବସି ରହିଛି କାଗଜ୍ ଉପରେ । ଦୂରରେ ଦଶହରା, ମଣ୍ଡପ ଉପରେ ନହବତ୍‌ର ତାନ ତରଙ୍ଗାୟିତ ହୋଇ ବହିଆସୁଛି ଧୀରେ··· ଅତି ଧୀରେ ।

ସୁନନ୍ଦା ସାବୁନରେ ହାତ ଧୋଇ ଧୋଇ କହିଲେ, 'ଏଇ ଯାଃ ଭୁଲିଗଲି, ତୁମ ଲୁନ୍‌ଚ୍ଟରେ ଟିକିଏ ହାଇମାର ଆଣିପାରିଲି ନାହିଁ । କିନ୍ତୁ ତୁମେ ସେଇଁ ଛବିସୁଦ୍ଧା ଆଣିଛ ! ଉଃ କି ଜମ୍ନକର ! ମତେ ବଡ଼ ଭଲ ଲାଗେ । କି ନୂଆ taste !'

ନହବତ୍‌ର ସୁରରେ ମୋର ପ୍ରାଣ ସେପରି ଝଙ୍କୃତ ହୋଇଯାଇଥିଲା । ସୁନନ୍ଦାର କଥାରେ ମୋର ଅର୍ଦ୍ଧଚେତନା ଭାଙ୍ଗିଗଲା, କହିଲି—

ସୁନୁ, ମୁଁ ଜାଣେ ଯେତେବେଳେ ତୁମର ଦୁଃଖର ହ୍ରାସ ପାରୁନି, ମୋର ଜ୍ଞାନ, ମୋର ଧନ, ମୋର ଚେଷ୍ଟା କପରି ବା ତୁମର ପ୍ରିୟ ହେବ ?

'ଏଇ ଖାଲି ବୋଧହୁଏ' କହି ସୁନନ୍ଦା ତାଙ୍କର ଚେତକାଖିରୁ ନସ୍ଥିର ମୋଆଡ଼େ ଚାହିଁଲେ ଥରଟାଏ ।

'ନା ମୁଁ ରାଗି ନାହିଁ । ଯଦି ପାରି ମହାତ୍ମାଙ୍କର ସେଇ ଗୁହାନାଳେ ମୁର୍ତ୍ତିଟି ପେଟ୍ରୋଲ ଦେଇ ସଫା କରି ରଖ । ଖୁକିକୁ କହିଲେ ଘଡ଼ିଟା ପରିଷ୍କାର କରିଦେବ । ଅଚ୍ଛା, କେଉଁ ଛବିଗୁଡ଼ାକ ବଡ଼ ଭୟଙ୍କର ବୋଲି କହୁଛ ସୁନୁ ? ଜହ୍ନକମଣିଙ୍କର ? ବିଶ୍ୱରେ ଯେଉଁ ଗୋଟାଏ ବୋଲି ଲୋକ ହୃଦୟ ଫଟାଇ କନ୍ଦଦେଇ ଚାନ୍ଦ ପାରିଥିଲେ ? ଗୌତମଙ୍କର ମାୟାମୁକ୍ତ ହୋଇ ସନ୍ନ୍ୟାସ ଯାଏ ? ଯାହାଙ୍କର ଅମୃତବାଣୀ ଶତ ସନ୍ତପ୍ତ ପ୍ରାଣରେ ଜରା ଓ ମୃତ୍ୟୁର ଭୟ ଦୂର କରୁଛି ? ଦୀନବନ୍ଧୁ ? ସାହେବ ହେଲେବି ଯେ ମହାଭାରତୀୟ ଅଟନ୍ତି ? ପାର୍ନେଲ ? ଭରଜନ୍ ମେଗ୍ ? ଲାଇଟନ୍ ? ଶିବାଜି ? ଫ୍ଲୋରେନ୍ସ ନାଇଟିଙ୍ଗେଲ ? କାହାକୁ ଭୟ କରୁଛ ?'

ବର୍ଷ ବର୍ଷ ଧରି ଏଇସବୁ ଛବି ମୋର ପ୍ରକୋଷ୍ଠ ଅଳଙ୍କୃତ କରୁଛି । ସୁନନ୍ଦା ଦେଖିଛନ୍ତି, ଜାଣିଛନ୍ତି—ତଥାପି ତାଙ୍କର ଭୟ ? ପୁଣି ପଚାରିଲି—'କେଉଁ ଛବି ଗୁଡ଼ାକ ଭୟର କାରଣ, ମୁଁ ଏବେ ଜାଣି ଦୂର କରିଦେବି । ତୁମର ପରିତୃପ୍ତି ପାଇଁ ମୋର ଏତେଦିନର ଦାନ କୁଣ୍ଡରେ ଗୋଟିଏ ମାଳ ଖଣ୍ଡ ମୁଁ ଛାଡ଼ିଦେଇ ପାରିବି ନା ।'

'ନା ଗୋ, ସେ ସବୁ ଛବି କଥା ମୁଁ କହୁନାହିଁ । ସାତ ଆଠ ଦିନ ତଳେ ଯେଉଁ ସବୁ ଛବି ଖବରକାଗଜରୁ କାଟି

ବଡ଼ ବଡ଼ ପେଷ୍ଟ ବୋର୍ଡରେ ଲଗେଇ ରଖିଛ ସେ ଛବି ସବୁ ସତ ?'

କାବ୍ୟକଳାମୋଦୀ ମୋର ନିଜ ଅଙ୍କଲକ୍ଷ୍ମୀ ଏଇ ବାସ୍ତବ ଛବି ସ୍ରଷ୍ଟାଙ୍କ ଅଳୀକ ବୋଲି ଭାବୁଛ ? କହିଲି—'ସାବୁନ ହାତରେ ଶୁଖିଗଲାଣି, ଧୋଇ ଅସ ।' ହଁ, ମନେପଡ଼ିଲା, ଆଜି ଯେ ଦଶହରା । ମୋର କହିବା ନା, ଆନନ୍ଦ—ତୁମକୁ କଣ ଉପହାର ଦେବା । ଦେବ, କିନ୍ତୁ କଅଣ ଦେବ ?'

ସୁନନ୍ଦା ଅଭିମାନିନୀ । ଏଇ କଥାଟା ସେ କଥାପ୍ରସଙ୍ଗରେ ଉଠେଇବେ ବୋଲି 'ତୁମ ତୁମଠାରେ ହାତଦେଇ ପାରିଲି ନାହିଁ' ଆରମ୍ଭ କରିଥିଲେ; କିନ୍ତୁ କଥାର ସ୍ରୋତ ଧରିଲା ଭିନ୍ନ ଆକାର ।

ସୁନନ୍ଦା ଉତ୍ଫୁଲ୍ଲ ହୋଇ କହିଲେ—'କାହିଁକି ମନେ ପଡ଼ିବ ? ଏ ବର୍ଷ କିନ୍ତୁ ମୁଁ ଛାଡ଼ିବି ନାହିଁ । ଗୋଟିଏ ରେଡ଼ିଓ ଗୋଟିଏ ସେଟ୍ ଡିଭିନିଂ ଇନ୍‌ଫ୍ୟାର୍, ଆଉ ମୋ ପାଇଁ ଦୁଇଖଣ୍ଡ ଦାମିକିଆ ଶାଢ଼ୀ । ତାପରେ ସଞ୍ଜଟାରେ ନିମନ୍ତ୍ରଣ ନିଶ୍ଚୟ । ସେଥିପାଇଁ ଲେମନ୍ ସ୍କ୍ୱାଶ୍ ଦୁଇ ବୋତଲ୍, ଟଫି ଦୁଇଟା, ବାଦାମ, ପେସ୍ତା, ଅଙ୍ଗୁର ସବୁଥିରୁ ଦୁଇ ଦୁଇ ସେର ଆଉ—'

ଥାଉ ସୁନ । ଅଚ୍ଛା କେଉଁମାନେ ନିମନ୍ତ୍ରିତ ହେବେ ?'

ସୁନ ହସି ହସି ଆରମ୍ଭ କଲେ—'ପ୍ରେମରାଜ ବାବୁଙ୍କୁ ନିମନ୍ତ୍ରଣ କରିବା; ସେ ନୂଆ ସବ୍‌ଜଜ୍ ହୋଇ ଆସିଛନ୍ତି । ତାଙ୍କ ସ୍ତ୍ରୀ ସୁଷମା ମୋର ପିଲାଦିନର ସାଥୀ । ଆଉ ସୁମ୍ମି, ମିନା ତାଙ୍କର ଛୋଟ ପୁଅ ଓ ଝିଅ । ତା ପରେ ବଙ୍କିମ ବାବୁ ଫିଡର । ଜୋସେଫ୍ ଗ୍ରହଣ ଓ ତାଙ୍କ ସ୍ତ୍ରୀ ଲିଲି ଗ୍ରହଣ । କହେ ନିଶ୍ଚୟ ସେମାନେ ତମର ଖୁବ୍ ପ୍ରଶଂସା କରନ୍ତି । ପୁଣି

ସଭାରେ ତୁମ୍ଭର ବକ୍ତୃତା ଅବିରଳ ନଚାଲ୍ ଭରି ତାଙ୍କ ଭାଙ୍ଗରେ ଛପେଇ ଥିଲେ । ଚରଣକ୍ଷଙ୍କର ବାବୁ ସନ୍ଦର୍ଭ ଅବ୍ୟାହତ—'

ଏତକବେଳେ—'ମାଆ, ଦୁଃଖିଆ ମାଆ ଦୁଆରେ ଛିଡ଼ା ହୋଇଛି; ତା ପୁଅକୁ ଦୁଧ ଖୁଆଇବ ଟିକିଏ ଶନ ମାଗୁଛି' କହୁ କହୁ ରମ୍ଭୁ ସାଆନ୍ତାଣୀଙ୍କର ଆଦେଶ ଅପେକ୍ଷାରେ ରହିଲା । କଥା କହିଲାବେଳେ ସୁନାଦାକୁ କିଏ ବାଧା ଦେଲେ ସେ ବିରକ୍ତ ହୁଅନ୍ତି । ସାଙ୍ଗେ ସାଙ୍ଗେ ଆଦେଶ ମିଳିଲା—'ନାଁ ଶନ ନାହିଁ ।' ମୁଁ ପଚାରିଲି—ରମ୍ଭୁ, ତାର ପିଲାଟି କେତେ ? ରମ୍ଭୁ ସନ୍ତର୍ପଣରେ ଟିକିଏ ମାଆକୁ ଅନେଇ କହିଲା—'ଏଇ ମାସକର ହେବ । ବଡ଼ ଦୁଃଖ ବାବୁ ତାର; ଦୁଧ ଟିକିଏ ମିଳେନି ନେଇ ସେ ଖାଲି ପାଣିରେ ଶନ ଦେଇ ସେ କଅଁଳା ଛୁଆଟିକୁ ଖାପୁଡ଼େଇ ଦିଏ । ଆପଣ ଥିଲେ ବୋଲି ଲାଜ ମାଡ଼ିଲା ତାକୁ, ସେଥିପାଇଁ ମିଛରେ କହିଲା ଦୁଧ । ମୁଁ ଜାଣେ ଛୁଆଟା ଖାଲି ପାଣି ପିଏ ।'

କାଳିତ ଉପରୁ ମୁଁ ଉଠି ଛିଡ଼ା ହେଲି । ଦୁର୍ଗାମଣ୍ଡପ ଉପରୁ ନହବତ୍‌ର ଧ୍ୱନି ଭାସି ଆସୁଥାଏ । କହିଲି—'ରମ୍ଭୁ, ଟସରେ ଶନ୍ନ ତାକୁ ଦେ । ଆଉ ତାକୁ କହ, ତାର ପିଲା ଦୁଇବର୍ଷ ହେବା ଯାଏ ନିତି ସକାଳେ ଆସି ସେଠରେ ଭାଣ୍ଡଦୁଧ ଘରୁ ନେଇ ଯାଉଥିବ । କଅଣ କହୁଛ ସୁନନ୍ଦା ? ଫେଙ୍ଗାଟା ବନ୍ଦ୍ ଯାଉ ।' ସୁନନ୍ଦା କିଛି କହିବା ପୂର୍ବରୁ ମୁଁ କହୁଥିଲି—'ହଁ, ସବୁ କିଣା ହେବ, ନିମନ୍ତ୍ରଣ ବି ଚାଲିଯିବ । କିନ୍ତୁ ଜିନିଷ ସବୁ କିଣିବାକୁ ତୁମକୁ ମୋ ସାଙ୍ଗରେ ଯିବାକୁ ହେବ ବଜାରକୁ । ମାଇପଙ୍କ ପସନ୍ଦ ଆଗରେ ଆମ ପସନ୍ଦ ପାସଙ୍ଗରେ ପଡ଼େ ? ଶୀଘ୍ର ଉଠିଲ

ହୋଇ ଯାଅ । ଆଉ ବସ୍ତୁ, ତୁ ଡ୍ରାଇବରକୁ କହ ତାର ଷ୍ଟା-ଗ୍ୟାରେଜରେ ରଖି ସେ ଘରକୁ ଯାଉ । ତାର ତ ପୁଣି ପିଲାପିଲି ଅଛନ୍ତି । ଆଜି ସେ ଦଶହରା ।'

'ତାକୁ ମୁଁ ସେ ବଜାର ଯିବ ବୋଲି କହିଲି ?'

ସୁନନ୍ଦା ବ୍ୟଥିତ ଦୃଷ୍ଟିରେ ଏତକ କହି ମୁହଁ ଫେରାଇ ରହିଲେ ।

ମୁଁ ଅଗ୍ରେ କହିଲି—'ଆଜଠୁଁ ଏବେ କୁଳବଧୂଅସୂର୍ଯ୍ୟୀ ନ ହେଲେ କ୍ଷତି କଅଣ ? ତୁମେ ପାଦରେ ଯିବ, ଦେଖିବ, ବୁଝିବ । ଏଥିରେ ତୁମର ଇଞ୍ଜିନିୟର ସ୍ୱାମୀ ଲାଜ ପାଇବେ ନାହିଁ । ତୁମର ବୟସ କଅଣ ?

... ... ...

ସହରର ଛକ ଯାଗାମାନଙ୍କରେ ଜନ ସମାଗମ ବେଶୀ । ଶାରଦୀୟ ପୂଜାର ସମ୍ଭାର ନଗରର ବୁକୁ ଉପରେ ଐନ୍ଦ୍ରଜାଲିକ ଶୋଭା ରଚନା କରନ୍ତୁ । କାହାର ଯେପରି ଅବକାଶ ନାହିଁ, ନାହିଁ ଅବସର କିମ୍ବା ଅବସାଦ । ସୁନନ୍ଦାକୁ ମୋର ପାଖେ ପାଖେ ଚଳେଇ ମୁଁ ଯାଉଛି ତାଙ୍କ ପାଇଁ ପୂଜାର ଉପହାର କିଣିଦେବା ପାଇଁ ।

ହଠାତ୍ କାହିଁକି ସୁନନ୍ଦା ମୋର ଦୃଷ୍ଟି ଆକର୍ଷଣ କରାଇ କହିଲେ—'ଇଃ...ଲୋକେ କେଡେ ଅସନା ପିଲାଟାଏ ମ ?' ମୁଁ ବୋଧହୁଏ ଅନ୍ୟ କଣ ଭାବୁଥିଲି । ସ୍ଥୁଲ ସ୍ଥୁଲ କହିଲି—'କେଉଁ ପିଲା ?'

'ମାଜନ୍ତାଟାଏ, ଦେଖମ ଦେଖମ... ...କୁକୁର ବାନ୍ତସ୍ତଭାବ ତମିତ ଗୁଣ୍ଡି ପକାଉଛି । କହୁ ଲୋକେ, ମାଆଲେ, ଥୁଃ ଥୁଃ ମାଆ କି ତାର କଅଣ ଗାତଗୁଳା ହେବ କ୍ଷଣି

ହୋଇଛନ୍ତି ତାଙ୍କୁ ଅନେଇଛନ୍ତି ଖାଲି ବାଲ୍ଟି ବାଲ୍ଟି କରି ! ଇସ୍… ସ୍ଥିଲ ସ୍ଥିଲମ୍, ମୋ ମୁଣ୍ଡ କଅଣ ହୋଇଯାଉଛି—ସ୍ଥିଲ…।'

ଝୁନଝାର ନିସ୍ତାରିତ ନେତ୍ରର ଦୃଷ୍ଟି ଯେଉଁଆଡେ ତାଙ୍କୁ ଅଭିଭୂତ କରି ସ୍ଥାଣୁ ଭଳି ଛିଡ଼ା କରେଇଛି ସେଇଆଡ଼େ ମୁଁ ଚାହିଁ ଦେଖିଲି ଯାହା ତା ମଣିଷ କେବେ ସପନରେ ଦେଖିଲେ କମ୍ପି ଉଠିବ ।

ଅନାଇ ପାଉଁଶବର୍ଣ୍ଣର ମଣିଷ ପିଲା । ମୁଣ୍ଡଟା ହାଣ୍ଡି ଭଳି; ଉଦରଟା ଫୁଲିଛି ଅସମ୍ଭବ ଭାବରେ । ଆଖି ନାହିଁ କେବଳ ଗାତ ଦୁଇଟା; ଟୋଟାଏ ଧାର ପିମ୍ପୁଡ଼ି ସେ ଗାତ ଦଟା ଆକ୍ରମଣ କରିବାକୁ ଆଗେଇଛନ୍ତି । ହାତଗୋଡ଼ ଗୁଡ଼ିକ ଗୁଡ଼ିଏ ଖଣ୍ଡ ଖାଲି ନଳିଆ କାଠି । ହାଡ଼ ଉପରୁ ଚିପି ହୋଇ-ଯାଇଛି ଚମ । ହନୁ ହାଡ଼ ଦଇଟା ମୁଣ୍ଡ ଖପୁରିରୁ ଅଠ ଅଙ୍ଗୁଳ ଖଣ୍ଡେ ବାହାରି ଆସିଛି । କୁକୁରଟାର ସଦ୍ୟ ବାନ୍ତିରୁ ଯେଉଁ କ୍ଷୀଣ ବାଷ୍ପ ବାହାରୁଛି ତାକୁଇ ଶୁଙ୍ଘି ହତଭାଗା ବାଁ ହାତ ପାପୁଲିରେ ଚୋପା ବାନ୍ତି ଧରି ଡାହାଣ ହାତର ଖଡ଼ିକା ଭଳି ଅଙ୍ଗୁଠିରେ ସେଇ ବାନ୍ତି ଭିତର ଅଧପଚା ତଣ୍ଡୁଳ କେତୋଟା ପାଟିକୁ ପକାଇଦେଉଛି ଟପ୍…ଟପ୍ । ତାର ବୁଭୁକ୍ଷା ଯେପରି ଅପ୍ରତିହତ ··ବିରାଟ । ତା ପରେ ମୁଁ ଦେଖିଲି ଟୋକାଟା ଖତଦାନା ଆଉ ବାନ୍ତି ଭିତରୁ ପାଣ୍ଡି ନ ପାରି ଘୋଷରି ଯାଇ କୁକୁର ବାନ୍ତି ଚୋବାଇଦେଇ ପାପୁଲି ଚାଟିଲା !!

ଘଡ଼ିଟା ମୋର ଧକ୍କା ଲାଗିଲା ହୋଇ ସ୍ପନ୍ଦନହୀନ ହୋଇ-ଗଲା ! ନିଜକୁ ସମ୍ଭାଳି ନେଇ ସାଙ୍ଗକୁ ଅନେଇଲି; ସେ ନାକରେ ରୁମାଲ ଦେଇ ଥୁ ଥୁ କରୁଛନ୍ତି । ହତଭାଗାର ମାଆ ଆଡ଼କୁ ଚାହିଁ

ଦେଖିଲା, ଏକ ହୃଦୟବିଦାରକ ଦୃଶ୍ୟ ! ନର୍ଦ୍ଦମା ଉପରେ ଭାସମାନ ଖଲଖଣ୍ଡେ । ପଡ଼ି ଉଠି ଦାଉଡ଼ି ଅଭାଗୀ ସେ ଖଲଖଣ୍ଡି ଛାଣିଆଣିଲା ପୂତିଗନ୍ଧମୟ ନର୍ଦ୍ଦମାରୁ । ବୋଧହୁଏ, ସେ ଆଶା କରିଥିଲା ବହୁତ; ଭରସା ରଖିଥିଲା ଭାଗ୍ୟ ଉପରେ । ଲେକି-ତସ୍ବର ଭଲ ଖଲଟାକୁ ସାଉଁଟି ଆଣି ମେଲେଇ ଦେଖେ ତ ସବୁ ଶୂନ୍ୟ । ତାର ଆଖି ଆଗରେ ଘନ ଅନ୍ଧାର—ଯେପରି ଶତ ସହସ୍ର ଭୂମଣ୍ଡଳ ସେଇ ମହାଶୂନ୍ୟର ମହାଗ୍ରାସ ଭିତରେ ଲୀନ ହୋଇଯାଉଛନ୍ତି । ଧାଇଁ ଆସିଲା ସେ ରାକ୍ଷସୀ ପରି; ଟୋଟାଏ ନିର୍ଘାତ ନାଭରେ 'ମର ବାଣ୍ଡପଡ଼ା' କହି ପିଲାଟାକୁ ତଳେ ପକାଇ ଦେଲା ଆଉ ପରକ୍ଷଣରେ ହତଭାଗିନୀ ଶୋଷି ଦେଲାଗଲା କୁକୁରର ଚେନ୍ଦମିଶା ପଙ୍କ ଜଳ···ବାନ୍ତି !!

ଡାକିଲି—'ଶୁଣୁଛ ।'

'ଏଁ ।'

'ରେଷ୍ଟୁରେଣ୍ଟ ଦୋକାନ ଆଉ ଦୂରକୁ ଟିକିଏ ଅଛି'

'ରେଷ୍ଟୁରେଣ୍ଟ ?'

'ହୁଁ ।'

'ଯିବ ? ଚାଲ'

ସହରର ରାଜପଥ ଛାଡ଼ି ଗଳି ଭିତରେ ପହଞ୍ଚିଲୁ ମୁଁ ଓ ସୁନନ୍ଦା । ସୁନନ୍ଦାର ପଥଚଲା ଅଭ୍ୟାସ ନାହିଁ । ତାକୁ ବାଧୁଥିଲା ହଠାତ୍ ଶୁଣିଲି କିଏ କହୁଛି—ଦୁଇମାସର ପିଲା; ମାସେ ହେଲା କ୍ଷୀର ମୁହଁ ଦେଖିନି । ମାଆ ଡ଼ାକୁଣୀ ଯାହା ପେଜ ମଣ୍ଡେ ଖାଲି ପିଆଇ ଦେଉ । ପିଲାଟା ତା ଆଖି ତାଳ ଶୋଷି ମାଆ କୋଳରେ କେବଟି ବାଲ ପଡ଼ିଲା ? ହା ଭଗବାନ ! ଆହା !

ମୁଁ ଅଟେଇ ଗ୍ଲଲି—

ସୁନନ୍ଦା ମୋର ହାତ ଧର କହିଲେ 'କୁଆଡ଼େ ଯାଉଛ ?'

'ତାହିଁକ ଶାଢ଼ୀ, ବେଲାଉଜ୍, ତାପରେ ଅଙ୍ଗୁର ପେସ୍ତା ଏ ସବୁ ?'

'ନା ଥାଉ'—ଦେଖିଲି ସୁନନ୍ଦାର ଆଖି ଛଳ ଛଳ। କପୋଳରେ ଝାଳ।

'—ରାମ ନାମ ସତ୍ୟ···ରାମ ନାମ···'

'ଉଃ' କହି ସୁନନ୍ଦା ଚିତ୍କାର କରି ଉଠିଲେ। ମୁଁ ବ୍ୟସ୍ତ ଭାବରେ ଗୋଟାଏ ଚଲନ୍ତା ଟାକ୍ସି ଅଟକାଇ ସୁନନ୍ଦାର ଅନିଚ୍ଛା ସତ୍ତ୍ୱେ ତାଙ୍କୁ ବସାଇ ଡ୍ରାଇଭରକୁ କହିଲି ଚାଲ ବଙ୍ଗଳାକୁ।

ଠିକ୍ ସେତିକିବେଳେ ନିଖିଳ ଶବ ସଂସ୍କାର ସମିତିର ଜଣେ ସେବକ ମତେ ନମସ୍କାର କରି ମଝିର ପାଖେ ଛିଡ଼ା ହେଲେ। ତାଙ୍କ ଉପରେ ସମିତିର ମୁଦା।

'ସାର, ବୁଢ଼ା ଅଠଦିନ ରୋଗରେ ଏଇଷଣି ଟଳି-ପଡ଼ିଲା। ଅଠଦିନ ପିଲା ମଣିଷ ମାଇପି ବୁଢ଼ା ହୋଇ ଦାଣ ପଦର ଉଠେଇବାକୁ ପଡ଼ୁଛି। ଆପଣଙ୍କ ଭଳି ବଦାନ୍ୟ ବ୍ୟକ୍ତିଙ୍କ ପାଖରୁ ଏ ସମିତି କିଛି ସାହାଯ୍ୟ ଭିକ୍ଷା କରେ। ଦେବେ ସାର୍ କିଛି ?'

ସୁନନ୍ଦାର ବେପଥୁ ହାତ ବଢ଼ାଇ ଦେଲା ଦୋଡ଼ଏଟି ଟଙ୍କା। ଆଖିର ପାଣିରେ ତାଙ୍କର ଆଖି ବୁଲିଟି ସେତେବେଳକୁ ଭୁଲି ଯାଇଥିଲା। ଏଭଳି ଭାବପ୍ରବଣ ମାଆଙ୍କୁ ଦେଖି ସେବକଟି ବୋଧହୁଏ ସଙ୍କୁଚିତ ନ ହୋଇ କହିଲା।

'ମାଆ ଏ ହାତ ଅଭିଶପ୍ତ। କେବେ ଶୁଣିଛନ୍ତି କ ଖାଲି ଲୋକ ଉପାସରେ କେଉଁ ହାତ ମରନ୍ତି ? ମଫସଲର

ତାହାଣୀ ନ ଶୁଣିବାହୁଁ ଭଲ । ପଚାଶ ପରେ ପଚାଶ୍, କେବଳ ଅନାହାର ନୁହେଁ ମହାମାରୀ ମାଲେରିଆ । ଅଖାଦ୍ୟ ଖାଇଲେ ପିଣ୍ଡ ରହିବ ତ ମାଆ ? ମୁଁ ଯାଉଁ, ଧନ୍ୟବାଦ···ରାମ ନାମ ସତ୍ୟହେ'···

ଟେକଟି ଗୁଲ୍‌ଗଲା ! ମୁଁ ଚାହିଁଲି; ଅମ୍ଳାନ ବଦନରେ ଟୋକେଇରେ ସେ ହାତ ଦେଇଦେଲା ।

'ସୁନ—' ମୁଁ ଡାକିଲି । ମୋର ଆର୍ଦ୍ର କଣ୍ଠରେ ବୋଧହୁଏ ଡାକଟା ଭୟଙ୍କର ଶୁଭିଥିବ । ସୁନନ୍ଦା ଚମକି ମୋ' ମୁହଁକୁ ଚାହିଁ ରହିଲେ ମୁଁ କହିଲି—

'ଟାଉନ୍ ହଲ୍—ବଙ୍ଗଳାକୁ ନୁହେଁ, ଶାଢ଼ୀ···ଶାଢ଼ୀର ଦୋକାନକୁ—ଅଙ୍ଗୁରଦୋକାନକୁ, ଜଜ୍‌ସାହେବଙ୍କୁ ନିମନ୍ତ୍ରଣ କରାଯିବ ଯେ···'

